R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୦
ତିଥି: ଦ୍ୱାଦଶୀ
୨୫ ଅଗଷ୍ଟ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 320
25 August 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବୈତରଣୀରେ ପୁଣି ବନ୍ୟା ଭୟ

ଭଦ୍ରକ/ଭୁବନେଶ୍ୱର, ୨୪।୮ (ସବ୍ୟୁ): ଦ୍ୱିତୀୟ ବନ୍ୟାରେ ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ପୁଣି ଲଘୁଚାପ ବର୍ଷା ଯୋଗୁ ବୈତରଣୀରେ ବନ୍ୟା ଆଶଙ୍କା ଦେଖାଦେଇଛି। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଆଖୁଆପଦାରେ ବିପଦ ସଙ୍କେତ ଟପିଥିବା ବେଳେ ଆନନ୍ଦପୁରରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଯାଜପୁର ଜିଲ୍ଲାର ବନ୍ୟା ବିପନ୍ନଙ୍କ ଯନ୍ତ୍ରଣା ବଢ଼ିପାରେ ।



■ ଆଖୁଆପଦାରେ ବିପଦ ସଙ୍କେତ ଟପିଲା

■ ଯାଜପୁର, ଭଦ୍ରକରେ ବନ୍ୟା ବିପନ୍ନଙ୍କ ବଢ଼ିବ ଯନ୍ତ୍ରଣା

ଭଦ୍ରକ ଜିଲ୍ଲାର ୬ଟି ବ୍ଲକରେ ବନ୍ୟାଜଳ ଲୋକଙ୍କ ଘର ବୁଡ଼ି ରହିଛି। ଗତ ତିନିଦିନ ହେଲା ଉପର ମୁଣ୍ଡରେ ବର୍ଷା କମ ହେବାରୁ ସାଳନ୍ଦୀ ଓ ବୈତରଣୀ ନଦୀର ଜଳସ୍ତର କମ ରହିଥିଲା । ଶନିବାର ରାତିଠାରୁ ଅନବରତ ବର୍ଷା ଲାଗି ରହିଥିବାରୁ ଏହି ଦୁଇ ନଦୀର ଜଳାସ୍ତର ବଢ଼ି ଯାଇଛି । ଭଦ୍ରକର ରାଜଘାଟ ଠାରେ ରବିବାର ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ତର ବିପଦ ସଙ୍କେତ ପାଖାପାଖି ପ୍ରବାହିତ ହେଉଛି। ସାଳନ୍ଦୀର ବିପଦ ସଙ୍କେତ ୧୭ ଫୁଟର ରହିଥିବା ବେଳେ ସନ୍ଧ୍ୟା ୮ଟା ସୁଦ୍ଧା ଏହାର ଜଳସ୍ତର ୧୫.୭୦ ମିଟର ରହିଛି।

ରାଜ୍ୟରେ ଦୁଇ ଦୁଇଟି ବନ୍ୟାରେ ଚାଷବାସ ହରାଇଛନ୍ତି ୫ ଜିଲ୍ଲାବାସୀ। ବୈତରଣୀ ବନ୍ୟା ୫୦ରୁ ଉର୍ଦ୍ଧ୍ୱର୍ ବ୍ଲକ ପ୍ରଭାବିତ ହୋଇଥିବା ବେଳେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। କାହାର ଘର ଭାଙ୍ଗି ଯାଇଛି ତ ଆଉ କିଏ ଚାଷ ହରାଇଛି। ଏପରିକି ସ୍କୁଲ ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମଧ୍ୟରେ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ପାଇଁ ୧ ହଜାର କୋଟି ଟଙ୍କା ସହାୟତା ଘୋଷଣା (୯ ପୃଷ୍ଠାରେ)

### ବର୍ଷା, ବନ୍ୟା ପରିସ୍ଥିତି ନେଇ ସରକାର ସଜାଗ

ଭୁବନେଶ୍ୱର, ୨୪।୮ (ସବ୍ୟୁ) : ରାଜ୍ୟରେ ଲଘୁଚାପଜନିତ ବର୍ଷା ଓ ବନ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାର ନିରନ୍ତର ନଜର ରଖିଛନ୍ତି। ଆଜି ୨୪ ଅଗଷ୍ଟ ୨୦୨୬ ସକାଳ ୧୧ଟା ସୁଦ୍ଧା ପ୍ରାପ୍ତ ସ୍ଥିତି ଅନୁଯାୟୀ, ସମଗ୍ର ପରିସ୍ଥିତିକୁ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ୨୪ ଘଣ୍ଟା ନିରୀକ୍ଷଣ କରାଯାଉଛି। ସମ୍ପ୍ରତି ସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଉତ୍ତର ଉପକୂଳ ଓଡ଼ିଶା ଏବଂ ସଂଲଗ୍ନ ଅଞ୍ଚଳ ଉପରେ ସୃଷ୍ଟ ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ସଂଲଗ୍ନ ଅଞ୍ଚଳ ଉପରେ ଅବସ୍ଥିତ ରହିଛି। ଏହା ଆଗାମୀ ୨୪ ଘଣ୍ଟାରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହାସହ ଏହି ଜିଲ୍ଲାଗୁଡ଼ିକରେ ବଜ୍ରପାତ ସହ ଘଡ଼ଘଡ଼ି ଓ ଘଣ୍ଟା (୯ ପୃଷ୍ଠାରେ)

### ଆସୁଛି ଆଉ ୩ ଲଘୁଚାପ

## ସେପ୍ଟେମ୍ବର ଅଧା ଯାଏଁ ନିସ୍ତାର ନାହିଁ

ଭୁବନେଶ୍ୱର, ୨୪।୮ (ସବ୍ୟୁ): ରାଜ୍ୟରେ ଲଘୁଚାପ ଯୋଗୁ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝରର ଯୋଡା ଠାରେ ୧୬୯ ମିମି ବର୍ଷା ହୋଇଥିବା ବେଳେ ନବରଙ୍ଗପୁରର ପାପଡାହାଣ୍ଡିରେ ୧୫୮ ମିମି, ବରଗଡ଼ର ପାଇକମାଳରେ ୧୨୦ ମିମି, ମୟୂରଭଞ୍ଜର କୁସୁମିରେ ୧୧୭ ମିମି ବର୍ଷା ରେକର୍ଡ କରାଯାଇଛି। ଏଥି ସହିତ ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବା ଜଣାପଡିଛି। ଆସନ୍ତା ସେପେଟମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ଧାଡିକି ଧାଡି ତିନୋଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି ।

ଭାରତୀୟ ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ଅଗଷ୍ଟ ୨୯ ତାରିଖ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି। ଫଳରେ ସାରା ରାଜ୍ୟରେ ଭଲ ବର୍ଷା ହେବ। ସେହିପରି ସେପେଟମ୍ବର ପ୍ରଥମ ସପ୍ତାହରେ ଆଉ ଲଘୁଚାପ ସୃଷ୍ଟି ହୋଇପାରେ। ଦ୍ୱିତୀୟ ସପ୍ତାହରେ ମଧ୍ୟ ନୂଆ ଲଘୁଚାପ ସୃଷ୍ଟି ହେବା ସହ ସେପେଟମ୍ବର ୧୫ ତାରିଖ ସୁଦ୍ଧା ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯାଇଛି।

ଆସନ୍ତାକାଲି (ମଙ୍ଗଳବାର) ବିଶେଷ ବଡ଼ ବର୍ଷା ନାହିଁ ତଥାପି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ା ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ହାଲୁକାରୁ ମଧ୍ୟମଧରଣ ବର୍ଷା ହେବାର ସମ୍ଭାବନା ଅଛି। ୨୪ ତାରିଖ ସକାଳ ୮.୩୦ ସୁଦ୍ଧା ଝରି ଗାଁରେ ୧୧୨ ମିମି, ଜୋସିପୁରରେ ଅ-୮ ମିମି, ତେଲକୋଇରେ ୧୦୬ ମିମି, ଚମ୍ପୁଆରେ ୧୦୩ ମିମି, ନରାଜରେ ୯୮ ମିମି ଓ ଜୟପୁରରେ ୯୬ ମିମି ବର୍ଷା ରେକର୍ଡ କରାଯାଇଛି ।

### ଜଳ, ଆକାଶ ପଥରେ ସର୍ଚ୍ଚ ଅପରେସନ୍ ଜାରି

## ଓସେନ୍ ୱିନର ଜାହାଜର ପତ୍ତା ମିଳୁନି

ପାରାଦୀପ, ୨୪।୮ (ଜିପ୍ର) : ପାରାଦୀପ ବନ୍ଦରରୁ ୨୦ ତାରିଖ ବିଳମ୍ବିତ ରାତ୍ରିରେ ଲୁହାପଥର ନେଇ ଚାଇନା ଅଭିମୁଖେ ଯାଉଥିବା ଜାହାଜ ମଝି ସମୁଦ୍ର ମଧ୍ୟରେ ବୁଡି ଯିବାର ଇତିମଧ୍ୟରେ ୮୦ ଘଣ୍ଟା ବିତିଲାଣି । ଜାହାଜରେ ଥିବା ୨ ନାବିକ ଉଦ୍ଧାର ହୋଇଥିଲେ ମଧ୍ୟ ଅନ୍ୟ ୨୨ ନାବିକଙ୍କ ପତ୍ତା ମିଳୁନି କିମ୍ବା ଏପର୍ଯ୍ୟନ୍ତ ଜାହାଜକୁ ଠାବ କରାଯାଇ ପାରୁନାହିଁ । ଜାହାଜକୁ ମଝି ସମୁଦ୍ରରେ ଖୋଜିବା ନିମନ୍ତେ ଭାରତୀୟ ତଟରକ୍ଷୀ ବାହିନୀର ଜଳ ପଥରେ ୩ ଯୁଦ୍ଧ ଜାହାଜ ଓ ଆକାଶ ମାର୍ଗରେ ଏୟାରକ୍ରାଫଟକୁ ନିୟୋଜିତ କରାଯାଇଛି । ବାୟୁ ସେନାର ଲଢୁଆ ବୋଇଙ୍ଗ ବିମାନ ପି - ୮୧ ମଧ୍ୟ ସମୁଦ୍ର ମଧ୍ୟରେ ଲଗାତାର ପଇଁତରା ମାରିବାରେ ବ୍ୟସ୍ତ କିନ୍ତୁ ସବୁ ଚେଷ୍ଟା ପରେ ମଧ୍ୟ ଜାହାଜକୁ ଠାବ କରିବାରେ ସମସ୍ତେ ଅସମର୍ଥ । ୧୯୯୮ ମସିହାରେ ନିର୍ମିତ ଏହି ଜାହାଜଟି ୨୮ ବର୍ଷରେ ପହଂଚି ଥିବା ବେଳେ ଓଭର ଲୋଡିଂ ଏବଂ ଅତ୍ୟଧିକ ପୁରୁଣା ହେତୁ ସହନଶୀଳ କ୍ଷମତା ହରାଇଥିବା କାରଣରୁ ହଠାତ ଭାଙ୍ଗି ଦୁଇ ଖଣ୍ଡ ହୋଇ ଯାଇଥିବା ମଧ୍ୟ ଅନୁମାନ କରାଯାଇପାରେ ।

ତେବେ ଜାହାଜ ଦୁଇ ଭାଗରେ ବିଭକ୍ତ ହୋଇ ଅଲଗା ଅଲଗା ଦିଗରେ ସମୁଦ୍ରର ଭିତର ସ୍ରୋତରେ ଠେଲି ହୋଇ ଦୁରକୁ ଦୁରକୁ ଚାଲି ଯାଉଥିବା ବୋଲି ମଧ୍ୟ କେହି କେହି ଅନୁମାନ କରୁଛନ୍ତି । ସାଧାରଣତଃ ଗୋଟିଏ ଜାହାଜ ବୁଡିଯିବା ଅନେକ ଘଣ୍ଟା ଲାଗିଥାଏ । ୨୨୫ ମିଟର ଲମ୍ବା ଓ ୩୨.୨୬ ମିଟର ଉଚ୍ଚତା ବିଶିଷ୍ଟ ଜାହାଜ ସମୁଦ୍ରରେ ବୁଡିଯିବା ଯେତିକି ସମୟ ଲାଗିବ, ସେହି ସମୟ ଭିତରେ ଜାହାଜରେ ଥିବା ଲାଇଫ ରାଫଫ ଓ ଲାଇଫ ବୋଟ ସହାୟତାରେ ସମସ୍ତ ୨୪ ନାବିକ ସେମାନଙ୍କ ଜୀବନ ବଞ୍ଚାଇ ଆଖ ପାଖରେ ଭାସମାନ ଅବସ୍ଥାରେ ଘୁରି ବୁଲୁ ଥାନ୍ତେ । ଜାହାଜ ବୁଡ଼ିଗଲେ ଜାହାଜ ଭିତରେ ଥିବା ଲାଇଫ ରାଫଫ ସତପ୍ରବୃତ ଭାବେ ଭାସମାନ ସ୍ଥିତିକୁ ଆସିଥାଏ ଓ ସେଥିରେ ନାବିକ ମାନେ ନିଜ ଜୀବନ ବଞ୍ଚାଇବାକୁ ସକ୍ଷମ ହୁଅନ୍ତି।

ସେହିପରି ଲାଇଫ ବୋଟ ଜାହାଜ ଭିତରୁ କାଢି ତାକୁ ସମୁଦ୍ର ମଧ୍ୟକୁ ଆଣିବାକୁ ସମୟ ଆବଶ୍ୟକତା ଥିବା ବେଳେ ଯଦି ଜାହାଜଟି (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ୯୫% ସମାଧାନ

## ସହାନୁଭୂତି, ସମବେଦନା ଆମ ଶାସନର ମୂଳନୀତି

ଭୁବନେଶ୍ୱର, ୨୪।୮ (ସବ୍ୟୁ) : ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି- ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ଆଜି ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି କହିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୦ଜଣ ବରିଷ୍ଠ ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଶୁଣି ତା'ର ସମାଧାନ କରିବାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯେଉଁଠି ଲୋକଙ୍କ ସମସ୍ୟା ଅଛି, ଆମ ସରକାର ସେଠାରେ ନିଶ୍ଚୟ ପହଞ୍ଚିଥାନ୍ତି। ବନ୍ୟା, ବାତ୍ୟା, ମରୁଡି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ଲୋକଙ୍କ ପାଖରେ ଆମେ ପହଞ୍ଚୁଛୁ ଓ ସେମାନଙ୍କୁ ସହାୟତା (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କ ସହ ୧୦ ମନ୍ତ୍ରୀ ଅଭିଯୋଗ ଶୁଣିଲେ

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇ ଚାଷୀ ମୃତ

ଜଗତସିଂହପୁର ୨୪।୮ (ସବ୍ୟୁ) : ସଦର ଥାନା ବେନୁଖଣ୍ଡା ଗାଁରେ ଅଘଟଣ । ବିଲରେ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଦୁଇ ଚାଷୀଙ୍କ ମୃତ୍ୟୁ । ମୃତ ଦୁଇ ଚାଷୀ ବେନୁଖଣ୍ଡା ଗାଁର ନିରଞ୍ଜନ ଭୋଇଙ୍କ ପୁଅ ସାଗର ଭୋଇ (୨୬)ଓ ରବୀନ୍ଦ୍ର ସାହୁଙ୍କ ପୁଅ ଅଜୟ ସାହୁ (୨୫) । ଉଭୟଙ୍କୁ ଜଗତସିଂହପୁର ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣାଯାଇଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

ବେଆଇନ ଓ ବେପରୁଆ ବିଦ୍ୟୁତ ସଂଯୋଗ ଦୁଇ ଚାଷୀ ଙ୍କ ମୃତ୍ୟୁ ନେଇ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ବେନୁ ଖଣ୍ଡା ଗାଁରେ ବିଲରେ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଦୁଇ ଯୁବ ଚାଷୀଙ୍କ ମୃତ୍ୟୁ ଘଟଣାକୁ ନେଇ ଉତେଜନା ପ୍ରକାଶ ପାଇଛି । ମୃତକଙ୍କ ପରିବାରକୁ କ୍ଷତି ପୁରଣ ସହ ମାଟିତଳେ ବେଆଇନ ଭାବରେ ବିଦ୍ୟୁତ ତାର ବିଛାଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ୟକ୍ତ ଗ୍ରାମବାସୀ ମାନେ ଜଗତସିଂହପୁର ଥାନା ଛକ ନିକଟରେ ମୁଖ୍ୟ ରାସ୍ତା ରେ ଦୁଇ ମୃତଦେହ ରଖି (୯ ପୃଷ୍ଠାରେ)

### ଏସ୍‌ଆଇଆର୍‌କୁ ନେଇ ଚିଦାମ୍ବରମ୍‌ଙ୍କ ବିବାଦୀୟ ବୟାନ

## ୧୦ କୋଟି ନାଗରିକ ହରାଇବେ ମତଦାନ ଅଧିକାର

ନୂଆଦିଲ୍ଲୀ, ୨୪।୮ : ଏସଆଇଆର ଯୋଗୁଁ ଦେଶର ୧୦ କୋଟି ଲୋକ ନାଗରିକ ରହିବେ । ହେଲେ ସେମାନଙ୍କର ମତଦାନ ଅଧିକାର ରହିବ ନାହିଁ। କଂଗ୍ରେସ ନେତା ପି ଚିଦାମ୍ବରମ୍ ଏଭଳି ଏକ ବୟାନ ଦେଇଛନ୍ତି। ଏହି ବୟାନକୁ ନେଇ ବିବାଦ ଆରମ୍ଭ ହୋଇଛି ।

ଚିଦାମ୍ବରମ୍ ଉଲ୍ଲେଖ କରିଛନ୍ତି ଯେ, ଭାରତୀୟ ନିର୍ବାଚନ କମିଶନ



ଆଣିଥିବା ଏସଆଇଆର ପ୍ରକ୍ରିୟାରେ ଜନସଂଖ୍ୟାର ୧୦ ପ୍ରତିଶତ ଅର୍ଥାତ୍ ୧୦ କୋଟି ଲୋକ ନାଗରିକ ରହିବେ ଓ ଭୋଟ ଦାନ ଅଧିକାର ରହିବ ନାହିଁ। ଇଜିପ୍ଟ ଓ ୟୁଏଇରେ ଭାରତର ରାଷ୍ଟ୍ରଦୂତ ଥିବା ପୂର୍ବତନ କୂଟନୀତିଜ୍ଞ ନଭଦୀପ ସୁରି ପଞ୍ଜାବରେ ଏହି ପ୍ରକ୍ରିୟା ଯୋଗୁଁ ନାଗରିକତା ପ୍ରମାଣ କରିବାରେ ହୋଇଥିବା ଅସୁବିଧାକୁ (୯ ପୃଷ୍ଠାରେ)

### ମାଓବାଦୀଙ୍କୁ ଜେରା

## ମିଳିଲା ଡମ୍ପ ବିଷୟରେ ସୂଚନା

ସୁନ୍ଦରଗଡ଼, ୨୪।୮ (ସବ୍ୟୁ): ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଜେରା ସମୟରେ ମିଳିଲା ମାଓ ଡମ୍ପ ବିଷୟରେ ସୂଚନା ମିଳିଥିଲା । ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅଧୀନସ୍ଥ ସିଲକୁଟା ରିଜର୍ଭ ଫରେଷ୍ଟରେ ଏକ ଗୁପ୍ତ ମାଓ ଡମ୍ପ ଥିବା ସମ୍ପର୍କରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଜେରା ସମୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା ।

ମିଳିଥିବା ସୂଚନା ଆଧାରରେ ଡିଭିଏଫ ଏବଂ ବିଡିଡିଏସର ଏକ ମିଳିତ ଦଳ ଅପରେସନ ଆରମ୍ଭ କରିଥିଲେ । ଏହି ଅପରେସନ ସମୟରେ ଦଳ ଜଙ୍ଗଲରେ ମାଓ ଡମ୍ପର ସନ୍ଧାନରେ ଲାଗି ପ ମିଳିଥିବା ମାଓ ଡମ୍ପରୁ ମାଓବାଦୀଙ୍କ ବିଭିନ୍ନ ଅସ୍ତ୍ରଶସ୍ତ୍ର ସହିତ ଗୁଳିଗୋଳା, ବିସ୍ଫୋରକ, ମାଓ ପୁସ୍ତକ ଏବଂ ବିଭିନ୍ନ ମାଓ ଶିବିର ସମ୍ବନ୍ଧୀୟ ଆର୍ଟିକଲ, ୱାକିଟକି, ଚାର୍ଜର ଆଦି ଜବତ କରାଯାଇଛି । ମାଓ ନେଟ୍‌ୱାର୍କଗୁଡ଼ିକୁ ଭାଙ୍ଗିବା ପାଇଁ ଲୁଚି (୯ ପୃଷ୍ଠାରେ)

## ପୁଣି ଆନ୍ଦୋଳନ ଲାଗି ସିଜେପି ସଜାବାଜ

ନୂଆଦିଲ୍ଲୀ, ୨୪।୮ : କକ୍ରୋଚ ଜନତା ପାର୍ଟି (ସିଜେପି) ପୁଣି ଆନ୍ଦୋଳନ କରିବ। ସରକାର ଜେନ୍ -ଜିଙ୍କ ସହ ବିଶ୍ୱାସଘାତ କରିଛନ୍ତି ବୋଲି ସିଜେପି ଅଭିଯୋଗ କରିଛି। ଯନ୍ତରମନ୍ତର ଆନ୍ଦୋଳନର ମାସକ ପରେ ପୁଣି ସିଜେପି ଆନ୍ଦୋଳନ ପାଇଁ ସଜବାଜ ହୋଇଛି। ଆସନ୍ତା ୫ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ଠାରୁ ଦିଲ୍ଲୀ ପୋଲିସ ମୁଖ୍ୟାଳୟରେ ଯୁବକମାନେ ଶୋଭାଯାତ୍ରା କରିଯିବେ। କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ କରୁନାହାଁନ୍ତି ବୋଲି ଅଭିଯୋଗ ହୋଇଛି ।

ସିଜେପି ମୁଖପାତ୍ର ସୌରଭ ଦାସ କହିଛନ୍ତି ଯେ, ଯୁବ ପ୍ରତିବାଦକାରୀ



ଓ ଜେନ୍ -ଜୀଙ୍କ ଉପରେ ହୋଇଥିବା ବିଶ୍ୱାସଘାତକୁ ଆମେ ଗ୍ରହଣ କରିପାରିବୁ ନାହିଁ। ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଯେଉଁ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରିଥିଲେ ତାଙ୍କ ପରିବାରପ୍ରତି ମଧ୍ୟ ବିଶ୍ୱାସ ଘାତ କରାଯାଇଛି। ଜୁଲାଇ ୨୫ରେ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଗ୍ରହଣ କରିନାହାଁନ୍ତି। ସିଜେପିର ଜାତୀୟ କାର୍ଯ୍ୟକାରୀ କମିଟି କେନ୍ଦ୍ର ସରକାରଙ୍କ ଉପରେ ସନ୍ଦେହ ପ୍ରକାଶ କରିଛି। ଏହାର ପ୍ରତିବାଦରେ ଇଣ୍ଡିଆ ଗେଟ୍ ଠାରୁ ଦିଲ୍ଲୀ ପୋଲିସ ମୁଖ୍ୟାଳୟ ଯାଏ ଶୋଭାଯାତ୍ରା ହେବ। ଯେଉଁ ନିଟ୍ ଆଶାର୍ଥୀମାନେ ଆତ୍ମହତ୍ୟା କରିଥିଲେ ସେମାନଙ୍କ ପରିବାରବର୍ଗ ମଧ୍ୟ ଏଥିରେ ସାମିଲ ହେବେ। ଜୁନ୍ ୨୦ରେ ସିଜେପି ଯନ୍ତରମନ୍ତରରେ (୯ ପୃଷ୍ଠାରେ)

**୫ରେ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୋଲିସ ମୁଖ୍ୟାଳୟ ଶୋଭାଯାତ୍ରା**

**ସରକାର ପ୍ରତିଶ୍ରୁତି ଅନୁଯାୟୀ ପୂରଣ କଲେନି ଦାବି**

### ଅନ୍‌ଲାଇନ ଟ୍ୟାକ୍ସିଚାଳକଙ୍କ ଆନ୍ଦୋଳନ

## ରଦ୍ଦ ହେବ ଜବତ ଗାଡ଼ିର ପଞ୍ଜୀକରଣ

ଭୁବନେଶ୍ୱର, ୨୪।୮ (ସବ୍ୟୁ) : ଅନ୍‌ଲାଇନ୍ ଟ୍ୟାକ୍ସିଚାଳକଙ୍କ ଆନ୍ଦୋଳନ ଉଗ୍ର ରୂପ ନେବା ପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ପୋଲିସ ୧୧୩ରୁ ଊର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଗିରଫ କରିଥିବା ବେଳେ ୩୮୦ଗାଡି ଜବତ ହୋଇଥିଲା । ଜବତ ଗାଡିର ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଥିଲା । ନୋଟିସ୍‌ର ଶେଷ ତାରିଖ ସୋମବାର ଥିବାବେଳେ ମାତ୍ର ୨୫ଜଣ ଉତ୍ତର ରଖିଛନ୍ତି । ଜବତ ହୋଇଥିବା ବହୁ ଗାଡିର ଫିଟ୍‌ନେସ୍ ସାର୍ଟିଫିକେଟ୍ ଓ ଇନ୍‌ସ୍ୟୁରାନ୍ସ ନଥିବା ତଦନ୍ତରୁ ଆର୍‌ଟିଓ ଜାଣିପାରିଛନ୍ତି ।



ଯେଉଁସବୁ ଗାଡି ଜବତ ହୋଇଛି, ସେହି ଗାଡି ମାଲିକମାନଙ୍କୁ ପଞ୍ଜୀକରଣ ପ୍ରମାଣପତ୍ର (ରେଜିଷ୍ଟ୍ରେସନ ସାର୍ଟିଫିକେଟ୍) ରଦ୍ଦ କରାଯିବା ପାଇଁ ନୋଟିସ୍ ହେବ ବୋଲି ଆର୍‌ଟିଓ କାର୍ଯ୍ୟାଳୟ ସୂତ୍ରରୁ ଖବର ମିଳିଛି । (୯ ପୃଷ୍ଠାରେ)




# କେଜିଆଙ୍କ ବାଜିମାତ୍

ଜୟପୁରର ଜି-ଷ୍ଟୁଡିଓରେ ଆୟୋଜିତ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬ର ଫାଇନାଲ୍‌ରେ ଦେଶର ୫୨ ଜଣ ସୁନ୍ଦରୀଙ୍କୁ ପଛରେ ପକାଇ କେରଳର ୧୯ ବର୍ଷୀୟା କେଜିଆ ଲିଜ୍ ମେଜୋ ବିଜେତା ହୋଇଛନ୍ତି । ଏହି ପ୍ରତିଯୋଗିତାରେ ତାମିଲନାଡୁର ବୈଷ୍ଣବୀ ଗଣେଶ ପ୍ରଥମ ରନର୍ସ-ଅପ୍ ଏବଂ ଗୁଜରାଟର ଅନୁଶ୍ରୀ ସାତବଲେକର ଦ୍ୱିତୀୟ ରନର୍ସ-ଅପ୍ ଘୋଷିତ ହୋଇଛନ୍ତି । ପୂର୍ବତନ ମିସ୍ ୟୁନିଭର୍ସ ସୁସ୍ମିତା ସେନ୍, ଉର୍ବଶୀ ରାଉତେଲା, ସେଲିନା ଜେଟଲୀ, ପ୍ରଜ୍ଞା କପୁର ଓ ନିଖିଲ ଆନନ୍ଦ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିବା ଏହି ଗ୍ରାଣ୍ଡ ଫିନାଲେରେ କେଜିଆ ବିଜୟ ମୁକୁଟ ପିନ୍ଧିଥିଲେ । ବିଜୟ ପରେ କେଜିଆ କହିଛନ୍ତି ଯେ ଏହା କେବଳ ଏକ ସଫଳତା ନୁହେଁ, ବରଂ ଏକ ବଡ଼ ଦାୟିତ୍ୱ ଏବଂ ସେ ବିଶ୍ୱ ମଞ୍ଚରେ ଭାରତର ସଂସ୍କୃତି ଓ ଯୁବଶକ୍ତିକୁ ସଠିକ୍ ଭାବେ ପ୍ରତିଫଳିତ କରିବେ । ଏହି ସଫଳତା ସହ କେଜିଆ ଚଳିତ ବର୍ଷ ଶେଷରେ ପୁଏର୍ତୋ ରିକୋଠାରେ ଅନୁଷ୍ଠିତ ହେବାକୁ ଥିବା ୭୫ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିବେ ।




ସ୍ୱିଜରଲ୍ୟାଣ୍ଡର ଇପିଏଫଏଲ ଅନୁଷ୍ଠାନର ଗବେଷକମାନେ ଶବ୍ଦ ତରଙ୍ଗ ସାହାଯ୍ୟରେ ଚାଲିପାରୁଥିବା କ୍ଷୁଦ୍ର ଡ୍ରୋନ୍ ଏବଂ ମଡେଲ ବୋଟ୍ ଉଦ୍ଭାବନ କରିଛନ୍ତି । ଏହି ମାଇକ୍ରୋ-ଡ୍ରୋନ୍‌ଗୁଡ଼ିକରେ କୌଣସି ମୋଟର, ଗିୟର କିମ୍ବା ଚୁମ୍ବକୀୟ ଅଂଶ ବ୍ୟବହାର କରାଯାଇ ନାହିଁ । ଏଥିରେ ସ୍ୱତନ୍ତ୍ର 'କ୍ୟାଭିଟି' ରହିଛି ଯାହା ହେଲ୍ମହୋଲ୍ଟଜ୍ ରେଜୋନାନ୍ସ ପ୍ରକ୍ରିୟା ମାଧ୍ୟମରେ ଶବ୍ଦ ତରଙ୍ଗକୁ ଗତିଶୀଳ ଶକ୍ତିରେ ପରିଣତ କରିଥାଏ । ଭିନ୍ନ ଭିନ୍ନ ଫ୍ରିକ୍ୱେନ୍ସିର ଶବ୍ଦ ପ୍ରୟୋଗ କରି ଏହି କ୍ଷୁଦ୍ର ଡ୍ରୋନ୍ ଓ ବୋଟ୍‌ଗୁଡ଼ିକୁ ବାୟୁ ଏବଂ ଜଳରେ ସହଜରେ ବିଭିନ୍ନ ଦିଗକୁ ପରିଚାଳିତ କରାଯାଇପାରୁଛି । ଇପିଏଫଏଲର 'ମାଇକ୍ରୋବ୍ସ' ଲ୍ୟାବୋରେଟରୀର ଅଧିକାରୀଙ୍କ ଅନୁଯାୟୀ, ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ଭବିଷ୍ୟତରେ ଶବ୍ଦ ଶୁଣି ନିଜର ଆକାର ଓ ଗତି ବଦଳାଇପାରୁଥିବା ଅତ୍ୟନ୍ତ ଆକର୍ଷଣୀୟ ଏବଂ ହାଲୁକା ଏରୋଡାଇନାମିକ୍ ରୋବୋଟ୍ ନିର୍ମାଣ କରାଯାଇପାରିବ । ଡ୍ରୋନଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।

# ଶବ୍ଦ ତରଙ୍ଗରେ ଚାଲୁଛି ଡ୍ରୋନ



ପଞ୍ଜାବର ମୋଗା ସହରର ଦବିନ୍ଦରପାଲ ସିଂହ ନାମକ ଜଣେ ବ୍ୟକ୍ତି ପ୍ରାୟ ୫ ମାସ ପୂର୍ବେ ୩୧.୫୦ ଲକ୍ଷ ଟଙ୍କାରେ ଏକ ଇନୋଭା ହାଇକ୍ରସ୍ ଜେଡଏକ୍ସ କାର୍ କିଣିଥିଲେ । ମାତ୍ର ବାରମ୍ବାର ଶୋ'ରୁମ୍ ଓ କମ୍ପାନୀ ସହ ଯୋଗାଯୋଗ କରିବା ସତ୍ତ୍ୱେ କାର୍‌ର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ହୋଇପାରିନଥିଲା । ନୂଆ ନିୟମ ଆଳରେ ଶୋ'ରୁମ୍ ତାଙ୍କଠାରୁ ଅତିରିକ୍ତ ୫୪ ହଜାର ଟଙ୍କା ନେଇଥିଲେ ମଧ୍ୟ ଆରଟିଓ ଯାଞ୍ଚ ସମୟରେ ବିଲ୍ ଏବଂ ରେକର୍ଡ ରାଶି ମଧ୍ୟରେ ଫରକ ବାହାରିବାରୁ ରେଜିଷ୍ଟ୍ରେସନ୍ ଅଟକି ଯାଇଥିଲା । ସମସ୍ୟା ଜଣାଇବାରୁ ଜଣେ କର୍ମଚାରୀ ତାଙ୍କୁ ଥଟ୍ଟାରେ "ବେଶି ତରବର ଅଛି ଯଦି ଗାଡ଼ିରେ ଘାସ-ନଡ଼ା ବୁହାବୋହି କର" ବୋଲି ପରାମର୍ଶ ଦେଇଥିଲେ । ଯେଉଁଥିରେ ଅସନ୍ତୁଷ୍ଟ ହୋଇ ଦବିନ୍ଦରପାଲ କାର୍ ଉପରେ ଘାସ ଲୋଡ୍ କରି ବଳଦ ଦ୍ୱାରା ତାହାକୁ ଟଣାଇ ଶୋ'ରୁମ୍ ଆଗରେ ଏକ ନିଆରା ପ୍ରତିବାଦ କରିଥିଲେ । ବର୍ତ୍ତମାନ ସେ କାର୍ ଫେରାଇ ଟଙ୍କା ଫେରସ୍ତ ମାଗୁଥିବା ବେଳେ ଏଜେନ୍ସି କିମ୍ବା ଟୟୋଟା କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ।

# ନିଆରା ପ୍ରତିବାଦ



ରକ୍ଷାବନ୍ଧନ ପର୍ବରେ ରାଖି ବାନ୍ଧିବା ପରେ ସମ୍ବେଦନଶୀଳ ତ୍ୱଚା (ସେନ୍ସିଟିଭ୍ ସ୍କିନ୍) ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଚର୍ମ ଆଲର୍ଜି ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ । ରାଖି ବାନ୍ଧିବା ପରେ ହାତ କୁଣ୍ଡାଇ ହେବା, ଲାଲ ପଡିଯିବା, ଫଳିଯିବା ଭଳି ସମସ୍ୟା ଦେଖିବାକୁ ମିଳେ । ତେବେ ଏହି ସମସ୍ୟା ରାକ୍ଷୀ କେତେ ସମୟ ବନ୍ଧା ହୋଇ ରହିଛି, କେତେ ଝାଳ ଜମିଛି, ସୂତା କେତେ ଶକ୍ତ ଭାବେ ବନ୍ଧାଯାଇଛି ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କର ପୂର୍ବରୁ ଆଲର୍ଜି ସମସ୍ୟା ଅଛି କି ନାହିଁ ତାହା ଉପରେ ନିର୍ଭର କରେ । ଯଦି ଏହି ସମସ୍ୟା ସାମୟିକ ହୋଇ ଆପେ ଆପେ ଠିକ୍ ହୋଇଯାଏ ତେବେ ଚିନ୍ତାର କାରଣ ନାହିଁ, ମାତ୍ର ଏହା ଦୀର୍ଘସମୟ ଧରି ରହିଲେ କିମ୍ବା ବଢ଼ିଲେ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ । ମୁଖ୍ୟତଃ ରାଖିରେ ବ୍ୟବହୃତ ସିନ୍ଥେଟିକ୍ ସୂତା, କେମିକାଲ୍ ରଙ୍ଗ, ଗ୍ଲିଟର, ପ୍ଲାଷ୍ଟିକ୍ ଏବଂ ନିକେଲ୍, କୋବାଲ୍ଟ କିମ୍ବା କ୍ରୋମିୟମ୍ ଭଳି ଶସ୍ତା ଧାତବ ଉପାଦାନ ତ୍ୱଚାର ସଂସ୍ପର୍ଶରେ ଆସି ଏହି ଆଲର୍ଜି ସୃଷ୍ଟି କରିଥାନ୍ତି । ଅଧିକ ଶକ୍ତଭାବେ ବାନ୍ଧିବା ଓ ଝାଳ ଯୋଗୁଁ ହେଉଥିବା ସାଧାରଣ କୁଣ୍ଡିଆ ରାଖି ଖୋଲିବା ଓ ତ୍ୱଚା ସଫା କରିବା ଦ୍ୱାରା ଠିକ୍ ହୋଇ ଯାଉଥିବା ବେଳେ କେମିକାଲ୍‌ଜନିତ ସ୍କିନ୍ ଆଲର୍ଜି ରାଖି ଖୋଲିବା ପରେ ବି ବଢ଼ିଥାଏ ଏବଂ ଏଥିପାଇଁ ଡାକ୍ତରୀ ଚିକିତ୍ସାର ପ୍ରୟୋଜନ ପଡ଼ିଥାଏ । ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ୧୦୦% ସୂତା (କପା) ସୂତାରେ ତିଆରି ସରଳ ଓ ହାଲୁକା ରାଖି ବ୍ୟବହାର କରିବା ସବୁଠାରୁ ନିରାପଦ ଅଟେ, କାରଣ ଏହା ତ୍ୱଚା ପାଇଁ କୋମଳ ହୋଇଥାଏ । ବିଶେଷ କରି ଛୋଟ ପିଲାଙ୍କ ପାଇଁ ରାଖି କିଣିବା ସମୟରେ ଅତ୍ୟାଧିକ ସଜାବଟ, ଧାରୁଆ କିମ୍ବା ମୋଟା ସୂତା, ତାର, ଶସ୍ତା ଧାତୁ ଏବଂ ସହଜରେ ଖସିଯାଉଥିବା ଛୋଟ ମୋତି କିମ୍ବା ଘଣ୍ଟି ଥିବା ରାଖି ଆଦୌ କିଣିବା ଉଚିତ୍ ନୁହେଁ । କାରଣ ଏହା ଦ୍ୱାରା ତ୍ୱଚାରେ ବିଭିନ୍ନ ସମସ୍ୟା ପୁଜିବାର ସମ୍ଭାବନା ରହିଛି । ତେଣୁ ରାଖି କିଣିବା ସମୟରେ ଧ୍ୟାନ ରଖନ୍ତୁ ।



# ରାକ୍ଷୀ କିଣିବା ବେଳେ ରଖନ୍ତୁ ଧ୍ୟାନ

ଆମେରିକାର ମାରିଆ ଲିୟୋନାର୍ଡ ନାମ୍ନୀ ଜଣେ ମହିଳା ସ୍ୱାମୀଙ୍କ ସହ ବିବାହ ବିଚ୍ଛେଦ ଘଟିବାପରେ ନିଜ ସହ ନିଜେ ବିବାହ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ବୃତ୍ତିରେ ଜଣେ ଲେଖିକା, ଓକିଲ ତଥା ପୋଡକାଷ୍ଟ ହୋଷ୍ଟ ମାରିଆ କୋଲୋରାଡୋର ପାହାଡ଼ିଆ ଅଞ୍ଚଳସ୍ଥିତ ଏକ ରିସୋର୍ଟରେ ନିଜର ୩ ଜଣ ଘନିଷ୍ଠ ବାନ୍ଧବୀଙ୍କ ଉପସ୍ଥିତିରେ ଏହି ବାହାଘର କରିଥିଲେ । ଯେଉଁଠାରେ ବାନ୍ଧବୀମାନେ ବିବାହର ସମସ୍ତ ରୀତିନୀତି ସମ୍ପନ୍ନ କରିଥିଲେ । ଏହି ବିବାହରେ ସେ ନିଜକୁ ଆଜୀବନ ଭଲପାଇବା, ନିଜ ଖୁସିର ଦାୟିତ୍ୱ ନିଜେ ନେବା ଏବଂ ଜୀବନସାରା ନିଜ ସହ ରହିବାର ସଂକଳ୍ପ ନେଇଥିଲେ । ହଟ୍ ଟବ୍‌ରେ ରିସେପ୍ସନ୍ ପାର୍ଟି କରିଥିବା ମାରିଆ ବର୍ତ୍ତମାନ ପୁଣି ସେହି ପାହାଡ଼ିଆ ସ୍ଥାନକୁ ଯାଇ ବାନ୍ଧବୀମାନଙ୍କ ସହ ବିବାହର ବାର୍ଷିକୋତ୍ସବ ପାଳନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । କିଛି ଲୋକ ଏହାକୁ ପସନ୍ଦ କରୁଥିବାବେଳେ କିଛି ଲୋକ ତାଙ୍କୁ ସମାଲୋଚନା କରୁଥିବା ବି ଦେଖିବାକୁ ମିଳୁଛି ।



# ଆତ୍ମ ବିବାହ

## ଇତିହାସ

୧୮୬୭- ବିଶ୍ୱର ପ୍ରଥମ ଇଲେକ୍ଟ୍ରିକାଲ୍ ଜେନେରେଟର ଆବିଷ୍କାର କରିଥିବା ଭୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ପରଲୋକ ।

୧୯୨୬- ପଞ୍ଚମ ଲୋକସଭା ସଦସ୍ୟ ବାବୁରାଓ କାଲେଙ୍କ ଜନ୍ମ ।

୧୯୫୭- ବିଶ୍ୱ କପ୍ ଜିତିଲା ଭାରତୀୟ ପୋଲୋ ଟିମ୍ ।

୧୯୭୨- ପ୍ରସିଦ୍ଧ ଭାରତୀୟ ସାହିତ୍ୟିକ ତଥା ଅଜମେର୍‌ର ପୂର୍ବତନ ରାଷ୍ଟ୍ରପତି ହରିଭାଉ ଉପାଧ୍ୟାୟଙ୍କ ଦେହାନ୍ତ ।

୧୯୯୭- ମାସୁମା ଇବତେକାର ଇରାନ୍‌ର ପ୍ରଥମ ମହିଳା ଉପରାଷ୍ଟ୍ରପତି ହେଲେ ।

୨୦୦୩- ମୁମ୍ବାଇରେ କାର୍ ବୋମା ବିସ୍ଫୋରଣ ୫୦ରୁ ଊର୍ଦ୍ଧ୍ୱର ଲୋକଙ୍କ ମୃତ୍ୟୁ ।

୨୦୧୨- ଚନ୍ଦ୍ରପୃଷ୍ଠରେ ପ୍ରଥମକରି ପାଦ ଦେଇଥିବା ନିଲ୍ ଆର୍ମଷ୍ଟ୍ରଙ୍ଗ୍‌ଙ୍କ ପରଲୋକ ।

୨୦୧୮- ଜାକର୍ତ୍ତା ଅଲିମ୍ପିକ୍‌ରେ ରେକର୍ଡ ପ୍ରଦର୍ଶନ ରୂପକ ଭାରତର ଶଟ୍‌ପୁଟ୍ ଖେଳାଳି ତେଜିନ୍ଦରପାଲ ସିଂହଙ୍କୁ ସ୍ୱର୍ଣ୍ଣ ପଦକ ।

# ଜୋତା ନା କାର୍ !



ନେଦରଲ୍ୟାଣ୍ଡସରେ ଜଣେ ବ୍ୟକ୍ତି କାଠ ଜୋତା (କ୍ଲୋଗ୍) ଆକୃତିର ଏକ ନିଆରା ଗାଡ଼ି ତିଆରି କରିବାସହ ଏହାକୁ ସବୁଠାରୁ ଅଧିକ ବେଗରେ ଚଳାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି । ପ୍ରସିଦ୍ଧ ଟିଭି ହୋଷ୍ଟ କ୍ଲାସ ୱାନ କୁଇଷ୍ଟମ୍ ଏବଂ ତାଙ୍କ ଟିମ୍ ମିଶି ନେଦରଲ୍ୟାଣ୍ଡସର ପାରମ୍ପରିକ କାଠ ଜୋତା, ଯାହାକୁ 'କ୍ଲୋଗ୍' ବୋଲି କୁହାଯାଏ, ସେହି ଅନୁକରଣରେ ଏହି ଗାଡ଼ିର ଡିଜାଇନ୍ ପ୍ରସ୍ତୁତ କରିଥିଲେ। ଏହି ଗାଡ଼ିଟିର ନିର୍ମାଣ ପାଇଁ ଏକ ଛୋଟ ଇଲେକ୍ଟ୍ରିକ୍ ଗୋ-କାର୍ଟ ଫ୍ରେମ୍‌କୁ ଆଧାର ଭାବେ ବ୍ୟବହାର କରାଯାଇଥିଲା । ଯାହା ଉପରେ ପଲିଏଷ୍ଟର ଓ ଫାଇବରଗ୍ଲାସ୍‌ର ସାହାଯ୍ୟରେ ବଡ଼ ଜୋତା ଭଳି ଏକ ବଡି ତିଆରି କରାଯାଇଥିଲା । ଗତ ଏପ୍ରିଲ ୪ ତାରିଖରେ ନେଦରଲ୍ୟାଣ୍ଡସର ବ୍ରେଡା ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ କ୍ଲାସ ଏହି କାର୍‌କୁ ଚଳାଇଥିଲେ । ଯେଉଁଠାରେ ଏହା ଘଣ୍ଟାପ୍ରତି ୧୧୩ କିଲୋମିଟରର ବେଗ ହାସଲ କରି ସମସ୍ତଙ୍କୁ ଚକିତ କରିଦେଇଥିଲା । ଏହି ଅସାଧାରଣ ସଫଳତା ପାଇଁ ନିକଟରେ ଏହାକୁ 'ସବୁଠାରୁ ଦ୍ରୁତଗାମୀ ମୋଟରାଇଜ୍‌ଡ କ୍ଲୋଗ୍ ଶୁ' ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ ପକ୍ଷରୁ ବିଶ୍ୱ ରେକର୍ଡର ମାନ୍ୟତା ସହ ଆନୁଷ୍ଠାନିକ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।



**ମେଷ:** ନୂତନ ଆୟ, ବ୍ୟବସାୟରେ ସ୍ୱଳ୍ପଲାଭ, ଶୁଭସମାଚାର, ମାନସିକ ଅବସାଦ, ସନ୍ତାନସମ୍ୟା, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟସୁଖ, ଅନୁଷ୍ଠାନରୁ ଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ବ୍ୟୟବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁଲାଭ, ଉତ୍ସବ ପ୍ରତି ଆଗ୍ରହ, ଶରୀର ସୁସ୍ଥ, କିଛିକାର୍ଯ୍ୟରେ ଅସନ୍ତୁଷ୍ଟ, ପାରିବାରିକ ଖୁସି, ସମ୍ପତ୍ତିଲାଭ, ବ୍ୟକ୍ତିସହାୟତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ଲକ୍ଷ୍ମୀ ।

**ମିଥୁନ:** ସମ୍ମାନଲାଭ, ଗୃହେ ଉତ୍ସବ, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ଶୁଭଖବର, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, କର୍ମକ୍ଷେତ୍ରେ ସମ୍ମାନିତ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ମାନସିକ ଶାନ୍ତି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୨, ଆରାଧନା-ଶ୍ରୀ ଗଣେଶ ।

**କର୍କଟ:** କର୍ମେ ଖୁସି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ମାନସିକଶାନ୍ତି, ଅର୍ଥସମସ୍ୟା, ପାରିବାରିକ ସହଯୋଗ, ନୂତନ କର୍ମଆରମ୍ଭ, ସମ୍ପତ୍ତିବିବାଦ, ବ୍ୟବସାୟିକ ଖୁସି, ପରିଭ୍ରମଣସୁଖ, ଶରୀର ସୁଖ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ସିଂହ:** ଶରୀର ସୁସ୍ଥ, ମାନସିକଶାନ୍ତି, ସନ୍ତାନଖୁସି, ଲୋକସମ୍ପର୍କବୃଦ୍ଧି, ବ୍ୟବସାୟରେ ଲାଭ, ଅର୍ଥପ୍ରାପ୍ତି, ସୁମିଷ୍ଟ ଭୋଜନ, ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ହଠାତ୍ ଦୂରଯାତ୍ରା, ପୂର୍ବାଫାଲଗୁନି, ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା:** ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ବିବାଦ ସମାଧାନ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ସନ୍ତାନସମସ୍ୟା, ନୂତନ କାର୍ଯ୍ୟଆରମ୍ଭ, ବ୍ୟବସାୟରେ ସ୍ୱଳ୍ପଲାଭ,ଶତ୍ରୁ ପରାଜିତ, ପରିବହନକ୍ଷେତ୍ରେ ସମସ୍ୟା, ଆୟଭଲ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ମା' କୋଚିଲାଇ ।

**ତୁଳା:** ଆର୍ଥିକସୁଖ, ଶୁଭଖବର, ସନ୍ତାନସମସ୍ୟା, ଉଚ୍ଚଆଶାରେ ଲାଭ, ମାନସିକ ଅବସାଦ, ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟିକ ଖୁସି, ଦୂରଯାତ୍ରା, ଗୃହେ ଉତ୍ସବ, ପିତାମାତାଙ୍କ ଚିନ୍ତା, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କରଭଗବାନ ।

**ବିଛା:** ଦ୍ରବ୍ୟଲାଭ, ଆତ୍ମସନ୍ତୋଷ, ଶୁଭକାର୍ଯ୍ୟେ ଯୋଗଦାନ, ଶତ୍ରୁସମସ୍ୟା, ଗାଡ଼ିଚାଳନାରେ ସତର୍କ, ସ୍ୱାସ୍ଥ୍ୟସମସ୍ୟା, ମାନସିକ ଅବଦାସ, ଈଶ୍ୱର ବିଶ୍ୱାସ, ସନ୍ତାନଖୁସି, ଅର୍ଥପ୍ରାପ୍ତି, ସମ୍ପତ୍ତିକଳହ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**ଧନୁ:** ପିଲାଙ୍କକଷ୍ଟ, ଗୃହେ ଉତ୍ସବ, ଅର୍ଥସମସ୍ୟା, ଜମିଗଣ୍ଡଗୋଳ, ଦୂରଯାତ୍ରା, ଭ୍ରାତୃସ୍ନେହ, ବ୍ୟବସାୟରେ କଷ୍ଟ, ଲୋକସମ୍ପର୍କ ହାନି, ଶରୀର ସୁସ୍ଥ, ମାନସିକ ଅବସାଦ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପିତାମାତାଙ୍କ ସେବା ।

**ମକର:** କଳହଯୋଗ, ସନ୍ତାନଖୁସି, ପାରିବାରିକ ବିବାଦ, ବ୍ୟବସାୟରେ ଲାଭକମ୍ ଦ୍ରବ୍ୟନଷ୍ଟ, ବ୍ୟକ୍ତିସହାୟତା, ବିଦେଶ ଭ୍ରମଣ, ଶରୀରସୁସ୍ଥ, କଚେରୀମାମଲା, ଆୟକମ୍, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୫, ଆରାଧନା-ମା' ଗ୍ରାମଦେବତୀ ।

**କୁମ୍ଭ:** କର୍ମେ ଖୁସି, ମାନସିକ ଅବସାଦ, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁସାହାଯ୍ୟ, ଶାରୀରିକ ଅସୁସ୍ଥ, ଅର୍ଥସମସ୍ୟା, ସନ୍ତାନସମସ୍ୟା, ବିଦ୍ୟାରେ ସଫଳତା, ନୂତନ କାର୍ଯ୍ୟାରମ୍ଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା-ଗାଇମାନଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ:** ଅଯଥାକଷ୍ଟ, ନୂଆଆଶା ପୂର୍ଣ୍ଣ, ସମ୍ପତ୍ତିଲାଭ, ଭ୍ରାତୃକଳହ, ବିଶିଷ୍ଟ ବ୍ୟକ୍ତିସହାୟତା, ଶରୀର ସୁସ୍ଥ, ବ୍ୟବସାୟ ଆରମ୍ଭ, ପରିବହନ କ୍ଷେତ୍ରେ ସମସ୍ୟା, ଅର୍ଥସମସ୍ୟା, ଶତ୍ରୁସମସ୍ୟା, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଦକ୍ଷିଣକାଳୀ ।

ଶ୍ରାବଣ ଶୁକ୍ଳପକ୍ଷ ତ୍ରୟୋଦଶୀ
୨୫.୮.୨୦୨୬, ମଙ୍ଗଳବାର




ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ୟୁନିଟ ୨ ସ୍ଥିତ ଅଭିଯୋଗ ଶୁଣାଣି କେନ୍ଦ୍ର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

### ଶ୍ରୀମନ୍ଦିର ଶୃଙ୍ଖଳିତ ଧାଡ଼ି ଦର୍ଶନ ନେଇ ଉଚ୍ଚସ୍ତରୀୟ ବୈଠକ

# ଘଣ୍ଟାକରେ ୧୦ ହଜାର ଭକ୍ତ କରିପାରିବେ ଦର୍ଶନ

ଭୁବନେଶ୍ୱର(ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପୁରୀ ଶ୍ରୀମନ୍ଦିର ପ୍ରତି ସାରା ବିଶ୍ୱବାସୀଙ୍କ ଭକ୍ତି ଓ ଆଗ୍ରହ ରହିଛି । ତେଣୁ ପ୍ରତି ବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ଛୁଟି ଦିନମାନଙ୍କରେ ଏହି ସଂଖ୍ୟା

- ଖୁବଶୀଘ୍ର ପ୍ରସ୍ତୁତ ହେବ ପାଇଲଟ ମଡେଲ
- ୫ଟି ଧାଡିରେ ଦର୍ଶନ କରିବେ ଶ୍ରଦ୍ଧାଳୁ ଓ ଭକ୍ତ
- ୭ ପାହାଚ ଭିଡ଼ ନିୟନ୍ତ୍ରଣ ନେଇ ଆଲୋଚନା
- ନାଟମଣ୍ଡପରେ ହେବ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା

ବହୁଗୁଣିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ସବୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନକୁ ସୁନିଶ୍ଚିତ କରିବା ଲାଗି ସୋମବାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି ।

ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଶୃଙ୍ଖଳିତ ଧାଡ଼ି ଦର୍ଶନ ନେଇ ବିଭିନ୍ନ ମଡେଲ ପ୍ରଦର୍ଶିତ କରାଯାଇଥିଲା । ଏହାକୁ ଅନୁଧ୍ୟାନ କରି ସର୍ବଶ୍ରେଷ୍ଠ ମଡେଲକୁ କିଭଳି ଭାବେ କାର୍ଯ୍ୟକାରୀ କରାଯାଇ ପାରିବ ସେଥିନେଇ ଆଲୋଚନା ହୋଇଥିଲା । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସାତ ପାହାଚରୁ ଭିଡ ନିୟନ୍ତ୍ରିତ କରାଯାଇ ସବୁ ଭକ୍ତଙ୍କୁ ଶୃଙ୍ଖଳିତ ଭାବେ ମନ୍ଦିର ପ୍ରବେଶ କରାଇବା ସମ୍ଭବ ହୋଇପାରିବ । ଏଥି ସହିତ ଭକ୍ତ ମାନେ ୫ଟି ଅଲଗା ଅଲଗା ରାମ୍ପ ଯୋଗେ ଶୃଙ୍ଖଳିତ ଦର୍ଶନ କରିପାରିବେ । ଫଳରେ ପ୍ରତି ଏକ ଘଣ୍ଟାରେ ପ୍ରାୟ ୮ ରୁ ୧୦ ହଜାର ଭକ୍ତ / ଶ୍ରଦ୍ଧାଳୁ ଶୃଙ୍ଖଳିତ ଦର୍ଶନ କରିପାରିବେ । ଏହାର ସଠିକ କାର୍ଯ୍ୟକାରିତା ନେଇ ଖୁବଶୀଘ୍ର ଏକ ପାଇଲଟ ମଡେଲ ପ୍ରସ୍ତୁତ କରାଯିବା ସହିତ ଛତିଶା ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅନୁଧ୍ୟାନ କାରାଯିବ । ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ଯୋଜନାକୁ ବାସ୍ତବ ରୂପ ଦିଆଯିବା ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ଏହି ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଆଇନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର, ପୂର୍ତ୍ତ ବିଭାଗ ଉପଦେଷ୍ଟା ଜେ. କେ. ଦାସ, ଓବିସିସି ମୁଖ୍ୟ ପରିଚାଳକ ଶ୍ରୀଧର ରାଉତଙ୍କ ସମେତ ଆଇଆଇଟି ଭୁବନେଶ୍ୱରର ବୈଷୟିକ ପରାମର୍ଶଦାତା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### ଇପିକଲ ସହ ସାତ୍ତ୍ୱିକ ସୋଲାରର ଏମ୍‌ଓୟୁ

ଭୁବନେଶ୍ୱର, (ସବ୍ୟୁ): ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍, ଓଡ଼ିଶାର ଗଞ୍ଜାମ ଜିଲ୍ଲାସ୍ଥିତ ଗୋପାଳପୁରଠାରେ ୩.୬ ଗିଗା ୱାଟ୍ ସୋଲାର ସେଲ୍ ଉତ୍ପାଦନ ସୁବିଧା ସ୍ଥାପନ ପାଇଁ ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ୍ ଆଣ୍ଡ ଇନଭେଷ୍ଟମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଇପିକଲ), ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ପ୍ରସ୍ତାବିତ ସୁବିଧା ଓଡ଼ିଶାରେ ସାତ୍ତ୍ୱିକ ସୋଲାରର ଉତ୍ପାଦନ କ୍ଷମତାକୁ ଆହୁରି ସମ୍ପ୍ରସାରିତ କରିବା ଏବଂ ରାଜ୍ୟର ଅକ୍ଷୟ ଶକ୍ତି ଉତ୍ପାଦନ ବ୍ୟବସ୍ଥାର ବିକାଶରେ ଯୋଗଦାନ ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପ୍ରକଳ୍ପ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଅଞ୍ଚଳର ବ୍ୟାପକ ଶିଳ୍ପ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି । ଏହି ନୂତନ ସୁବିଧା ଗୋପାଳପୁରଠାରେ ସାତ୍ତ୍ୱିକ ସୋଲାରର ବ୍ୟାପକ ଉତ୍ପାଦନ ବିକାଶର ଏକ ଅଂଶ ହେବ, ଯେଉଁଠାରେ କମ୍ପାନୀ ପୂର୍ବରୁ ଗୋପାଳପୁରଠାରେ ସାତ୍ତ୍ୱିକ ସୋଲାରର ପ୍ରଥମ ଫେଜ୍ ଉତ୍ପାଦନ ସୁବିଧା ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ଏହି ସଫଳତା ଉପରେ ମତାମତ ଦେଇ ସାତ୍ତ୍ୱିକ ଗ୍ରୀନ୍ ଏନର୍ଜି ଲିମିଟେଡର ସିଇଓ ପ୍ରଶାନ୍ତ ମାଥୁର କହିଛନ୍ତି, ଓଡ଼ିଶା ସାତ୍ତ୍ୱିକ ପାଇଁ କେବଳ ଏକ ଉତ୍ପାଦନ ଲକ୍ଷ୍ୟ ନୁହେଁ ଏହା ଆମର ଆକାଂକ୍ଷାର ଏକ ପ୍ରତୀକ ।

### ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନରେ ହେବ ସଂଶୋଧନ

# ମନ୍ଦିର, ମଠର ସୁପରିଚାଳନା ହେବ ଅଧିକ ସୁଦୃଢ଼

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଦେବୋତ୍ତର ବିଭାଗ ଅଧୀନରେ ଅନେକ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନମାନ ରହିଛି । ଏଥି ମଧ୍ୟରୁ ଅନେକ ମନ୍ଦିର ଓ ମଠଗୁଡ଼ିକ ବହୁ ପୁରାତନ ହୋଇଥିବାବେଳେ ଏହାର ପରିଚାଳନା ନେଇ ସ୍ପଷ୍ଟ ନିୟମାବଳୀ ନାହିଁ । ଏହି କ୍ରମରେ ପ୍ରଚଳିତ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ ୧୯୫୧ରେ ଆବଶ୍ୟକ ସଂଶୋଧନ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଏବଂ ଉପଧାରାକୁ ଯୁଗୋପଯୋଗୀ ଅନୁଯାୟୀ ସଂଶୋଧନ ନେଇ ଆଲୋଚନା ହୋଇଥିଲା । ଏଥି ସହିତ କମିଶନର, ଅତିରିକ୍ତ କମିଶନର ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁନର୍ଗଠନ, ଦେବୋତ୍ତର ବିଭାଗରେ ନୂଆ ନିଯୁକ୍ତି ସୃଷ୍ଟି ନେଇ ମଧ୍ୟ ଆଲୋଚନା ହୋଇଥିଲା




। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ସୁପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ । ଏହି ବୈଠକରେ ଲ'କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ସତ୍ୟ ନାରାୟଣ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଅତିରିକ୍ତ ସରକାରୀ ଅଧିବକ୍ତା ମନ୍ମୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଜାତୀୟ ମହାକାଶ ଦିବସ ପାଳିତ

# ରାଜ୍ୟରେ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ଏ ସଂକ୍ରାନ୍ତୀୟ ବିଭିନ୍ନ ପ୍ରକଳ୍ପ ଉପରେ ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ ଦେବା ସହ ଯୁବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ ଉଦ୍ଭାବନ ଜାଗ୍ରତ କରିବା ଉପରେ କାର୍ଯ୍ୟ କରୁଛନ୍ତି । ରାଜ୍ୟରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦେଶର ହିତରେ ଯେଭଳି ଲାଗିବ, ସେଥିପ୍ରତି ସରକାର ଯନିବାନ ଅଛନ୍ତି ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ରାଜ୍ୟରେ ଉପଗ୍ରହ ଉତକ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହ ପ୍ରାରମ୍ଭିକ ଆଲୋଚନା ହୋଇଛି । ନିକଟରେ ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା ହୋଇଥିବା ସେ କହିଛନ୍ତି ।

ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ରରେ ଆୟୋଜିତ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଓରସାକ୍ ଦ୍ୱାରା ରାଜ୍ୟରେ ଚାଷ ଜମିଠାରୁ ଆରମ୍ଭ କରି ଭୂତଳ ଜଳ ଓ ଖଣିଜ




ସମ୍ପଦର ଭଣ୍ଡାର ଓ ଏହାର ପରିମାଣ ସମ୍ପର୍କରେ ବିଭିନ୍ନ ତଥ୍ୟ ହାସଲ କରାଯାଇପାରୁଛି । ରାଜ୍ୟର ଷ୍ଟାର୍ଟଅପରୁ ଉତ୍ପାଦିତ ଡ୍ରୋନ୍ ଭଳି ବିଭିନ୍ନ ଉପକରଣ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ବ୍ୟବହାର ହେଉଥିବା ଅତ୍ୟନ୍ତ ଆନନ୍ଦର ବିଷୟ । ରାଜ୍ୟର ବୈଜ୍ଞାନିକମାନେ ଭବିଷ୍ୟତରେ ଏ କ୍ଷେତ୍ରରେ କାର୍ଯ୍ୟ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଯୋଗଦେଇ କହିଲେ, ଯେ ବିଜ୍ଞାନ କ୍ଷେତ୍ରରେ ଓଡ଼ିଶା ଅନେକ ଅଗ୍ରଗତି ହାସଲ କରିଛି । କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼, ଗଞ୍ଜାମ, ବଲାଙ୍ଗୀର ଓ ରାଉରକେଲାରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରାଯାଇଛି । ଛାତ୍ରଛାତ୍ରୀମାନେ ଏସବୁ କେନ୍ଦ୍ର ବୁଲି ମହାକାଶ ଓ ଗ୍ରହନକ୍ଷତ୍ର ସଂପର୍କରେ ଅଧିକ ଜାଣିବାକୁ ଆବଶ୍ୟକତା ରହିଛି । ମୁଖ୍ୟବକ୍ତା ଭାବେ ଯୋଗଦେଇ ସିଏସ୍‌ଆଇଆରର ପ୍ରଫେସର ଶିଶିର ପଣ୍ଡା ନିଜର ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟିତ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

ସେହିଭଳି ଓରସାକ୍ ମୁଖ୍ୟ କାର୍ଯ୍ୟନିର୍ବାହୀରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯିବା ସହ ବିଭିନ୍ନ ଷ୍ଟାର୍ଟଅପ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, ଶିକ୍ଷାବିତ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଓୟୁଏଟିର ୬୫ତମ ପ୍ରତିଷ୍ଠା ଦିବସ

# ଚାଷୀଙ୍କ ସ୍ୱପ୍ନ ପୂରଣ ସରକାରଙ୍କ ଲକ୍ଷ୍ୟ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଚାଷୀଙ୍କ ସ୍ୱପ୍ନ ପୂରା କରିବା ପାଇଁ ସରକାର ସଂକଳ୍ପବଦ୍ଧ । ବର୍ତ୍ତମାନ ସମୟରେ ଚାଷୀଙ୍କ ଅଭାବ ପୂରଣ ପାଇଁ ପ୍ରତିଟି ଦିଗରେ ନାନାଦି ଯୋଜନା ଚାଷୀଙ୍କ ସ୍ୱପ୍ନ ପୂରଣ ପାଇଁ ସହାୟକ ହେବ । ଚାଷୀଙ୍କ ପାଇଁ ଆବଶ୍ୟକତା ଅନୁଯାୟୀ ସାର ମହଜୁଦ ଥିବାରୁ କୌଣସି ଚାଷୀ ବ୍ୟତିବ୍ୟସ୍ତ ନ ହେବାକୁ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମତବ୍ୟକ୍ତ କରିଛନ୍ତି ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୬୫ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ କୃଷି ଶିକ୍ଷା ସଦନଠାରେ ସୋମବାର ଅନୁଷ୍ଠିତ ହୋଇଛି । ଉଦଘାଟନୀ ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ଓୟୁଏଟିର ଉପକୁଳାଧିପତି ଶ୍ରୀ ସିଂହଦେଓ ଯୋଗଦେଇ ନିଜ ଉଦବୋଧନରେ କହିଛନ୍ତି, ସମୃଦ୍ଧ, ସଶକ୍ତ ଓ ଶ୍ରେଷ୍ଠ ଓଡିଶା ଗଠନ ଦିଗରେ ଚାଷ ଓ ଚାଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯୁବଶକ୍ତିକୁ ଆଗେଇ ନେଇ କୃଷି କ୍ଷେତ୍ରରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ସମସ୍ତେ ଚେଷ୍ଟା କରିବାକୁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ




ଅଭିଭାଷଣରେ କହିଛନ୍ତି । ଚାଷୀ ହେଉଛନ୍ତି ବିକଶିତ ଓଡିଶା ଲକ୍ଷ୍ୟ ପୂରଣ ଦିଗରେ ଭାଗ୍ୟ ବିଧାତା । ଏଣୁ ଏ ଦିଗରେ ଓୟୁଏଟି ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଆଗାମୀ ଦିନରେ ଚାଷୀଙ୍କୁ ସହଯୋଗ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ ବିଶ୍ୱବିଦ୍ୟାଳୟରେ ନବସୃଜନକୁ ଗୁରୁତ୍ୱ ଦେବା ଉପରେ ମତ ରଖିଛନ୍ତି । ବୈଜ୍ଞାନିକ ଦୃଷ୍ଟିକୋଣ ଓ ଜଳବାୟୁ ସହନଶୀଳ ଚାଷ କାର୍ଯ୍ୟକୁ ହାତକୁ ନେବାକୁ ଅନୁରୋଧ କରିଛନ୍ତି । ଜୈବପ୍ରଯୁକ୍ତି, ଡ୍ରୋନ୍, ରୋବୋଟିକ୍ସ ଓ ସେନ୍ସର୍ ଆଧାରିତ ପ୍ରଯୁକ୍ତି ଭବିଷ୍ୟତର ପ୍ରଯୁକ୍ତିଗତ ଦିଗଦର୍ଶକ ହେବ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓୟୁଏଟିର ଗୌରବମୟ ଯାତ୍ରାରେ କୃଷି ଶିକ୍ଷା, ଗବେଷଣା, ପ୍ରଯୁକ୍ତି ବିକାଶ ଓ ସମ୍ପ୍ରସାରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବାବଦରେ ମତବ୍ୟକ୍ତ କରିଛନ୍ତି ।

ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନଙ୍କ ଦ୍ୱାରା ଓୟୁଏଟି ପକ୍ଷରୁ ବିଭିନ୍ନ ବିଷୟରେ ୩୭ଟି ପ୍ରକାଶନ ଉନ୍ମୋଚନ ହୋଇଛି । ବିଶ୍ୱବିଦ୍ୟାଳୟର ଏମ୍‌ଆଇଏସ୍ ଏବଂ ଡିଜିଟାଲ୍ ପଦକ୍ଷେପର ଶୁଭାରମ୍ଭ ସହ ନୂତନ ଭିତ୍ତିଭୂମି ବିଦ୍ୟାର୍ଥୀ ଭବନ, ଉଦ୍ୟମିତା ଭବନ, ଭୁବନେଶ୍ୱରୀ ଛାତ୍ରୀ ନିବାସ, ପଶୁ ଚିକିତ୍ସା ପରିସରକୁ ଆଭାସୀ ମାଧ୍ୟମରେ ଉଦଘାଟନ ମଧ୍ୟ କରାଯାଇଛି । ଏହାସହ କୃଷି କ୍ଷେତ୍ରରେ ଉଲ୍ଲେଖନୀୟଅବଦାନ ଥିବା ୩୩ ଜଣ ମହିଳା କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ କୃଷି ସମ୍ପ୍ରସାରଣ ଓ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ଦୋରା ଧନ୍ୟବାଦ ଭାଷଣ ଦେଇଥିଲେ ।

### ଓରମାସ୍‌ରେ ରାଖୀ ଷ୍ଟଲ୍ ଆରମ୍ଭ

# ସବାଇ ଘାସ, କାଇଞ୍ଚ, ଧାନରେ ରାକ୍ଷୀ

ଭୁବନେଶ୍ୱର(ସବ୍ୟୁ): ରକ୍ଷାବନ୍ଧନ ଅବସରରେ ଓଡ଼ିଶାର ଗ୍ରାମୀଣ କାରିଗର ଓ ଉତ୍ପାଦକ ଗୋଷ୍ଠୀମାନଙ୍କର ହାତତିଆରି ଉତ୍ପାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସୋମବାର ଭୁବନେଶ୍ୱରର ପଟିଆଠାରେ ଓରମାସ୍ ପକ୍ଷରୁ ରାକ୍ଷୀ ଷ୍ଟଲ୍ ଉଦଘାଟିତ ହୋଇଛି । ଓରମାସ୍ର ଅତିରିକ୍ତ ସିଇଓ ଗୀତାଞ୍ଜଳି ବେହେରା ଏହି ଷ୍ଟଲର ଉଦଘାଟନ କରିଥିଲେ । ଏହି ଅବସରରେ ଓରମାସର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଏହି ଷ୍ଟଲରେ ସବାଇ ଘାସ,



କାଇଞ୍ଚ, ଧାନ, ଜଗନ୍ନାଥ, ପଟ୍ଟଚିତ୍ର, କଉଡ଼ି ଓ ବାଉଁଶ ଆଦି ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପାରମ୍ପରିକ, ପରିବେଶ ଅନୁକୂଳ ଓ ହାତତିଆରି ରାକ୍ଷୀ ପ୍ରଦର୍ଶିତ ଓ ବିକ୍ରୟ କରାଯାଉଛି । ଏହି ପଦକ୍ଷେପ ମାଧ୍ୟମରେ ଓରମାସ୍ ଗ୍ରାମୀଣ ମହିଳା, କାରିଗର ଓ ଉତ୍ପାଦକ ଗୋଷ୍ଠୀଙ୍କ ହାତତିଆରି ଉତ୍ପାଦକୁ ବଜାର ସୁଯୋଗ ପ୍ରଦାନ କରିବା ସହ ଓଡ଼ିଶାର ପାରମ୍ପରିକ କଳା ଓ କାରିଗରୀକୁ ପ୍ରୋତ୍ସାହିତ କରୁଛି ।

### କଟକଣା ସତ୍ତ୍ୱେ ଲିଙ୍ଗରାଜ ମନ୍ଦିରରୁ ବାହାରିଲା ଗଦା ଗଦା ପ୍ଲାଷ୍ଟିକ କଳସ

# ଶ୍ରାବଣ ଜଳଲାଗିରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ସ୍ୱେଚ୍ଛାକୃତ ଶ୍ରମଦାନ

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ଶ୍ରାବଣୀ ଜଳଲାଗିର ଶେଷ ସୋମବାର ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପରିସର ମଧ୍ୟରେ ଏକ ସ୍ୱେଚ୍ଛାକୃତ ଶ୍ରମଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଳୁମାନେ ତୀର୍ଥଜଳ ଲାଗି କରିବା ପରେ ମନ୍ଦିର ପରିସରରେ ଛାଡ଼ି ଯାଇଥିବା ଫୁଲ, ବାହୁଙ୍ଗୀ, ସାଲୁକନା, ଚିକିଟା ମାଟି, ପଲିଥିନ୍, ପ୍ଲାଷ୍ଟିକ୍ କଳସ ଓ ବେଲପତ୍ର ଆଦିକୁ ସ୍ୱେଚ୍ଛାସେବୀମାନେ ଶ୍ରମଦାନ କରି ସଫା କରିଥଲେ । ପ୍ରଶାସନର କଟକଣା ସତ୍ତ୍ୱେ ମନ୍ଦିର ଭିତରୁ ଗଦାଗଦା ପ୍ଲାଷ୍ଟିକ୍ କଳସ ବାହାରିଥିଲା । "ସ୍ୱଚ୍ଛତା ହିଁ ପବିତ୍ରତା" ଏହି ମନ୍ତ୍ରକୁ ଆପଣେଇ ଜାତୀୟ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ସହ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏହି ଶ୍ରମଦାନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅଭିଯାନରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଏନ୍.ଏସ୍.ଏସ୍ ୟୁନିଟ୍, ସୁରେନ୍ଦ୍ରନାଥ ଜେନା ଟ୍ରଷ୍ଟ, ମାଇଣ୍ଡ ଏମ୍‌ପାୱାରମେଣ୍ଟ ଫାଉଣ୍ଡେସନ୍, ଗର୍ଗ ଫାଉଣ୍ଡେସନ୍, କଳାଶ୍ରମ ଚାରିଟେବୁଲ ଟ୍ରଷ୍ଟ, ମିସିଂ ଫାଉଣ୍ଡେସନ୍ ପ୍ରଭୃତି ସଂଗଠନ ସାମିଲ ହୋଇଥିଲେ । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରାୟ ୫୦ ଜଣ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଧଉଳି ଚାରୁକଳା ମହାବିଦ୍ୟାଳୟର ଉପାଧ୍ୟକ୍ଷ ତଥା ଏନ୍.ଏସ୍.ଏସ୍ ର ପୋଗ୍ରାମ ଅଫିସର ଚନ୍ଦନ କୁମାର ସାମଲ, ସଂପାଦକ ରବିଶଙ୍କର ଦାଶ, ବାଲୁକାଶିଳ୍ପୀ ସୁବଳ ମହାରଣା, ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟର ପ୍ରାଧାପିକା ଡ଼ ମୃଣ୍ମୟୀ ରଥ, ସାମାଜିକ କର୍ମୀ ରଞ୍ଜନ କୁମାର ଦାସ, ପ୍ରତାପ ଚନ୍ଦ୍ର ପ୍ରଧାନ, ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ସ୍କାଉଟ୍ ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ଡିସିପିଙ୍କୁ ଭେଟିଲା ଭୁବନେଶ୍ୱର ଗଣେଶ ପୂଜା ମହାସଂଘ

# ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଲାଗି ସବୁ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ଗଣେଶ ପୂଜା ମହାସଂଘ ପକ୍ଷରୁ ମହାସଂଘର ଉପଦେଷ୍ଟା ଜଗନ୍ନାଥ ପ୍ରଧାନ ଏବଂ ଆବାହକ ଅମରେଶ ଜେନାଙ୍କ ତତ୍ତ୍ୱାଧାନରେ ସଙ୍ଘର ସମ୍ପାଦକ ନରେନ ସାହୁ, ସହ ସମ୍ପାଦକ ଉମାନାଥ ମିଶ୍ର ପ୍ରମୁଖ ଏକ ଟିମ୍ ଭୁବନେଶ୍ୱର ଡିସିପିଙ୍କୁ ଭେଟି ବିଭିନ୍ନ ଦାବି ସହ ପ୍ରମୁଖ ଭାବେ ଗଣେଶ ପୂଜା ଅନୁମତି ବ୍ୟବସ୍ଥାକୁ ସିଙ୍ଗଲ ୱିଣ୍ଡୋ ସିଷ୍ଟମ କରିବାକୁ ଦାବି ପତ୍ର ପ୍ରଦାନ କରିଥିଲେ । ଯାହାକି ଡିସିପି ଅବଗତ ହେବା ପରେ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଗଣେଶ ପୂଜା ମହାସଂଘର ପ୍ରମୁଖ ଦାବି ପୂଜା ଅନୁମତି ବ୍ୟବସ୍ଥାକୁ ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହ ତୁରନ୍ତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ଭୁବନେଶ୍ୱର ଗଣେଶ ପୂଜା ମହାସଂଘ ପକ୍ଷରୁ ପ୍ରମୁଖ ଦାବିକୁ ତୁରନ୍ତ ସମାଧାନ ପାଇଁ



ନିର୍ଦ୍ଦେଶ ଦେଇଥିବାରୁ ଭୁବନେଶ୍ୱର ଡିସିପଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଆଗାମୀ ଦିନରେ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଭୁବନେଶ୍ୱର ଗଣେଶ ପୂଜା ମହାସଂଘ ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ଭୁବନେଶ୍ୱର ଗଣେଶ ପୂଜା ମହାସଂଘର କର୍ମକର୍ତ୍ତା ଗୁରୁଚରଣ ସାହୁ, ଶିବ ସୁଆର, ଆନନ୍ଦ ଦିୱେ୍ୱଦି, ଆଲୋକ ପୃଷ୍ଟି, ବିବେକ ସ୍ୱାଇଁ, ପତିତୋଷ ପ୍ରୀୟତୋଷ ପ୍ରମୁଖ ବିଭିନ୍ନ କ୍ଲବର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ ।



ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସଂସଦୀୟ ଓ ବିଧାନ ସେବା କ୍ଷେତ୍ରର ବିକାଶ ସମ୍ପର୍କରେ ଆଲୋଚନା କରୁଛନ୍ତି



ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ ଏବଂ ବିଧାୟକ ଗଣ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସ୍ଥାନୀୟ ଅଞ୍ଚଳର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରୁଛନ୍ତି ।

## ପରଲୋକରେ ବିଶିଷ୍ଟ ସାହିତ୍ୟିକ ଗିରି ଦଣ୍ଡସେନା

ସୁନ୍ଦରଗଡ଼,(ସବ୍ୟୁ): ଓଡ଼ିଶା ସାହିତ୍ୟ ଏକାଡେମିର ପୂର୍ବତନ ଉପସଭାପତି, ଧୂରୀଣ ସାହିତ୍ୟକ ଏବଂ ବହୁ ଚର୍ଚ୍ଚିତ 'ସୁନ୍ଦରଗଡ଼ ଇତିହାସ'ର ସ୍ରଷ୍ଟା ଗିରି ଦଣ୍ଡସେନା ଆଉ ନାହାନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା । ସେ ବହୁଦିନ ଧରି ଶଯ୍ୟଶାୟୀ ହୋଇ ପଡ଼ିଥିଲେ । ୫ ଦିନ ତଳେ ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସୋମବାର ସକାଳ ୮ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ହୋଇଯାଇଛି ।



ଗିରି ଦଣ୍ଡସେନା ପଶ୍ଚିମ ଓଡ଼ିଶାର ଜଣେ ଆଗଧାଡ଼ିର ସାହିତ୍ୟିକ ଥିଲେ । ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ ଗୁଡ଼ିକ ହେଲା- କାଳସୂତ୍ର , ଓଡ଼ିଶୀ ଓଡ଼ିଶୀ , ଭୂମିଗର୍ଭା ,ରାସ୍ତା କଡ଼ରେ ଜୀବନ ଓ ସୁନ୍ଦରଗଡ଼ ଇତିହାସ । ସେ ୧୯୪୯ ମସିହା ଡିସେମ୍ବର ୨୯ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ ଓଡ଼ିଶା ସାହିତଯ ଏକାଡେମି ପୁରସ୍କାର ମଧ୍ୟ ପାଇଥିଲେ । ତାଙ୍କ ବିୟୋଗରେ ସାହିତ୍ୟିକ ମହଲରେ ତଥା ସୁନ୍ଦରଗ ସହରରେ ଶୋକର ଛାୟା ଖେଳିଯାଇଛି ।

### ଏମ୍‌ଏମ୍‌ଡିଆର୍ ଆମେଣ୍ଡମେଣ୍ଟ ବିଲ୍ ପ୍ରସଙ୍ଗ

## ରାଜ୍ୟର ହକ୍‌କୁ ଛଡ଼ାଇ ନେଲା କେନ୍ଦ୍ର : ବିଜେଡ଼ି

ଭୁବନେଶ୍ୱର, (ସବ୍ୟୁ): ବିନା ଆଲୋଚନାରେ ସଂସଦରେ ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍ ପାରିତ ହୋଇଛି । ଯାହା ଦ୍ୱାରା ରାଜ୍ୟର ହକ୍କୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି । ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣି ମାଲିକଙ୍କୁ ସୁହାଇଲା ଭଳି କାର୍ଯ୍ୟ କରିଥିବାରୁ ଡବଲ ଇଞ୍ଜିନ ସରକାରକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ପ୍ରଣବ ବଳବନ୍ତରାୟ ଡବଲ ଇଞ୍ଜିନ ସରକାରଙ୍କ ରାଜ୍ୟ ବିରୋଧୀ କାର୍ଯ୍ୟକୁ କଡ଼ା ନିନ୍ଦା କରିଥିଲେ । କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍କୁ କେନ୍ଦ୍ର ବିଜେପି ସରକାର ବିନା ଆଲୋଚନାରେ ସଂସଦରେ ପାରିତ କରାଇଛନ୍ତି । ସୁପ୍ରିମକୋର୍ଟ ଯେତେବେଳେ ରାଜ୍ୟଗୁଡ଼ିକର ରାଜସ୍ୱ ଅଧିକାରୀକୁ ସ୍ୱୀକୃତି ଦେଇଛନ୍ତି, ସେତେବେଳେ ରାଜ୍ୟ ମାନଙ୍କ ସହିତ ବିନା ଆଲୋଚନା ଓ ପରାମର୍ଶରେ କେନ୍ଦ୍ର ସରକାର କାହିଁକି ଆଇନ ମାଧ୍ୟମରେ ଏହି ଅଧିକାରକୁ ଛଡ଼ାଇ ନେବାକୁ ଚେଷ୍ଟା କରୁଛନ୍ତି ? ଜୁଲାଇ ୨୦୨୪ରେ ସର୍ବୋଚ୍ଚ ନ୍ୟାୟାଳୟର ୯ ଜଣିଆ ଖଣ୍ଡପୀଠ ଖଣି ଓ ଖଣିର ଜମି ଉପରେ ରାଜ୍ୟ ମାନଙ୍କର ଅଧିକାର ରହିଛି ବୋଲି ମତପ୍ରକାଶ କରିଥିଲେ । ରାଜ୍ୟ ମାନେ ଖଣିଜ ପଦାର୍ଥ ଉପରୁ ଲେଭି ଓ ଟ୍ୟାକ୍ସ ଆଦାୟ କରିପାରିବେ । କିନ୍ତୁ ତାହାକୁ କେନ୍ଦ୍ର ସରକାର ନିଜ ନିୟନ୍ତ୍ରଣକୁ ନେଇ ରାଜ୍ୟ ସରକାରଙ୍କ ହକ୍କୁ ଛଡ଼ାଇ ନେଇଛନ୍ତି । ।ଏହି ବିଲ୍ ଫଳରେ ବକେୟା ଥିବା ୧ ଲକ୍ଷ କୋଟିରୁ ଉଦ୍ଧର୍ ଖଣି ରାଜସ୍ୱ ଆଦାୟ ହୋଇପାରିବ ନାହିଁ । ଶ୍ରୀ ପ୍ରଣବ ବଳବନ୍ତରାୟ କହିଥିଲେ ଯେ, ଖଣିଜ ସମ୍ପଦରୁ ରାଜ୍ୟକୁ ସର୍ବାଧିକ ପରିମାଣର ଆୟ ହୋଇଥାଏ । କିନ୍ତୁ ତାହାକୁ କେନ୍ଦ୍ର ସରକାର ଛଡ଼ାଇ ନେଇ ରାଜ୍ୟର ଅର୍ଥନୀତିକୁ ନଷ୍ଟ କରିବାକୁ ପ୍ରୟାସ କରିଛନ୍ତି । ବିଜେଡି ସରକାର ସମୟରେ ରାଜ୍ୟର ଖଣିଜ ସମ୍ପଦରୁ ଆୟ ବୃଦ୍ଧି ପାଇ ତାହା ୫୦,୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶା, ଗୁଜୁରାଟ ଓ ମହାରାଷ୍ଟ୍ର ଭଳି ଶିଳ୍ପ ସମୃଦ୍ଧ ରାଜ୍ୟକୁ ପଛରେ ପକାଇ ଅଧିକ ଖଣି ରାଜସ୍ୱ ଆଦାୟ କରିଥିଲା ।

### ୩ଟି ସ୍କୁଲ ବସ୍ ଜବତ କଲେ ଆର୍‌ଟିଓ

## ନଥିଲା ବୈଧ ପରମିଟ୍ ଏବଂ ଫିଟନେସ୍ ସାର୍ଟିଫିକେଟ୍

କଟକ,(ସବ୍ୟୁ): କଟକ ଜିଲ୍ଲା ଡମପଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ୩ଟି ବସକୁ ଆଜି ଜବତ କରିଛି ପରିବହନ ବିଭାଗ । ପରିବହନ ବିଭାଗର ଏନଫୋର୍ସମେଣ୍ଟ ଦଳ ଆଜି ସକାଳେ ଜାତମୁଣ୍ଡିଆ ଛକ ଠାରେ ଯାଞ୍ଚ କରିବା ବେଳେ ଏହି ବସ ଗୁଡିକର ବୈଧ ପରମିଟ କିମ୍ବା ଫିଟନେସ ସାର୍ଟିଫିକେଟ ନଥିବା ଜଣାପଡିଥିଲା । ଏଗୁଡିକ ନଥାଇ ବସ ଚାଲୁଥିବା ଅଭିଯୋଗରେ ସୋମବାର କଟକ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଓଡ଼ିଶା ମୋଟର ଯାନ ବିଭାଗର ଏକ ମିଳିତ ଏନଫୋର୍ସମେଣ୍ଟ ଟିମ୍ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଏହି ବସଗୁଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିବା ପରେ, ସେଗୁଡ଼ିକ ପାଖରେ କୌଣସି ବୈଧ ପରମିଟ୍ କିମ୍ବା ଫିଟନେସ୍ ସାର୍ଟିଫିକେଟ୍ ନଥିବା ଜଣାପଡ଼ିଥିଲା । ତିନୋଟି ଯାକ ଘରୋଇ ସ୍କୁଲ ବସକୁ ଇ-ଚାଲାଣ କଟାଯିବା ସହ ଜବତ କରାଯାଇଛି । ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ନରାଜସ୍ଥିତ ଆରଟିଓ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକରେ ରଖାଯାଇଛି । ଏହାସହ ଏହି ବସଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର ବାତିଲ୍ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ।

## ନିଆରା ମଣିଷ ଅଭିମନ୍ୟୁ : ଖାନନଗର ଶ୍ମଶାନରେ ଅସହାୟ ମହିଳାଙ୍କ ଶବଦାହ କଲେ

କଟକ, (ସ୍ୱପ୍ର) : ନିଆରା ମଣିଷ ଅଭିମନ୍ୟୁ । ବେଶ ପୋଷାକରେ ନଥାଏ ଚାକଚକ୍ୟ କି ସେବାକାର୍ଯ୍ୟ କରି ବାହାବାହା ନେବାରେ ନଥାଏ ମନୋବୃତ୍ତି । ରାତି ପାହିଲେ ଅନ୍ୟସବୁ କାମ ପଛରେ ପକାଇ ସେ ଅସହାୟ ଅଲୋଡା ମଣିଷର ସେବା ପାଇଁ ବାହାରି ପଡିନ୍ତି । ଧାଇଁ ଆସନ୍ତି ଏସ୍‌ସିବି । ପୁଣି ଏସ୍‌ସିବିରୁ ଆଚାର୍ଯ୍ୟ ହରିହର କ୍ୟାନସର ଓ୍ୱାର୍ଡ । ସତେ ଯେମିତି ସେଇଠି ହିଁ ଥାଏ ଅଭିଙ୍କ ଠିକଣା । ସେଠାରେ ନିଜର ପାରୁ ପର୍ଯ୍ୟନ୍ତ ରୋଗୀସେବା କରିବା ସହିତ ଅସହାୟ ଅପରିଚିତ ଲୋକଙ୍କ ଶବ ନେଇ ଦାହ କରନ୍ତି । ଏହି ସେବାକାର୍ଯ୍ୟ ପାଇଁ ସେ ଅନେକ ଅନୁଷ୍ଠାନ ପକ୍ଷରୁ ପାଇଛନ୍ତି ସମ୍ମାନ ଓ ସ୍ୱୀକୃତି ।



ସୋମବାର ସେ କଟକ ଜିଲ୍ଲା ନୂଆପାଟଣା ତିଗିରିଆ ଅଞ୍ଚଳର କବିତା ଦାସ ନାମକ ଜଣେ ଅସହାୟ ମହିଳାଙ୍କ ଶବଦାହ କରିଛନ୍ତି । ଏସସିବିରେ ଉକ୍ତ ମହିଳା ଜଣକ ଲିଭର ସିରୋସିସରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ କେବଳ ମାତ୍ର କେ,,ଇ ନାମକ ଜଣେ ୧୦ ବର୍ଷର ଶିଶୁ କନ୍ୟା ଅଛନ୍ତି । ଚାଇଲ୍ଡ ଲାଇନ ସହାୟତାରେ ତାଙ୍କୁ ସ୍ଥାନୀୟ ଖାନନଗର ସ୍ୱର୍ଗଧାମରେ ସତ୍କାର କରିଛନ୍ତି ଅଭି । ଏମତି ୨୦୦୬ ମସିହାରୁ ଅଦ୍ୟାବଧି ସେ ୩ ହଜାରରୁ ଅଧିକ ଶବଦାହ କରି ସାରିଲେଣି । ମାନବ ସେବାକୁ ମାଧବ ସେବା ଭାବି ସେ ଏପରି କାର୍ଯ୍ୟ କରିଥାନ୍ତି ବୋଲି ପ୍ରକାଶ କରିଛନ୍ତି । ତାଙ୍କୁ ଏପରି ସେବାକାର୍ଯ୍ୟ କରି ବିଶେଷ ଆନନ୍ଦ ଓ ତୃପ୍ତି ମିଳିଥାଏ ବୋଲି କୁହନ୍ତି ଅଭିମନ୍ୟୁ । ପ୍ରଭୁ ଜଗନ୍ନାଥ କୃପା କଲେ ଜୀବନର ଶେଷ ଯାଏଁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଛନ୍ତି ।

## ଆଇଆଇଟି ଭୁବନେଶ୍ୱରରେ ରକ୍ତଦାନ ଶିବିର

ଜଟଣୀ, (ସବ୍ୟୁ) : ଆଇଆଇଟି ଭୁବନେଶ୍ୱରର ଜାତୀୟ ସେବା ଯୋଜନା (ଏନଏସଏସ) ଦଳ ୨୩ ଅଗଷ୍ଟ ୨୦୨୬ରେ ପ୍ରତିଷ୍ଠାନର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ର ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଆଇଆଇଟି ଭୁବନେଶ୍ୱର, ଡିନ୍ (ଛାତ୍ର ବ୍ୟାପାର) ପ୍ରଫେସର ମିହିର ଦାସ ଏହି ଉତ୍ସବକୁ ଅନୁଗ୍ରହ ପ୍ରଦାନ କରି ଦାତାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ, ଡକ୍ଟର ସୀମା ବାହିନୀପତି, ପ୍ରଫେସର-ଇନ୍-ଚାର୍ଜ (ସ୍ୱାସ୍ଥ୍ୟସେବା), ଡକ୍ଟର ଏମ୍.ଏ. ଖାନ, ମୁଖ୍ୟ ଚିକିତ୍ସା ଅଧିକାରୀ, ଆଇଆଇଟି ଭୁବନେଶ୍ୱରର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ରର ସଦସ୍ୟ, କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଡକ୍ଟର ଶ୍ରୁତି ପାଢୀ ଏବଂ ଏନଜିଓ ସହାୟର ସଚିବ କୈଳାସ ଷଡ଼ଙ୍ଗୀ ଏହି ଅବସରରେ ଉପସ୍ଥିତ ଥିଲେ। ଡକ୍ଟର ଅଙ୍କିତ ଦଲାଲ ଏନଏସଏସ ସଂଯୋଜକ ଏହି ଶିବିରର ନେତୃତ୍ୱ ନେଇଥିଲେ।

### ମ୍ୟୁନିସିପାଲିଟି ପକ୍ଷରୁ ଗଣେଶପୂଜା ପ୍ରସ୍ତୁତି ବୈଠକ

## ମଞ୍ଚ ବନ୍ଧାହେଲେ ଭସାଣି ଉତ୍ସବ ହେବ ବନ୍ଦ

ଜଟଣୀ, (ସବ୍ୟୁ) : ପବିତ୍ର ଗଣେଶ ପୂଜା ଉତ୍ସବ ଜଟଣୀର ଅନ୍ୟତମ ସାଂସ୍କୃତିକ ଓ ଭାଇଚାରାର ଉତ୍ସବ । ପୂଜା ପାଖେଇ ଆସିଲେ ଚଳ ଚଞ୍ଚଳ ହୋଇଉଠେ ସମଗ୍ର ସହର । ଚତୁର୍ଥୀ ଠାରୁ ଆରମ୍ଭ ହୋଇ ଇନ୍ଦୁ ପୂର୍ଣ୍ଣିମା ଦିନ ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଠାକୁର ମାନେ ବିସର୍ଜନ ହୁଅନ୍ତି । ଜଟଣୀ ଗଣେଶ ପୂଜାର ଅନ୍ୟତମ ବିଶେଷତଃ ହେଲା ଏଠାରେ ଗଣେଶଙ୍କ ସହ ମା ଲକ୍ଷ୍ମୀ ଓ ସରସ୍ୱତୀ ଏକତ୍ର ପୂଜାପାଆନ୍ତି । ଏଥି ସହ ଭିନ୍ନଭିନ୍ନ ମଣ୍ଡପରେ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ଭୋଗ ଲାଗିହୁଏ । ସବୁ ପୂଜା ମଣ୍ଡପ ନିକଟରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ନଗର ପାଳିକା ପକ୍ଷରୁସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ । ଦୀର୍ଘ ଦଶ ଦିନ ଧରି ଛୋଟ ବଡ଼ ହୋଇ ୧୦୦ ରୁ ଅଧିକ ପୂଜା ମଣ୍ଡପରେ ପ୍ରଭୁ ଗଜାନନ ପୂଜା ପାଉଥିଲେ ହେଁ ସ୍ୱୀକୃତି ପ୍ରାପ୍ତ ୧୭-୧୮ ଟି ବଜାର କମିଟିର ମଣ୍ଡପ ଗୁଡିକୁ ପ୍ରାଧାନ୍ୟ ଦିଆଯାଇଥାଏ । ଏହି ପରିପ୍ରେକ୍ଷୀରେ ପୌରପାଳିକା ପକ୍ଷରୁ ସ୍ଥାନୀୟ ଧର୍ମଶାଳା ପରିସରରେ ପୌର ଅଧକ୍ଷ ଅନନ୍ତ ବେହେରାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ସଭାରେ ପୌର ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା,ଉପାଧାକ୍ଷା





ଆରତୀ ରାଉତ, କାଉନସିଲର ବିଷ୍ଣୁକୁମାର ସାହୁ, ଶଶାଙ୍କ ଶେଖର ରାୟ,ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ,ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା,ୱାଟକୋ ଅଧିକାରୀ,ବିଦ୍ୟୁତ ବିଭାଗ ଅଧିକାରୀ, ପୂର୍ତ୍ତବିଭାଗ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀ ଓ ଅଗ୍ନିଶମ ବିଭାଗ ଅଧିକାରୀ, ଅବକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଉପସ୍ଥିତ ଥିବା ପ୍ରାୟ କିଛି ବଜାର କମିଟିର କର୍ମକର୍ତ୍ତା ମାନେ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ପୂର୍ବତନ ପୌରାଧକ୍ଷ ତଥା ଭସାଣି କମିଟିର ଅଧକ୍ଷ ସଂଗ୍ରାମ କେଶରୀ ରାଉତରାୟ ପୂର୍ବ ବର୍ଷ ମାନଙ୍କରେ ଭସାଣି ଦିନ ମୁଖ୍ୟ ରାସ୍ତା କଡରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମଞ୍ଚ ବାନ୍ଧି ଭାଷଣ ବାଜି କରୁଥିବା ହେତୁ ଭସାଣି କାର୍ଯ୍ୟକ୍ରମ ବିଳମ୍ବ ହେଉଥିବା ନେଇ ଯୁକ୍ତି ଉପସ୍ଥାପନା କରିଥିଲେ ।

## ବକେୟା ଖଣି ଟିକସ ଆଦାୟ ହେଲେ ପ୍ରତି ଓଡ଼ିଆଙ୍କୁ ଜଣ ପିଛା ୨୨ହଜାର ଟଙ୍କା ମିଳିବ:କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ଭବନଠାରେ ରାଜ୍ୟସ୍ୱାର୍ଥ ପରିପନ୍ଥୀ । ଏମଏମଡ଼ିଅାର





କଳାବିଲକୁ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି ଯେ, ଏମଏମଡ଼ିଆର ବିଲ ଲାଗୁ କରିବା କେନ୍ଦ୍ର ବିଜେପି ସରକାରର ଏକ ସୁଚିନ୍ତିତ ଷଡଯନ୍ତ୍ର । ଏହାଦ୍ୱାରା ରାଜ୍ୟର ଘୋର ରାଜସ୍ୱ କ୍ଷତି ଘଟିବ । ଏହି ବିଲ ଦ୍ୱାରା ରାଜ୍ୟ ବକେୟା ଟିକସ ବାବଦକୁ ପ୍ରାୟ ୧ ଲକ୍ଷ ୫୦ କୋଟି ରୁ ୨ ଲକ୍ଷ କୋଟି ଟଙ୍କା ସିଧାସଳଖ ହରାଇବ । ଏହି ଟଙ୍କାରେ ସ୍କୁଲ, କଲେଜ, ଡାକ୍ତରଖାନା, ବ୍ରିଜ ଆଦି ଅନେକ ନିର୍ମାଣ କାର୍ଯ୍ୟ ସମ୍ଭବ ହୋଇଥାନ୍ତା । କାମଧନ୍ଦା ଅଭାବରେ ବେକାରୀ ଯୁବକ ଅନ୍ୟ ରାଜ୍ୟକୁ ଦାଦନ ଯିବାକୁ ବାଧ୍ୟ ହେଉଛି, ସେମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇ ପାରିଥାନ୍ତା । ଯଦି ଲକ୍ଷେ କୋଟି ଟଙ୍କା ସାଢେ ଚାରିକୋଟି ଓଡ଼ିଆଙ୍କ ମଧ୍ୟରେ ବାଣ୍ଟନ୍ତା ତେବେ ପ୍ରତ୍ୟେକଙ୍କୁ ୨୨ ହଜାର ଟଙ୍କା ମିଳନ୍ତା । କଂଗ୍ରେସ ଏହାର ପ୍ରତିରୋଧ ନିଶ୍ଚୟ କରିବ । ଜନତାଙ୍କ ସ୍ୱାର୍ଥ ସକାଶେ ରାଜ୍ୟ ସରକାରଙ୍କୁ ସବୁ ସ୍ତରରେ ଓ ବିଭିନ୍ନ ଉପାୟରେ ବିରୋଧ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ପିସିସି ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ, କଂଗ୍ରେସ ନେତା ଚିନ୍ମୟ ସୁନ୍ଦର ଦାଶ ଉପସ୍ଥିତ ଥିଲେ ।

## ପୁରୀ ରେଳ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବାରେ ପରିବର୍ତ୍ତନ

ଭୁବନେଶ୍ୱର, (ସବ୍ୟୁ): ପୁରୀ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୫ ଓ ୬ର ଉନ୍ନତିକରଣ କାର୍ଯ୍ୟ



ପରିପ୍ରେକ୍ଷୀରେ, ପୂର୍ବତଟ ରେଳପଥ ପକ୍ଷରୁ ୨୫ ଅଗଷ୍ଟ ୨୦୨୬ରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ କେତେକ ଟ୍ରେନ୍‌ର ସେବାରେ ସାମୟିକ ପରିବର୍ତ୍ତନ କରାଯାଇଛି। ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟକୁ ସୁରକ୍ଷିତ ଓ ସୁଗମ ଭାବେ ସମ୍ପାଦନ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। ଟ୍ରେନ୍ ନମ୍ବର ୬୮୪୦୯ ଖୋର୍ଦ୍ଧା ରୋଡ୍–ପୁରୀ ମେମୁ ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ଏହାର ଫେରନ୍ତା ଟ୍ରେନ୍ ଟ୍ରେନ୍ ନମ୍ବର ୬୮୪୧୦ ପୁରୀ–ଖୋର୍ଦ୍ଧା ରୋଡ୍ ମେମୁ ମଧ୍ୟ ଏହି ସମୟ ମଧ୍ୟରେ ବାତିଲ ରହିବ । ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

## ହଳଦିଆ ମହାବିଦ୍ୟାଳୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ ହଳଦିଆ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ ସଶକ୍ତୀକରଣ କୋଷ ଅଧୀନରେ ସଂଯୋଜିକା ଅଧ୍ୟାପିକା ଲିଲି ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ନିମନ୍ତେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଶାନ୍ତନୁ କୁମାର ମିଶ୍ରା ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା ଶିଳ୍ପାଂଚଳ ଥାନା



ଅଧିକାରୀ ଉମେଶ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସେମାନଙ୍କ ସୁରକ୍ଷା, ପୋକ୍ସୋ, ସାଇବର ଫ୍ରଡ୍ ଓ ବିଭିନ୍ନ ପାରିବାରିକ ଆଇନ ସମ୍ପର୍କରେ ସଚେତନତା କରାଇଥିଲେ। ସବ୍-ଇନ୍ସପେକ୍ଟର ସ୍ୱାଗତିକା ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆଇନ୍ ର ବିଭିନ୍ନ ନିୟମ ସହିତ କିପରି ଆତ୍ମ-ସୁରକ୍ଷା କରାଯାଇପାରିବ ସେ ବିଷୟରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବସନ୍ତ କୁମାର ମହାପାତ୍ର, ପ୍ରସନ୍ନ କୁମାର ବିଶ୍ୱାଳ, ସନ୍ତୋଷ ମହାନ୍ତି, ଡଃ ସସ୍ମିତା ପଟ୍ଟନାୟକ, ଡେମୋନ୍‌ଷ୍ଟ୍ରେଟର ଅରୁଣାଭ ଭଞ୍ଜଦେଓ, ନିରଞ୍ଜନ ମହାପାତ୍ର ଓ ହୃଦୟରାମ ବରାଡ ସହଯୋଗ କରିଥିଲେ। ଶେଷରେ ଡ. ଅର୍ପିତା ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### କଣ୍ଠଶିଳ୍ପୀ ସୌରିନୀ ଭଟ୍ଟଙ୍କ ଅଡୁଆ ବଢ଼ିଲା

## ହଟିଲା ରହିତାଦେଶ ,ହାଜର ନ ହେଲେ ନିଅ ଦୃଢ଼ ପଦକ୍ଷେପ : ହାଇକୋର୍ଟ

କଟକ,(ସବ୍ୟୁ): ଏକ ବଳାତ୍କାର ମାମଲାରେ କଣ୍ଠଶିଳ୍ପୀ ସୌରିନୀ ଭଟ୍ଟଙ୍କ ଅଡୁଆ ବଢ଼ିଯାଇଛି। ନିମ୍ନ ଅଦାଲତରେ ବାରମ୍ବରେ ହାଜର ହେବାକୁ କହି ହାଜର ନହେବାରୁ ହାଇକୋର୍ଟ କ୍ଷୁବ୍ଧ ହାଇଛନ୍ତି। ନିମ୍ନ ଅଦାଲତଙ୍କ ପକ୍ଷରୁ ସୌରିନୀ ଭଟ୍ଟଙ୍କ ବିରୋଧରେ ଲାଗୁ ହୋଇଥିବା ଜାମିନ୍ ବିହୀନ ପରୱାନା(ଏନ୍‌ବିଡବ୍ଲୁ) ଉପରେ ହାଇକୋର୍ଟ ଜାରି କରିଥିବା ରହିତାଦେଶକୁ ହଟାଇ ଦେଇଛନ୍ତି। ଅଦାଲତରେ କିପରି ସୌରିନୀ ଭଟ୍ଟ ହାଜର ହେବେ ସେନେଇ ନିମ୍ନ ଅଦାଲତ ଦୃଢ଼ ପଦକ୍ଷେପ ନେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶିବ ଶଙ୍କର ମିଶ୍ର ଏହି ଆଦେଶ ଦେଇଛନ୍ତି। ଏକ ବଳାତ୍କାର ମାମଲାରେ ଜଗତପୁର ଥାନା ପକ୍ଷରୁ ସୌରିନୀ ଭଟ୍ଟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଥାନା ପକ୍ଷରୁ ବାରମ୍ବାର ନୋଟିସ୍ କରାଯିବା ସତ୍ତ୍ୱେ ସୌରିନୀ ଭଟ୍ଟ ତଦନ୍ତରେ ସହଯୋଗ କରିନଥିଲେ। ଫଳରେ କଟକ ସଦର ଏସ୍‌ଡିଜେଏମ୍‌ଙ୍କ ଅଦାଲତ ପକ୍ଷରୁ ୨୦୨୩ ମସିହା ନଭେମ୍ବର ୨୩ ତାରିଖରେ ସୌରିନୀ ଭଟ୍ଟଙ୍କ ବିରୋଧରେ ଏନ୍‌ବିଡବ୍ଲୁ ଜାରି କରିଥିଲେ। ଏହି ଏନ୍‌ବିଡବ୍ଲୁ ବିରୋଧରେ ସେ ହାଇକୋର୍ଟକୁ ଆସିଥିଲେ। ହାଇକୋର୍ଟ ଏହା ଉପରେ ରହିତାଦେଶ ଜାରି କରିବା ସହ ସୌରିନୀ ଭଟ୍ଟଙ୍କୁ ନିମ୍ନ ଅଦାଲତରେ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୦ତାରିଖ ପୂର୍ବରୁ ସେ ନିମ୍ନ ଅଦାଲତରେ ଆତ୍ମ ସମର୍ପଣ କରିବେ ବୋଲି ତାଙ୍କ ଆଇନଜୀବୀ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଅଦାଲତଙ୍କ ଆଦେଶ ସତ୍ତ୍ୱେ ସେ ଅଦାଲତରେ ହାଜର ନହେବାରୁ ହାଇକୋର୍ଟ ପୂର୍ବରୁ ଜାରି କରିଥିବା ରହିତାଦେଶକୁ ହଟାଇ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଚିତ୍ତ ରଞ୍ଜନ ପାଇଁ ମାମଲା ପରିଚାଳନା କରୁଥିଲେ।

## ସେପ୍ଟେମ୍ବର ୬ରେ ଇଣ୍ଡିଆନ ଏବଂ ଓଡ଼ିଶା ଜର୍ଣ୍ଣାଲିଜିମ୍ ଆୱାର୍ଡ

ନୂଆଦିଲ୍ଲୀ (ସବ୍ୟୁ): ମର୍ଯ୍ୟାଦାସଂପନ୍ନ ଇଣ୍ଡିଆନ ଜର୍ଣ୍ଣାଲିଜମ ଆୱାର୍ଡ ଏବଂ ଓଡ଼ିଶା ଜର୍ଣ୍ଣାଲିଜିମ ଆୱାର୍ଡ ସେପ୍ଟେମ୍ବର ୬ତାରିଖରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟର ସଭାଗାରରେ ପ୍ରଦାନ କରାଯିବ। ଦିଲ୍ଲୀର ପ୍ରତିଷ୍ଠିତ ଏବଂ ପୁରାତନ ସଂଗଠନ ପଲ୍ଲୀବାଣୀ ମିଶନ ପକ୍ଷରୁ ପ୍ରତିବର୍ଷ ଏହ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ୨୦୨୬ ପାଇଁ ଇଣ୍ଡିଆନ ଜର୍ଣ୍ଣାଲିଜିମ ଆୱାର୍ଡ ପାଇବେ ନବୋଦୟ ଟାଇମ୍ସର ମୁଖ୍ୟ ସଂପାଦକ ଅକ୍କୁ ଶ୍ରୀବାସ୍ତବ, ବିନ୍ଦେଗୀ ଉଇଥ୍ ରିଚାର ପ୍ରଯୋଜକ ଏବଂ ଉପସ୍ଥାପିକା ରିଚା ଅନିରୁଦ୍ଧ ଏବଂ ଏନ୍‌ଡିଟିଭିର ବୈଦେଶିକ ବ୍ୟାପାର ତଥା ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ସଂପାଦକ ଆଦିତ୍ୟ ରାଜ କୋଲ। ସେହିପରି ଓଡ଼ିଶା ଜର୍ଣ୍ଣାଲିଜିମ ଆୱାର୍ଡରେ ସମ୍ମାନିତ ହେବେ ଦୈନିକ ସଂଚାରର ମୁଖ୍ୟ ସଂପାଦକ ଅତିତ କୁମାର ଦାଶ, କନକ ନ୍ୟୁଜର ଉପସ୍ଥାପିକ ବିଜୟଲକ୍ଷ୍ମୀ ରଥ ଏବଂ ସାଂସଦ ଭର୍ତ୍ତୃହରୀ ମହତାବ ଏବଂ ବିଶିଷ୍ଟ ସାମ୍ବାଦିକ ଏବଂ ଲେଖକ ପଦ୍ମଶ୍ରୀ ଆଲୋକ ମେହେଟ୍ଟା। ସେପ୍ଟେମ୍ବର ୬ତାରିଖ ସନ୍ଧ୍ୟାରେ



ପ୍ରମେୟ ଅନୁଗୋଳ ସଂସ୍କରଣର ବ୍ୟୁରୋ ମୁଖ୍ୟ ଜଳଧର ପ୍ରଧାନ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବା ନେଇ ପଲ୍ଲୀବାଣୀ ମିଶନର ଅଧକ୍ଷ ରାମଚନ୍ଦ୍ର ନାଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବିକଶିତ ଭାରତରେ ବିକଶିତ ଓଡ଼ିଶାର ସ୍ଥାନ ଗୁରୁତ୍ୱପୂର୍ଣ୍ଣ

## ତ୍ରିଦିବସୀୟ ମଲ୍ଟିମିଡିଆ ପ୍ରଦର୍ଶନୀ ଉଦ୍‌ଯାପିତ

ବ୍ରହ୍ମପୁର, (ସବ୍ୟୁ): ସମାଜର ସମସ୍ତ ବର୍ଗର ଲୋକଙ୍କ ସହଭାଗିତା ଓ ସ୍ଥାନୀୟ ସ୍ତରରେ ଉପଲବ୍ଧ ସୁଯୋଗର ସଦୁପଯୋଗ ମାଧ୍ୟମରେ ଭାବିନୀପୁରର ସାମଗ୍ରିକ ବିକାଶ ସମ୍ଭବ ବୋଲି ଉଦଯାପନୀ ସମାରୋହରେ ମତ ପ୍ରକାଶ ପାଇଛି । ମହିଳା ଉଦ୍ୟୋଗିତା, ଯୁବବର୍ଗଙ୍କ ଭାଗିଦାରି ଓ ସ୍ଥାନୀୟ ଜୀବିକାକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭାବିନୀପୁରରେ ଆୟୋଜିତ ତିନିଦିନିଆ ମଲ୍ଟିମିଡିଆ ପ୍ରଦର୍ଶନୀର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ଜୟନ୍ତ କୁମାର ପଣ୍ଡା କହିଥିଲେ ଯେ, ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଆବଶ୍ୟକ ଏବଂ



ବିକଶିତ ଓଡ଼ିଶା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ବିକାଶ ଜରୁରୀ । ଗଞ୍ଜାମ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ସାହୁ ବିକାଶମୂଳକ ଯୋଜନା ଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ସହିତ ସ୍ଥାନୀୟ ଲୋକଙ୍କ ସକ୍ରିୟ ଭାଗିଦାରିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । "ୟୁଥ୍ ଫର୍ ସୋସିଆଲ୍ ଡେଭଲପମେଣ୍ଟ'ର ସିଇଓ ବିଭୁ ପ୍ରସାଦ ସାହୁ ସ୍ଥାନୀୟ ସ୍ତରରେ ସୁଯୋଗ ସୃଷ୍ଟି ଏବଂ ବିକାଶମୂଳକ କାର୍ଯ୍ୟରେ ଯୁବବର୍ଗ ଓ ସାମାଜିକ ସଂଗଠନଗୁଡ଼ିକର ଭୂମିକା ଉପରେ କହିଥିଲେ । ଭାବିନୀପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଇଞ୍ଜିନିୟର ରଣଜିତ କୁମାର ସାହୁ ସମାଜର ସମସ୍ତ ବର୍ଗର ଲୋକଙ୍କୁ ସାମିଲ କରି ଗ୍ରାମ ପଞ୍ଚାୟତର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘର ସମ୍ପାଦିକା ଗାୟତ୍ରୀ ଶତପଥୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାଙ୍କ ଜୀବିକା ଓ ଉଦ୍ୟୋଗିତା କ୍ଷେତ୍ରରେ ବଢ଼ୁଥିବା ଭାଗିଦାରି ବିଷୟରେ କହିଥିଲେ । ଭାବିନୀପୁରରେ ଏବେ ୪୦୬ ଜଣ ମହିଳା ଲକ୍ଷପତି ଦିଦି ହୋଇଥିବା ଏବଂ ଏହି ସଂଖ୍ୟା ବଢ଼ୁଥିବା ବିଷୟଟି ମଧ୍ୟ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ତିନିଦିନିଆ ପ୍ରଦର୍ଶନୀରେ ମଲଟିମିଡିଆ ପ୍ରଦର୍ଶନୀ, ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଓ ସାଂସ୍କୃତିକ ପ୍ରସ୍ତୁତି ମାଧ୍ୟମରେ ସରକାରୀ ଯୋଜନା, ବିକାଶମୂଳକ ପଦକ୍ଷେପ ଓ ଜନକଲ୍ୟାଣକାରୀ ସୂଚନା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଯାଇଥିଲା । କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ବ୍ରହ୍ମପୁରର କ୍ଷେତ୍ର ପ୍ରଚାର ସହାୟକ ଜୀବନ କୁମାର ସାମନ୍ତସିଂହାର ସ୍ୱାଗତ ଭାଷଣ ଦେଇଥିଲେ । ସସ୍ମିତା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରାବଣ ଶେଷ ସୋମବାର, ଶୈବପୀଠରେ କାଉଡିଆଙ୍କ ଭିଡ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ଶ୍ରାବଣ ମାସର ଚତୁର୍ଥ ତଥା ଶେଷ ସୋମବାର ଦିନ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଥିବାବେଳେ ସେଥିରେ ଉଭୟ ପୁରୁଷ ଓ ମହିଳା ଶୈବଭକ୍ତ ରହିଛନ୍ତି । ଚଳିତବର୍ଷ ଦଳଦଳ କାଉଡିଆ ବୋଲବମ୍ ଡାକ ଦେଇ ବିଭିନ୍ନ ଶୈବପୀଠ ଅଭିମୁଖେ ପଦଯାତ୍ରା କରୁଛନ୍ତି । ବୁଗୁଡା ଏବଂ ଏହାର ଆଖପାଖ ଅଞ୍ଚଳର ଶହଶହ କାଉଡିଆ ଋଷିକୁଲ୍ୟା-ବଡନଦୀର ସଙ୍ଗମ ସ୍ଥଳରେ ପୁରୋହିତମାନଙ୍କ ଦ୍ୱାରା ପବିତ୍ର ଜଳକୁ ଅଭିଷେକ ଆଦି ପୂଜାପାଠ ପୂର୍ବକ ମାନସିକ ବ୍ରତ ଧାରଣ କରି ଜଳଭାର ଘେନି ବାଟ ସାରା ହରହର ବମ୍ , ବୋଲ୍ ବମ୍ ଆଦି ଉଚ୍ଚାରଣ କରି ବୁଦ୍ଧଖୋଲରେ ପହଞ୍ଚି ସେଠାକାର ପଞ୍ଚଶମ୍ଭୁଙ୍କ ଠାରେ ଜଳାଭିଷେକ କରିଛନ୍ତି । ଅନରୂପ ଭାବେ ଏଠାକାର କୁବେରେଶ୍ୱର ଏବଂ ବାଲୁଙ୍କେଶ୍ୱର ଆଦି ଶୈବପୀଠରେ ମଧ୍ୟ ବହୁ କାଉଡିଆମାନେ ଜଳାଭିଷେକ କରିଛନ୍ତି । ତେବେ ଗତ ଏକ ମାସ ଧରି ଶୈବଭକ୍ତ ବା କାଉଡିଆଙ୍କ ମଧ୍ୟରେ ଯେଉଁ ଉତ୍ସାହ ପରିଲକ୍ଷିତ ହୋଇଥିଲା ଏବେ ତାହାର ଅନ୍ତ ଘଟିଛି । ଦେବଦେବ ମହାଦେବଙ୍କ ନିକଟରେ ଜଳଲାଗି କରିବା ପାଇଁ ପୁଣି ଆସନ୍ତାବର୍ଷକୁ ଅପେକ୍ଷା କରିବାକୁ ପଡିବ ।

## ଛାତି ଧଡ଼ ଧଡ଼ କରୁଛି ଜାତୀୟ ରାଜପଥ ୫୯

ଧରାକୋଟ, (ସବ୍ୟୁ) : ପଞ୍ଚାୟତ ସଡ଼କ, ବ୍ଲକ ସଡ଼କ, ଜିଲ୍ଲା ମୁଖ୍ୟ ସଡ଼କ, ରାଜ୍ୟ ସଡକ ଠାରୁ ଅଧିକ ଗତିଶୀଳ ଓ ନିରାପଦ ହେଉଛି ଜାତୀୟ ରାଜପଥ । ସବୁ ସଡ଼କ ଠାରୁ ଏହାର ଖର୍ଚ୍ଚ ଅଟକଳ ମଧ୍ୟ ଅଧିକ । ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ଓ ଠିକାଦାର ମାନଙ୍କ ସହ ମଧୁ ଚନ୍ଦ୍ରିକା ଯୋଗୁଁ ଗଞ୍ଜାମ ଜିଲ୍ଲାର ଜୀବନ ରେଖା ଜାତୀୟ ରାଜପଥ ୫୯ ର ଜୀବନ ଏବେ ବିପନ୍ନ । କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଜାତୀୟ ରାଜପଥ ୫୯ ର ଆସିକା ଠାରୁ ଧରାକୋଟ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା କୁସରାବ ଠାରୁ ସରଧାପୁର ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଥିବା ସିମେଣ୍ଟ କଂକ୍ରିଟ ରାସ୍ତା, କାଳଷ,,ପୁର ଠାରୁ ନଳବଣ୍ଟା ମଧ୍ୟରେ ଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଏବେ ଗମନା ଗମନ ପାଇଁ ଅନୁପଯୋଗୀ ସାବ୍ୟସ୍ତ ହୋଇଛି । ଏହି ଦୁଇଟି ଅଞ୍ଚଳରେ ଜଳସ୍ତର ଅଧିକ ରହୁଥିବାରୁ ପିଚୁ ରାସ୍ତା ଅଧିକ ଦିନ ରହୁନଥିବା ଯୋଗୁଁ ବିଭାଗୀୟ ଯନ୍ତ୍ରୀ ମାନେ ବୈଷୟିକ ଜ୍ଞାନ କୌଶଳ ଉପଯୋଗ କରି ଏହି ଦୁଇଟି ଅଞ୍ଚଳରେ କଂକ୍ରିଟ ରାସ୍ତା ନିର୍ମାଣ କରିଥିଲେ । ଗୋପାଳପୁର ଠାରୁ ବ୍ରହ୍ମପୁର, ହିଞ୍ଜିଳି, ଆସିକା, ଧରାକୋଟ, ସୋରଡା, ଦାରିଂବାଡ଼ି, ବାଲିଗୁଡ଼ା, ଭବାନୀପାଟଣା , ଖରୀଆର ରୋଡ ଦେଇ ଯାଇଛି ଜାତୀୟ ରାଜପଥ ୫୯ । ଏହି ରାସ୍ତାରେ ଦୈନିକ ଶହ ଶହ ଗାଡି ମଟର ଚଳାଚଳ କରୁଛି । ଯାତ୍ରୀ ପରିବହନ ସହ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହି ରାଜପଥର ଭୂମିକା ଗୁରୁତ୍ୱପୂର୍ଣ୍ଣ । ହେଲେ କଂକ୍ରିଟ ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ମାନେ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇବା ଯୋଗୁଁ କଂକ୍ରିଟ ରାସ୍ତାର ମାନ ସଠିକ ନଥିବା ବେଳେ ରାସ୍ତା ସମତଳ ହୋଇନଥିବାରୁ ଏଥିରେ ଯାତାୟାତ ସମୟରେ ଛାତି ଧଡ଼ଧଡ଼ ହେଉଛି । ଫଳରେ ହୃଦରୋଗୀ, ଛୋଟ ପିଲା, ଆମ୍ବୁଲାନ୍ସରେ ଯାଉଥିବା ରୋଗୀଙ୍କ ଜୀବନ ଏହି ରାସ୍ତାଦେଇ ଗଲାବେଳେ ବଜିରେ ଲାଗୁଛି । ସଂପ୍ରତି ଏହି କଂକ୍ରିଟ ରାସ୍ତାରେ ଫାଟ ସୃଷ୍ଟି ହୋଇଥିଲା ବେଳେ ବିଭାଗ ତରଫରୁ ପିଚୁ ଉପରେ ଦିଆଯାଇ ଦୋଷ ଘୋଡାଇବାକୁ ଉଦ୍ୟମ କରାଯାଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଜିଲ୍ଲା ଶ୍ରମ ଉପ ଆୟକ୍ତଙ୍କ ନିଉ ମଡର୍ଣ୍ଣ ଟେକ୍ନୋମେକ ଶ୍ରମିକଙ୍କ ସମସ୍ୟା ଶୁଣାଣୀ

ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ନିଉ ମଡର୍ଣ୍ଣ ଟେକ୍ନୋମେକ ପ୍ରାଇଭେଟ୍ ଲିମିଟେଡ୍ କାରଖାନାରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ୨୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମଜୁରୀ ସମସ୍ୟାକୁ ନେଇ ଶ୍ରମିକ ଅଶାନ୍ତି ଦେଖାଦେଇଛି । ଶ୍ରମିକମାନେ ସେମାନଙ୍କ କାର୍ଯ୍ୟ ଓ ଦାୟିତ୍ୱ ଅନୁଯାୟୀ ଉପଯୁକ୍ତ ମଜୁରୀ ପାଉନଥିବା ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଏଆଇଟିୟୁସି ସହବନ୍ଧିତ ନିଉ ମଡର୍ଣ୍ଣ ଟେକ୍ନୋମେକ ଶ୍ରମିକୟୁନିଅନ ପକ୍ଷରୁ ଅଗଷ୍ଟ ୨୪ରୁ ଧାରଣା ଦେବା ପାଇଁ ଘୋଷଣା କରାଯାଇଥିଲା । ତେବେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଘଟଣାରେ ହସ୍ତକ୍ଷେପ କରାଯାଇ ଶ୍ରମିକ ସଂଘ ପ୍ରତିନିଧିଙ୍କୁ ଆଲୋଚନା ପାଇଁ ଡକାଯାଇଥିଲା । ଆଲୋଚନା ପରେ ଶ୍ରମିକଙ୍କ ସମସ୍ୟା ସମାଧାନ ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସେମାନଙ୍କ କାର୍ଯ୍ୟ ଅନୁଯାୟୀ ବର୍ଗୀକରଣ କରି ମଜୁରୀ ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରାଯାଇଛି । ତେବେ ଆଲୋଚନା ସମୟରେ କାରଖାନା ମାଲିକଙ୍କ ପକ୍ଷରୁ କୌଣସି ପ୍ରତିନିଧି ଉପସ୍ଥିତ ନଥିବା ଜଣାପଡ଼ିଛି । ଶ୍ରମ କାର୍ଯ୍ୟାଳୟରେ ହୋଇଥିବା ଆଲୋଚନାରେ ଶ୍ରମିକ ସଂଘ ସଭାପତି ବସନ୍ତ କୁମାର ନାଏକଙ୍କ ସମେତ ସୁବାସ ଚନ୍ଦ୍ର ମହାନ୍ତ, ଏଆଇଟିୟୁସି ଜିଲ୍ଲା ସଭାପତି ଜଗବନ୍ଧୁ ମିଶ୍ର ଓ ସମ୍ପାଦକ କାହ୍ନୁଚରଣ ବେହେରା ଉପସ୍ଥିତ ରହି ଆଲୋଚନା ଓ ଶୁଣାଣି ପ୍ରକ୍ରିୟାକୁ ଅଗ୍ରସର କରିଥିଲେ ।

# ମହିଳାଙ୍କୁ ଆକ୍ରମଣ, ଦୁଇଭାଇ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ପଡୋଶୀ ମହିଳାଙ୍କୁ ଘାତକ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଦୁଇ ଭାଇଙ୍କୁ ଗିରଫ କରିଛି । ସେମାନେ ହେଲେ ଜଗଦଳପୁର ଗ୍ରାମ ସୂର୍ଯ୍ୟକାନ୍ତି ନଗର ମେଡ଼ିକାଲ ସାହିର ଜେ.ସୁଶାନ୍ତ (୩୨) ଓ ଜେ.ଶଙ୍କର (୨୬) । ଘଟଣା ବେଳେ ଅଭିଯୁକ୍ତ ମାନେ ବ୍ୟବହୃତ କରିଥିବା କୁରାଢ଼ୀ ଜବତ କରିଛି । ମାମଲା ନଂ ୨୬୬/୨୬ ରେ ଉଭୟ ଯୁବକଙ୍କୁ ଆଜି ପୋଲିସ କୋର୍ଟ ଚାଲାଣ କରିଛି । ଗତ ଶନିବାର ରାତିରେ ଲଗାଣ ବର୍ଷା କାରଣରୁ ଜଗଦଳପୁର ସୂର୍ଯ୍ୟକାନ୍ତି ନଗର ଅଞ୍ଚଳର ମେଡିକାଲ ସାହିର ସରକାରୀ ଜମିରେ ଥିବା ଏକ ବଟଗଛ ଅଭିଯୁକ୍ତଙ୍କ ଘର ପାଖରେ ଥିବା ଅଞ୍ଚଳରେ ପଡ଼ିଯାଇଥିଲା । ଅଭିଯୁକ୍ତ ଦୁଇ ଭାଇ କୁରାଢ଼ି ସାହାଯ୍ୟରେ ଉକ୍ତ ଗଛରୁ କାଠ ଅଲଗା କରି କାଠ ନିଜ କବଜାରେ ରଖିଥିଲେ । ପଡୋଶୀ ରୀନା ଉକ୍ତ ଗଛରୁ କିଛି ସୁକିଲା କାଠ ସଂଗ୍ରହ କରିଥିଲେ । ଦୁଇ ଭାଇ କାଠ ନେବାକୁ ତାଙ୍କୁ ବାରଣ କରିଥିଲେ । ରୀନା ଏହାକୁ ପ୍ରତିବାଦ କରି ଗଛଟି ସରକାରୀ ଜମିରେ ଠିଆ ହୋଇଛି ତେଣୁ, ସମସ୍ତଙ୍କର କାଠ ସଂଗ୍ରହ କରିବାର ଅଧିକାର ଅଛି । ଏହି ସମୟରେ ଦୁଇ ଭାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ସହ ଧମକ ଓ କୁରାଢ଼ିରେ ମୁଣ୍ଡକୁ ଆକ୍ରମଣ କରିଥିଲେ । ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ । ଟଙ୍କା ପରିବାର ଲୋକ ତାଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଆହତ ମହିଳାଙ୍କ ମୁଣ୍ଡରେ ୭ଗୋଟି ଷ୍ଟିଚ ପଡିଛି । ଚିକିତ୍ସା ପରେ ଆହତ ମହିଳା ଜଣଙ୍କ ଏନେଇ ଥାନରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିଲା ବୋଲି କହିଛି ।

# ଝୁଲଣ ଯାତ୍ରାରେ ଚାରଣ ଗୋଷ୍ଠି ପକ୍ଷରୁ ଅଧ୍ୟାତ୍ମିକ ପ୍ରବଚନ

ଆସିକା, (ସବ୍ୟୁ) : ସ୍ଥାନୀୟ ଖମ୍ବେଶ୍ୱରୀ ପାଟଣା ଥିବା ଶ୍ରୀଶ୍ରୀ ଗୋପୀନାଥ ମନ୍ଦିର ଓରଫ୍ ବାଲାଜୀ ଦୋରା ମଠରେ ରବିବାରରେ ଝୁଲଣ ଯାତ୍ରାର ଶୁଭାରମ୍ଭ ହୋଇଛି । ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମନ୍ଦିରରେ ଶ୍ରୀ ରାଧାକୃଷ୍ଣଙ୍କ ବିଜେ ପ୍ରତିମାକୁ ଝୁଲଣ ଦୋଳିରେ ସ୍ଥାପନ କରାଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି । ଏହି ଅବସରରେ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ଆସିକା ଶାଖା ପକ୍ଷରୁ ନୟାଗଡ଼ରୁ ଆସିଥିବା କଥା ପ୍ରବଚକ ପଣ୍ଡିତ ଗୋପାଳ ରାଜଗୁରୁଙ୍କ ସହ ଦୁଇ ସଙ୍ଗୀତ ଓ ବାଦ୍ୟ ସହଯୋଗୀ କିଶୋର ପତି, ଖଗେଶ୍ୱର ପ୍ରଧାନଙ୍କ ଦ୍ୱାରା ଶ୍ରୀଶ୍ରୀ ଜଗନ୍ନାଥ କଥାମୃତ ଓ ଜ୍ଞାନଯଜ୍ଞ ଆୟୋଜିତ ହୋଇଛି । ଝୁଲଣ ଯାତ୍ରା ଓ ପ୍ରବଚନ ଶୁଭାରମ୍ଭ ଉଦଘାଟନୀ କାର୍ଯ୍ୟକ୍ରମ ଚାରଣ ଗୋଷ୍ଠୀ ଆସିକା ଶାଖାର ଦଳପତି ପ୍ରଫୁଲ୍ଲ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ, ଅଧ୍ୟାତ୍ମିକ ପ୍ରେମୀ ତଥା ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁ କଥା ପ୍ରବଚକ ପଣ୍ଡିତ ଗୋପାଳ ରାଜଗୁରୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଚାରଣ ଗୋଷ୍ଠୀ ଆସିକା ଶାଖାର ଉପଦେଷ୍ଟା ସତ୍ୟନାରାୟଣ ରଥ ସଭା ପରିଚାଳନା କରିଥିଲେ । ସଂଗଠନପ୍ରତି ଦୀର୍ଘ ବର୍ଷର ପରିଚାଳନାଗତ ସେବାକୁ ସମ୍ମାନ ଜଣାଇ ଚାରଣ ଗୋଷ୍ଠିର ଦଳପତି ବର୍ଷିଆନ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ଓ ପୂର୍ବ କୋଷାଧକ୍ଷ ଡି. ବାବୁ ପାତ୍ରଙ୍କୁ ଅତିଥିମାନେ ଉପଢକୌନ ଦେଇ ସମ୍ମାନୀତ କରିଥିଲେ । କାର୍ଯ୍ୟକାରୀ ଦଳପତି ତଥା ସଂଗଠକ ସିମାଞ୍ଚଳ ରଥ, ଉପ ଦଳପତି -ଡି. ଲିଙ୍ଗରାଜ ପାତ୍ର, ସମ୍ପାଦକ କାମେଶ୍ୱର ଅଚାରୀ, କୋଷାଧକ୍ଷ ଭଗବାନ ମହାରଣା, ପି. ତିରୁପତି ପାତ୍ର, ରାହୁଲ ପାତ୍ର, ସତ୍ୟନାରାୟଣ ପାତ୍ର, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଦୁର୍ଗା ଚରଣ ମିଶ୍ର ବିନୋଦ ପାତ୍ର, ମହିଳା ଶାଖାର ସଭାନେତ୍ରୀ ଅନିତା ମିଶ୍ରଙ୍କ ସମେତ ବହୁ ସଭ୍ୟ ଓ ସହଯୋଗୀ ବିଭିନ୍ନ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଏହି ଶ୍ରୀଶ୍ରୀ ଜଗନ୍ନାଥ କଥା ମୃତ ଜ୍ଞାନଯଜ୍ଞ ପ୍ରବଚନ ଆସନ୍ତା ୫ ସେପେଟମ୍ବର ତାରିଖ ପର୍ଯ୍ୟନ୍ତ ଜନ୍ମାଷ୍ଟମୀ, ନନ୍ଦୋଉତ୍ସବ, କୁଙ୍କୁମ ପୂଜା ସହ ୬ ତାରିଖରେ ସାମୁହିକ ପ୍ରସାଦ ସେବନ ଆୟୋଜନର ପ୍ରସ୍ତାବ ରହିଛି ।

## ଏମ୍‌ପିସି ସ୍ୱାୟତ୍ତଶାସିତ ମହାବିଦ୍ୟାଳୟରେ

# ଅଙ୍ଗଦାନ ଓ ପ୍ରତ୍ୟାରୋପଣ ସମ୍ବନ୍ଧୀୟ ସମ୍ମାନ

ବାରିପଦା, (ସବ୍ୟୁ) : ବାରିପଦା ରୋଟାରୀ କ୍ଲବ ଏବଂ ଏମପିସି ସ୍ୱାୟତ୍ତଶାସିତ ମହାବିଦ୍ୟାଳୟର ରୋଭର ଓ ରେଞ୍ଜରୟୁନିଟର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ "ଅଙ୍ଗ ଦାନ ଓ ପ୍ରତ୍ୟାରୋପଣ : ଆବଶ୍ୟକତା ଓ ଆହ୍ୱାନ' ସମ୍ବନ୍ଧୀୟ ଏକ ସମ୍ମାନ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନାରାୟଣ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସମ୍ମାନରେ ପିଆରଏମ ଭେଷଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଶରୀରତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ଡକଫର ରାମକୃଷ୍ଣ ସାହୁ ମୁଖ୍ୟଅତିଥି ତଥା ବକ୍ତାଭାବେ ଯୋଗଦାନ କରି ପିପିଟି ମାଧ୍ୟମରେ ବିଷୟବସ୍ତୁ ଉପରେ ବୈଜ୍ଞାନିକ, ସାମାଜିକ ତଥା ନୈତିକ ଦୃଷ୍ଟିକୋଣରୁ ସବିଶେଷ ଆଲୋଚନା କରିଥିଲେ । ରୋଟାରୀ କ୍ଲବର ସମ୍ପାଦକ ପ୍ରାକ୍ତନ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ଅଙ୍ଗଦାନ ଓ ପ୍ରତ୍ୟାରୋପଣର ପ୍ରଚଳିତ ବିଧିବିଧାନ ସମ୍ପର୍କରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବପ୍ରବଣ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଦ୍ୟ ପୁରସ୍କାରପ୍ରାପ୍ତ ରାଜୀବ ଗାନ୍ଧୀ ରନି ପୁରସ୍କାରପ୍ରାପ୍ତ ରୋଭର ଲିଡର ତଥା




ଦର୍ଶନଶାସ୍ତ୍ରର ସହକାରୀ ପ୍ରଫେସର ଡଃ ଦୀପକ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଷୟବସ୍ତୁର ପ୍ରାରମ୍ଭିକ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ରେଞ୍ଜର ଲିଡର ତଥା ଜୀବବିଜ୍ଞାନର ସହକାରୀ ପ୍ରଫେସର ଡଃ ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ୨୨୦ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । କ୍ଲବ ତରଫରୁ ଅଂଶଗ୍ରହଣକାରୀ ମାନଙ୍କୁ ବିଷୟବସ୍ତୁ ସମ୍ପର୍କିତ ସଚେତନତାର ସଂକ୍ଷିପ୍ତ ପୁସ୍ତିକା ପ୍ରଦାନ କରାଯାଇଥିଲା । କ୍ଲବର ସଭାପତି ତିମିର କୁମାର ଘୋଷ ଏବଂ ଅରୁଣ କୁମାର ଦାଶ, ଭବାନୀ ଶଙ୍କର ସାହୁ, ଜିତେନ୍ଦ୍ର ପଟେଲ, ଡଃ ପୁଷ୍ପାରାଣୀ ପାତ୍ର, ପ୍ରୀତିସୁଧା ତ୍ରିପାଠୀ, ବୀରେନ୍ଦ୍ରନାଥ ସାହୁ, ସୁନୀତ ପୁରୀ ଓ ରାକେଶ ସିଂ ପ୍ରଭୃତି ରୋଟାରିଆନ ମାନେ ମହାବିଦ୍ୟାଳୟର କର୍ତ୍ତୃପକ୍ଷ, କର୍ମଚାରୀ ଏବଂ ରୋଭର ରେଞ୍ଜରର ସ୍ୱେଚ୍ଛାସେବୀ ମାନଙ୍କ ସହିତ ସମଗ୍ର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ।

## ଷ୍ଟାର୍ଟଅପ୍ ଓଡ଼ିଶାର ଜିଲ୍ଲା ଆଉଟ୍ରିଚ୍ କାର୍ଯ୍ୟକ୍ରମ

# ନବସୃଜନ କ୍ଷେତ୍ରରେ ଗଞ୍ଜାମ ଉଦାହରଣ

ବ୍ରହ୍ମପୁର, (ସବ୍ୟୁ) : ଷ୍ଟାର୍ଟଅପ୍ ଓଡ଼ିଶା, ଏମ୍‌ଏସ୍‌ଏମ୍‌ଇ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଇକୋସିଷ୍ଟମ୍ ପାର୍ଟନର୍ ନିଷ୍ଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ଜିଲ୍ଲା ଆଉଟ୍ରିଚ୍ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ସିନେପ୍ଲେକ୍ସ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା । ଅଧିବେଶନ ପୂର୍ବରୁ ଷ୍ଟାର୍ଟଅପ୍ ପ୍ରଦର୍ଶନୀରେ ପିଏମ୍‌ଇସି, ବିଶ୍ୱବିଦ୍ୟାଳୟ, ବିଦ୍ୟୁକେଫ୍ରାନିକ୍ସ ଏବଂ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଟଳ ଟିକରିଂ ଲ୍ୟାବର୍‌ର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଉଦଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ସୁନିଲ କେରକେଟା, ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ସ୍ମୃତିରଞ୍ଜନ ପ୍ରଧାନ, ଓଡ଼ିଶା



ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଏନ୍‌ଆରଡିସି ଆଞ୍ଚଳିକ ପ୍ରବନ୍ଧକ ଡ. ବିଜୟ କୁମାର ସାହୁ ଏବଂ ବିଶ୍ୱବିଦ୍ୟାଳୟ ସଭାପତି ଡ. ସୁକାନ୍ତ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ, ଗଞ୍ଜାମ ଜିଲ୍ଲା ଷ୍ଟାର୍ଟଅପ୍ ଇକୋସିଷ୍ଟମର ନୂଆ ଦିଗ ଦେଖାଉଛି । ନବସୃଜନ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି । ସ୍କୁଲ ଛାତ୍ର ଶ୍ରୀଧର ପାତ୍ର ଓ ଅଶ୍ୱିନୀ ପାଢ଼ୀ ଦୃଷ୍ଟିହୀନ ବ୍ୟକ୍ତିଙ୍କ ପାଇଁ ମାତ୍ର ୧୨୦୦ ଟଙ୍କାରେ "ସ୍ମାର୍ଟ ଗ୍ଲାସ୍' ଓ "ସ୍ମାର୍ଟ ଷ୍ଟିକ୍' ଡିଜାଇନ୍ କରି ନବସୃଜନର କୌଣସି ବୟସ ସୀମା ନଥିବା ପ୍ରମାଣିତ କରିଛନ୍ତି । ଜିଲ୍ଲାର ଯୁବକଯୁବତୀ ବଡ଼ ସ୍ୱପ୍ନ ଦେଖନ୍ତୁ, ନୂଆ ଉଦ୍ଭାବନ କରନ୍ତୁ ଏବଂ ଆତ୍ମନିର୍ଭର ଭାରତ ଗଠନରେ ପ୍ରମୁଖ ଶକ୍ତି ପାଲଟନ୍ତୁ ବୋଲି ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଷ୍ଟାର୍ଟଅପ୍ ଓଡ଼ିଶା ମିଶନ ଆସୋସିଏଟ୍ ଡ. ରଶ୍ମିରଞ୍ଜନ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପରାମର୍ଶଦାତା ଡ. ଜ୍ୟୋସ୍ନାରାଣୀ ଜେନା ଇକୋସିଷ୍ଟମ୍ ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ରଖିଥିଲେ । ଡ. ଶୁଭଙ୍କର ପତି, ଡ. ସୁଶାନ୍ତ କୁମାର ସାହୁ, ପୂରବୀ ପୂର୍ଣ୍ଣାଶା ମିଶ୍ର, ଡ. ଅକ୍ଷୟ କୁମାର ପଲାଇ, ସ୍ମୃତିରଞ୍ଜନ ପ୍ରଧାନ ଓ ଡ. ବିଜୟ କୁମାର ସାହୁ ପ୍ରମୁଖ ଶିକ୍ଷାନୁଷ୍ଠାନ, ଶିଳ୍ପ ଓ ସରକାରଙ୍କୁ ଯୋଡ଼ିବା ପାଇଁ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନର ଭୂମିକା ଉପରେ ଆଲୋଚନା କରିଥିଲେ । ନିଷ୍ଟ୍ ଇନକ୍ୟୁବେଟର୍ ସିଇଓ ପ୍ରଭାସରାଜ ପାଣିଗ୍ରାହୀ ଉଦଯାପନୀ ବକ୍ତବ୍ୟ ଦେଇଥିଲେ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ବସନ୍ତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ ।

## ଖିଚିଂ ମନ୍ଦିର ଓ ପୂର୍ବତନ ରାଜପ୍ରାସାଦର ସଂରକ୍ଷଣ ଦାବି କଲା ଭଞ୍ଜସେନା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ଐତିହାସିକ ଓ ପ୍ରନିତାତ୍ତ୍ୱିକ ଐତିହ୍ୟସ୍ଥଳୀର ସୁରକ୍ଷା ଓ ପୁନରୁଦ୍ଧାର ଦାବି ଜୋର ଧରିଛି । ଏନେଇ ଏମ୍‌ପିସି କଲେଜର ପୂର୍ବତନ ସଭାପତି ତଥା ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମହାମହିମ ରାଷ୍ଟ୍ରପତିଙ୍କୁ ଇ-ମେଲ୍ ଯୋଗେ ଏକ ଦାବିପତ୍ର ପ୍ରଦାନ କରି ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି । ଦାବିପତ୍ରରେ ମୁଖ୍ୟତଃ ଖିଚିଂସ୍ଥିତ ମାକିଚକେଶ୍ୱରୀ ମନ୍ଦିର ଓ ବାରିପଦାସ୍ଥିତ ପୂର୍ବତନ ରାଜପ୍ରାସାଦର ସଂରକ୍ଷଣ ଓ ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦିଆଯାଇଛି । ଖିଚିଂର ପ୍ରାଚୀନ କିଚକେଶ୍ୱରୀ ମନ୍ଦିରର ବୈଜ୍ଞାନିକ ସଂରକ୍ଷଣ ସହ ଏହାର ଚତୁଃପାଶର୍‌ବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି । ଏଥିପାଇଁ ଘୋଷିତ ଅର୍ଥରାଶିର ସ୍ୱଚ୍ଛ ଓ ଉପଯୁକ୍ତ ବ୍ୟବହାର ସହ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସ୍ପଷ୍ଟ ରିପୋର୍ଟ ପ୍ରକାଶ ପାଇଁ ମଧ୍ୟ ଅନୁରୋଧ କରାଯାଇଛି । ସେହିପରି ବାରିପଦାର ପୂର୍ବତନ ରାଜପ୍ରାସାଦର ବର୍ତ୍ତମାନର ଦୟନୀୟ ସ୍ଥିତି ନେଇ ଚିନ୍ତା ପ୍ରକାଶ କରାଯାଇଛି । ଛାତ ଓ କାନ୍ଥରୁ ପାଣି ଝରିବା, ବିଭିନ୍ନ ଅଂଶ ଭାଙ୍ଗିଯିବା, ଅନାବନା ଗଛଲତା ବଢ଼ିବା ଓ ଜଳ ଜମିବା ଯୋଗୁଁ କୋଠାର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିବା ଦାବିପତ୍ରରେ ଦର୍ଶାଯାଇଛି । ବର୍ତ୍ତମାନ ଏହି କୋଠାରେ ଏମପିସି ଜୁନିଅର କଲେଜ ଚାଲୁଥିବାରୁ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଷ୍ଟ୍ରକଚରାଲ୍ ସେଫଟି ଆସେସମେଣ୍ଟ ଓ ଆବଶ୍ୟକ ମରାମତି ପାଇଁ ଦାବି କରାଯାଇଛି ।

## ନିଶାମୁକ୍ତ ଓଡ଼ିଶା ଅଭିଯାନ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ପ୍ରତିଭା ଆବାସିକ କଲେଜରେ ସୋମବାର "ନିଶାମୁକ୍ତ ଓଡ଼ିଶା ଅଭିଯାନ' ସହ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଛି । ଏଥିରେ ଗଞ୍ଜାମ ପୋଲିସ ଜିଲ୍ଲାର ଅତିରିକ୍ତ ଏସ୍ପି ଚିନ୍ମୟ ନାୟକ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଓ ସାଇବର ଥାନା ଆଇଆଇସି ଜ୍ୟୋତିରଞ୍ଜନ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଶାର କୁପ୍ରଭାବ ଓ ସାଇବର ଠକେଇରୁ ସୁରକ୍ଷା ନେଇ ସଚେତନ କରିଥିଲେ ।

## ଗାୟତ୍ରୀ ଶକ୍ତିପୀଠରେ ଜିଲ୍ଲାସ୍ତରୀୟ ମହିଳା ଜାଗରଣ ସମ୍ମିଳନୀ



ବାରିପଦା, (ସବ୍ୟୁ) : ବାରିପଦା ସ୍ୱରୂପ ନଗର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଜିଲ୍ଲାସ୍ତରୀୟ ମହିଳା ଜାଗରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରମବନ୍ଦନୀୟା ମାତାଜୀ ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତାବ୍ଦୀ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ୨୦୦ରୁ ଅଧିକ ମହିଳା ଯୋଗଦାନ କରି ସଶକ୍ତ ସମାଜ ଗଠନ ଦିଗରେ ମହିଳା ମାନଙ୍କ ଯୋଗଦାନ ପ୍ରତି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୀତା ଦଣ୍ଡପାଟ ସ୍ୱାଗତ ଭାଷଣ ଦେବା ସହ ଯୁଗ ନିର୍ମାଣ ସତସଂକଳ୍ପ ପାଠ କରିଥିଲେ। ଗାୟତ୍ରୀ ପରିବାରର ଉତ୍ତର ଓଡିଶା ଜୋନ ସଂଯୋଜକ ସୌମିତ୍ର ଥାନାପତି ମହିଳା ମାନଙ୍କ ଅନ୍ତର୍ନିହିତ ଶକ୍ତି ଓ ଏହାଦ୍ୱାରା ମହିଳା ସଶକ୍ତିକରଣ ଦିଗରେ ସେମାନେ କିପରି ସମାଜକୁ ଦିଗଦର୍ଶନ ଦେଇ ପାରିବେ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଏହାସହ "ଆଓ ଗଢେ ସଂସ୍କାରବାନ ପିଢ଼ି' କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶିକ୍ଷକ ପ୍ରମୋଦ କୁମାର ଦାସ ଗର୍ଭସ୍ଥ ଶିଶୁ ଭିତରେ ଆଦର୍ଶ ସଂସ୍କାର ଓ ଉଚ୍ଚ ବିଚାର ବିକଶିତ କରି ଆଗାମୀ ପିଢ଼ିକୁ କିପରି ଶାରୀରିକ, ମାନସିକ ସୁସ୍ଥ ଭାବେ ଗଢ଼ାଯିବ, ସେଥିପ୍ରତି ଆଲୋକପାତ କରିଥିଲେ। ଏହାପରେ ଗାୟତ୍ରୀ ପରିବାର ମହିଳା ସମ୍ମିଳନୀର ପ୍ରାନ୍ତୀୟ ସଂଯୋଜକ ବିଳାସିନୀ ସାହୁ ପରିବର୍ତ୍ତିତ ସମାଜରେ ମହିଳା ମାନଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଗାୟତ୍ରୀ ପରିବାରର ମୁଖ୍ୟ ଟ୍ରଷ୍ଟି ନିରୋଜ ପଣ୍ଡା ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୀତିସୁଦ୍ଧା ତ୍ରିପାଠୀ, ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ରସାନନ୍ଦ ବଳ, ବାଙ୍କବିହାରୀ ସିଂ, ଗଗନ ବେହେରା, ଅଶୋକ ମହାପାତ୍ର, ଦିବାକର ପ୍ରଧାନ, ଜୟନ୍ତ ଶେଜପଡା ଓ ଦେବାଶିଷ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

# ଦୁଷ୍କର୍ମ ନାବାଳିକା ଗର୍ଭବତୀ, ପୋଲିସର ତଦନ୍ତ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଏକ ଗ୍ରାମରେ ରହୁଥିବା ଜଣେ ୧୫ବର୍ଷୀୟ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି । ପୀଡ଼ିତା ଜଣକ ଘର ଭଞ୍ଜନଗର ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଛୋଟ ବେଳୁ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଉକ୍ତ ଗ୍ରାମରେ ଥିବା ନିଜ ସମ୍ପର୍କୀୟ ଘରେ ରହି ପାଠ ପଢୁଥିଲେ । ଗତ ଫେବୃଆରୀ ମାସରେ ଦଶମ ପରୀକ୍ଷା ଥିବାବେଳେ ସେ ତାଙ୍କ ଜଣେ ସାଙ୍ଗ ଘରୁ ଯାଇଥିଲେ । ନାବାଳିକା ଜଣଙ୍କ ତାଙ୍କ ସାଙ୍ଗ ଘରୁ ଦିନ ୧ଟା ସମୟରେ ନିଜ ସମ୍ପର୍କୀୟ ଘରକୁ ଫେରୁଥିଲେ । ଏହି ସମୟରେ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ନାବାଳିକାଙ୍କୁ ଛୁରୀ ଦେଖାଇ ଭୟଭିତ କରି ଏକ ଘର ବାରିପଟକୁ ଉଠେଇ ନେଇଥିଲା । ସେଠାରେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇ ଦୁର୍ବୃତ୍ତ ଜଣଙ୍କ ବଳାତ୍କାର କରିଥିଲା । କିଛି ମାସ ପରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଥିବା ବେଳେ ପରିବାର ପକ୍ଷରୁ ତାଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆଣିଥିଲେ । ସେଠାରେ ଡାକ୍ତର ନାବାଳିକାଙ୍କୁ ଚିକିତ୍ସା କରି ଏମକେସିଜି ମେଡ଼ିକାଲକୁ ରେଫର୍ କରିଥିଲେ । ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଡାକ୍ତର ଜାଣିବା ପରେ ଏନେଇ ପୋଲିସକୁ ସୂଚନା ଦେଇଥିଲେ । ବର୍ତ୍ତମାନ ପୀଡ଼ିତା ନାବାଳିକା ଜଣଙ୍କ ଏମକେସିଜି ମେଡିକାଲ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଚିକିତ୍ସା ଜାରି ରହିଛି ।

## ଫସଲ ସୁରକ୍ଷା ପାଇଁ ବିଛାହୋଇଥିଲା ବିଦ୍ୟୁତ୍ ତାର

# ସଂସ୍ପର୍ଶରେ ଆସି ମାଈ ହାତୀ ମୃତ, ଜମି ମାଲିକ ଅଟକ



ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ବନଖଣ୍ଡ ଷଡଙ୍ଗୀ ରେଞ୍ଜ ସିମାନ୍ତପୁର ଗ୍ରାମରେ ଫସଲ ସୁରକ୍ଷାଦେବାକୁ ଲଗାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈ ହାତୀର ଜୀବନ ଚାଲିଯାଇଛି । ଘଟଣାରେ ବନବିଭାଗ ଜମି ମାଲିକକୁ ଅଟକ ରଖି ତଦନ୍ତ ଚଳାଇଛି ।ଷଡଙ୍ଗୀ ରେଞ୍ଜ ସିମାନ୍ତପୁର ଗ୍ରାମର ମାନା ଗୋୟା(୨୫)ନିଜ ଧାନ ଫସଲକୁ ସୁରକ୍ଷା ଦେବାକୁ ବେଗା ସଂରକ୍ଷିତ ଜଙ୍ଗଲର ସିମାନ୍ତପୁର ଠାରେଥିବା ଜମିରେ ବିଦ୍ୟୁତ ତାରଲଗାଇ ବାଡ ଦେଇଥିଲେ ।ଆଜି ସକାଳ ୭ଟା ସମୟରେ ଏକ ୧୫ରୁ ୨୦ବର୍ଷର ହାତୀ ସେଠାରେ ମରିପଡିଥିବାର ଦେଖି ଗ୍ରାମବାସୀମାନେ ବନବିଭାଗକୁ ଖବର ଦେଇଥିଲେ । ଖବରପାଇ ବନବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତକରିଥିଲେ । ମାନା ନିଜ ଜମିକୁ ସୁରକ୍ଷା ଦେବାକୁ ସୋଲାର ତାରରେ ନିଜ ଘରର ବିଦ୍ୟୁତ୍ ତାରକୁ ସଂଯୋଗ କରିଥିଲେ । ସେହି ବିଦ୍ୟୁତ୍ ସଂସ୍ପର୍ଶରେ ଆଜି ହାତୀଟି ମୃତ୍ୟୁ ବରଣ କରିଥିବାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ।ଘଟଣା ସ୍ଥଳରେ ଅନୁଗୁଳ ଆରସିସିଏଫଙ୍କ ସହିତ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ,ଟାଟା ପାଓ୍ୱାରର ନିର୍ବାହୀ ଅଧିକାରୀ,ଇନସପେକଫରଏବଂ ଜେଟିଏଫ ଟିମ ମିଳିତ ଭାବରେ ପହଞ୍ଚତଦନ୍ତ କରିବା ପରେ ଏହି ଘଟଣା ଜଣାପଡିଥିଲା । ପ୍ରାରମ୍ଭିକ ତଦନ୍ତରୁ ଏହା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବାର ଜଣାପଡିଛି । ବନବିଭାଗ ମାନକୁ ଅଟକ ରଖି ତଦନ୍ତ ଚଳାଇଛି । ଏକ ତିନିଜଣିଆ ଡାକ୍ତରୀ ଟିମ ଘଟଣା ସ୍ଥଳରେପହଞ୍ଚି ଶବକୁ ବ୍ୟବଚ୍ଛେଦ କରିବା ସହିତ ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର କୁ ନମୂନା ପଠାଇଛନ୍ତି । ଏହି ଘଟଣାରେ ଆଇନଅନୁସାରେକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନବିଭାଗ ତରଫରୁ ଜଣାପଡିଛି ।

# ବଦାଲୋ ବସଷ୍ଟାଣ୍ଡ ଓ କାରନ୍ଦା ଛକ ଗଞ୍ଜେଇ ବ୍ୟବସାୟର ପେଣ୍ଠସ୍ଥଳ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଗୁଡିଆକାଟେଣୀ -ହିନ୍ଦୋଳ ରାସ୍ତାର ବଦାଲୋ ବସଷ୍ଟାଣ୍ଡରୁ କାରନ୍ଦା ଛକ ଯାଏଁ ରାସ୍ତା ପାଶ୍ୱର୍ରେ ଅବୈଧ ଭାବରେ ବିଦେଶୀ ମଦ ଏବଂ ଗଂଜେଇ ବେପାର ହେଉଥିବାର ଅଭିଯୋଗ ହୋଇ ଆସୁଛି ।ଯାହା ଛାତ୍ରଛାତ୍ରୀମାନଙ୍କ ଉପରେ ବିଶେଷ ପ୍ରଭାବ ପକାଉଛି ।ବଦାଲୋ ବସଷ୍ଟାଣ୍ଡ ଠାରେ ବଦାଲୋ ଘୋଡ଼ାଡ଼ିଆଁ ମଧ ଇଂରାଜୀ ବିଦ୍ୟାଳୟ ଏବଂ ଲକ୍ଷ୍ମୀ ପ୍ରିୟା ଉଚ୍ଚ ବିଦ୍ୟାଳୟ ଥିବା ସତ୍ୱେ ଅହରାତ୍ର ଏ ଅଂଚଳରେ କିପରି ନିଶା ଦ୍ରବ୍ୟ ବ୍ୟବସାୟ ହେଉଛି ଏବଂ ପ୍ରଶାସନ କଟକଣା ରହୁନି ତାକୁ ନେଇ ପ୍ରଶ୍ନ ଉଠିଛି । ବିଶେଷ କରି ବଦାଲୋ ବରମୁଣ୍ଡା ଛକର ବାମ ପାର୍ଶ୍ୱରେ ପୁରା ମଦ ମାଫିଆଙ୍କ ବଜାର ଲାଗିଛି ।ଜଣେ କି ଦୁଇ ଜଣ ନୁହେଁ ପୁରା ତିନିରୁ ଚାରିଟି ପରିବାର ଏଥିରେ ସମ୍ପୃକ୍ତ ଥିବା ବେଳେ ମହିଳା ମଧ ସାମିଲ ହୋଇ ଆଇନୀକୁ ଜାଣି ଜାଣି ହାତକୁ ନେଉଛନ୍ତି ।ସର୍ବସାଧାରଣଙ୍କର ଯାତାୟାତ ରାସ୍ତାରେ ଦୀର୍ଘ ବର୍ଷ ହେବ ଖୋଲାଖୋଲି ମଦ ବେପାର କରୁଥିବାର ବାରମ୍ବାର ଅଭିଯୋଗ ହେଉଛି ।ନିକଟରେ ତିନି ତିନୋଟି ପୋଲିସ ଥାନା ଏବଂ ଦୁଇଟି ଫାଣ୍ଡି ଥାଇ ମଧ ପୋଲିସ ପାଖରେ କୌଣସି ବେଆଇନ ମଦ କାରବାର ଉପରେ ସୂଚନା ରହୁନି କି ପୋଲିସର ଏଥି ପ୍ରତି ଦୃଷ୍ଟି ରହୁଁନି ଯାହା ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି । ଅଭିଯୋଗ ମୁତାବକ ଗୁଡ଼ିଆକାଟେଣି ଛକଠାରୁ ହିନ୍ଦୋଳ ରାସ୍ତାରେ ପ୍ରାୟ ପନ୍ଦର କିମି ବ୍ୟବଧାନ ଭିତରେ ଗୁଡ଼ିଆକାଟଣୀ ଫାଣ୍ଡି, ବାଲିମି ଥାନା, ରାସୋଳ ଥାନା ଏବଂ ସାତମାଇଲି ପୋଲିସ ଫାଣ୍ଡି ଥିବା ସ୍ୱତେ ବେଆଇନି ମଦ ବେପାରୀ ଏବଂ ଗଂଜେଇ ବେପାରୀଙ୍କ ଉପରେ ପୋଲିସର କୌଣସି କଟକଣା ରହୁନି । ଯାହା ଫଳରେ ବିଦ୍ୟାଳୟର ଅତି ନିକଟରେ ମାର୍ଦକ୍ୟ ଦ୍ରବ୍ୟ ଉପଲବ୍ଧ ହେଉଛି । ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ଯେଉଁ ମାଦକ୍ୟ ଦ୍ରବ୍ୟ ମିଳିବା କଥା ତାହା ଖୋଲାରେ ବିଭିନ୍ନ ଦୋକାନ ବଜାରରେ ମିଳୁଛି ଯାହା ଫଳରେ ଛୋଟ ଛୋଟ କୋମଳମତି ଶିଶୁ ମାନେ ଚକଲେଟ ବିସ୍କୁଟ ଖାଇବା ବଦଳରେ ନିଶାର କବଳରେ କବଳିତ ହେଉଛନ୍ତି । ନିକଟରେ ସ୍କୁଲ କଲେଜ ପାଖରେ ମାଦକଯ ଦ୍ରବ୍ୟ ସହଜରେ ଉପଲବ୍ଧ ହେଉଥିବାରୁ ପାଠ ପଢି ଭବିଷ୍ୟତ ଗଢିବା ବୟସରେ ସେମାନେ କଲମ ଧରିବା ବଦଳରେ ହାତରେ ମଦ ବୋତଲ ଏବଂ ଗଂଜେଇ ଚିଲମ ଧରି ନିଜ ଭବିଷ୍ୟତକୁ ନଷ୍ଟ କରୁଛନ୍ତି । ସରକାରଙ୍କ ଏଥି ପ୍ରତି କଡା ନିର୍ଦ୍ଦେଶ ରହିଛି ଯେ କୌଣସି ଶିକ୍ଷାନୁଷ୍ଠାନ କିମ୍ବା ଧାର୍ମିକ ସ୍ଥଳର ଦୁଇ କି.ମି ବ୍ୟବଧାନ ଭିତରେ କୌଣସି ମାର୍ଦକ୍ୟ ଦ୍ରବ୍ୟ ବିକ୍ରି ହେବନି ହେଲେ ଦୀର୍ଘ ବର୍ଷ ହେବେ ଏ ଅଞ୍ଚଳର ବିଭିନ୍ନ ରାସନ ଦୋକାନ ଏବଂ ଜଳଖିଆ ଦୋକାନ ଗୁଡିକରେ ଖୋଲା ଖୋଲି ମଦ ଓ ଗଂଜେଇ ବିକ୍ରି ହେଉଛି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗଙ୍କ ଦୃଷ୍ଟିଗୋଚରରେ ଏହି ବିଷୟ ଥିଲେ ମଧ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ବଦାଲୋ ବସଷ୍ଟାଣ୍ଡ, ରାଧାଘର ଛକ,ପଠାଣି ସାମନ୍ତ ଇଞ୍ଜିନିୟରିଂ କଲେଜ ଛକ ଠାରେ ମଧ ପ୍ରାୟ ପନ୍ଦର କିମି ଅଞ୍ଚଳରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିଗିଡିବାରେ ଲାଗିଛି । ଆଗାମୀ ଦିନରେ ଏହିପରି ମଦ ଗଂଜେଇ କାରବାର ଉପରେ ଯଦି ପ୍ରଶାସନ ଦୃଷ୍ଟି ନଦିଏ ତାହାହେଲେ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ଓ ଗ୍ରାହକ ସେବକେନ୍ଦ୍ରକୁ ଆସୁଥିବା ଲୋକମାନଙ୍କ ଉପରେ ଏହାରକୁ ପ୍ରଭାବକୁ କେହି ଏଡେଇ ଦେଇପାରିବେ ନାହିଁ ।ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣ ବେଆଇନ ମଦ ଗଂଜେଇ କାରବାର ଉପରେ ରୋକ ଲଗାଇବା ସହିତ ତୁରନ୍ତ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

# ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ରାଷ୍ଟ୍ରପତିଙ୍କୁ ଦାବି ପତ୍ର

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନ ଦେଇ ଯାଉଥିବା ଏକ୍ସପ୍ରେସ ଟ୍ରେନ ଗୁଡିକ ରହୁନାହି । ଫଳରେ ଅଞ୍ଚଳବାସୀ ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏନେଇ ବାରମ୍ବାର ରେଳ ବିଭାଗକୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହି । ଫଳରେ ରବିବାର ଦିନ ପ୍ରଜାପୀତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ ବିଦ୍ୟାଳୟ ବଇଣ୍ଡା ଶାଖା ପକ୍ଷରୁ ବଇଣ୍ଡା ଷ୍ଟେସନ ମାଷ୍ଟର ଙ୍କ ଜରିଆରେ ରାଷ୍ଟ୍ରପତି ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତାଙ୍କ ଅଭିଯୋଗପତ୍ର ରେ ଉଲେଖ କରିଛନ୍ତି ଯେ ଅନୁଗୋଳ ଜିଲ୍ଲାର ବଇଣ୍ଡା ରେଳ ଷ୍ଟେସନ ଏକ ପ୍ରମୁଖ ଷ୍ଟେସନ ଭାବରେ ପରିଚିତ ଥିବା ବେଳେ ଏହି ଷ୍ଟେସନ ମାସକ ୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଛି । ହେଲେ ଏହି ଷ୍ଟେସନର ବିକାଶ ହୋଇ ପାରନାହି । ବିଶେଷ କରି ଏହି ଷ୍ଟେସନ ଉପରେ ଛେଣ୍ଡିପଦା , କିଶୋରନଗର , ଆଠମଲ୍ଲିକ ଆଦି ୩ ଟି ବ୍ଲକ ର ୫୦ ଟି ପଞ୍ଚାୟତବାସୀ ନିର୍ଭର କରୁଛନ୍ତି । ହେଲେ ଏହି ଷ୍ଟେସନ ରେ ଅନେକ ଏକ୍ସପ୍ରେସ ଟ୍ରେନ ଗୁଡିକ ରହୁନାହି । ଫଳରେ ଏହି ଷ୍ଟେସନ ଉପରେନିର୍ଭର କରୁଥିବା ଲୋକେ ବହୁ ହଇରାଣ ହେଉଛନ୍ତି । ଏହି ଷ୍ଟେସନ ଦେଇ ୨୩ ଟି ଏକ୍ସପ୍ରେସ ଟ୍ରେନ ଯାଉଥିବା ବେଳେ ୧୬ ଟି ରହୁନାହି , ପୁରୀ ,- ଆଜମେର ସହ ଅନ୍ୟ ଟ୍ରେନ ଗୁଡିକ ରହୁନଥିବା ଯୋଗୁଁ ରାଜ୍ୟ ବାହାର ଅଞ୍ଚଳକୁ ଯାଉଥିବା ଲୋକେ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ବାହାର କୁ ଯାଉଥିବା କିଛି ଟ୍ରେନ ପୂର୍ବରୁ ରହୁଥିବା ବେଳେ କାରୋନା ପରଠାରୁ ଏଠାରେ ରହୁନାହି । ଯାହାକି ଲୋକେ ହଇରାଣ ହେଉଛନ୍ତି । ଯେଉଁ ମାନେ ରାଜ୍ୟ ବାହାରକୁ ଯାଉଥିବା ଟ୍ରେନ ଗୁଡିକ ନିର୍ଭର କରୁଛନ୍ତି ସେମାନେ ରେଢାଖୋଲ କିମ୍ବା ଅନୁଗୋଳ ଷ୍ଟେସନ ଉପରେନିର୍ଭର କରୁଛନ୍ତି । ଯାହାକି ଅଯଥା ଲୋକେ ଖର୍ଚ୍ଚାନ୍ତ ହେବା ସହ ହଇରାଣ ହେଉଛନ୍ତି । ତୁରନ୍ତ ସମସ୍ତ ଟ୍ରେନ ଗୁଡିକ ରହଣି ପାଇଁ ଦିଲ୍ଲୀପ ପଟ୍ଟନାୟକ , ରମେଶ ସାହୁ , ବିନୋଦିନୀ ସାହୁ , ସୁଭଦ୍ରା ନାୟକ , ଶାନ୍ତିଲତା ଦାସ , ବାଇଧର ସାହୁ , ରଞ୍ଜନ ସାହୁ , ନମୀତା ସାହୁ , ଦୀପା ସାହୁ , ଉମା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି ।

# ସୁରକ୍ଷିତ ଶୈଶବ, ଯୌନ ନିର୍ଯାତନା ଏବଂ ଶିଶୁ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ତାଳଚେର, (ସବ୍ୟୁ) : ସ୍ୱେଚ୍ଛାସେବୀ ସଂଗଠନ ସୋସିଆଲ ଡ଼େଭଲୋମେଂଟ ଫାଉଣ୍ଡେସନ୍ ଏବଂ ଡ଼ିଏଭି ବାଳିକା ସ୍କୁଲ ଜଗନ୍ନାଥ ତାଳଚେର ପକ୍ଷରୁ ସ୍କୁଲ ତଥା କାର୍ଯ୍ୟକ୍ଷେତ୍ରରେ ଅଶାଳୀନ ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ସାମଲ ସ୍ୱାଗତଭାଷଣ ପ୍ରଦାନ, ଅତିଥିପରିଚୟ, ସୁରକ୍ଷିତ ଶୈଶବ ଉପରେ ଆଲୋଚନା କରିଥିଲେ । ଅନୁଷ୍ଠାନର କାର୍ଯ୍ୟକ୍ରମ ଅଧିକାରୀ ମମତାରାଣୀ ବିଶିମାଝୀ ସୁରକ୍ଷିତ ଶୈଶବ, ଭୟ, ସଙ୍କୋଚ, ବଡ଼ମାନଙ୍କ ଦ୍ୱାରା ଅବିଶ୍ୱାସ ଆଦି ଉପରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ଯୌନଗତ ହିଂସା ଆଚରଣ କଲେ କିପରି କାହାପାଖରେଅଭିଯୋଗ କରିବାକୁ ହେବ ଛାତ୍ରୀମାନଙ୍କୁ ବୁଝାଇଥିଲେ । ସେହିପରି ଅନ୍ୟତମ ଅତିଥିଭାବେ ମିସ୍ ସନ୍ଦିପ୍ତା ବିରବର୍ମା ଯୋଗଦାନ କରି ପ୍ରତିକାର ସଚେତନତା, ଆଇନଗତ ବ୍ୟବସ୍ଥା ଏବଂ ଶିଶୁ ଅଧିକାର ଅଧିନିୟମ ୨୦୧୨ ସହିତ ଉପାଦେୟତା ତଥା ପରିବେଶ ଅନୁକୂଳ କିପରି ସ୍କୁଲ ଗୁଡ଼ିକରେ ସୃଷ୍ଟି ହୋଇପାରିବ ତାଉପରେ ମତାମତ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ମହାଦେବ ଦାସଙ୍କ ସହିତ ଶିକ୍ଷାନୁଷ୍ଠାନ ଲିଖତ ପରବିନ୍ଙ୍କ ସହ ସ୍କୁଲର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ । ପ୍ରକାଶ ଥାଉକି ଏହି ଅନୁଷ୍ଠାନ ବିଭିନ୍ନ ଶିକ୍ଷାନୁଷ୍ଠାନ ସ୍କୁଲ ଓ କଲେଜ ଆଦି ସ୍ତରରେ ଶିଶୁ ଅଧିକାରୀ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ କାଯ୍ୟକ୍ରମ କରି ଆସୁଛନ୍ତି ।

# ମାହେଶ୍ୱରୀ ଯୁବ ଶକ୍ତି ପକ୍ଷରୁ ଚାରାରୋପଣ



ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ସହର ର ମାହେଶ୍ୱରୀ ଯୁବ ଶକ୍ତି ତରଫରୁ ସ୍ଥାନୀୟ ପୋଲିସ ବନ୍ଧ ହୁ ଡାରେ ଔଷଧୀୟ ବୃକ୍ଷର ଚାରାରୋପଣ କରାଯାଇଥିଲା । ଏହି ଚାରାରୋପଣରେ ମାହେଶ୍ୱରୀ ଯୁବ ଶକ୍ତିର ସଭାପତି ଦୁର୍ଗାପ୍ରସାଦ ଜ୍ୟୋତିଷରାୟଙ୍କ ନେତୃତ୍ୱରେ ବହୁ ସଭ୍ୟ ଉପସ୍ଥିତ ରହି ଚାରା ରୋପଣ ରେ ସହଯୋଗ କରିଥିଲେ । ସଭ୍ୟ ମାନଙ୍କ ମଧ୍ୟରେ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଶିବାଶିଷ ରାଉତ, ପାର୍ଥ ସାରଥୀ ବେହେରା, ସୁବୋଧ ଆଚାର୍ଯ୍ୟ, ନୂତନ ବେହେରା, ଶୈଳ ବାଳା ଅମାନ୍ତ, ଅନୁପମା ତ୍ରିପାଠୀ, ପ୍ରଭାକର କଅଁର, ରାଜେନ୍ଦ୍ର କ୍ଷେତି, ବିଜୟ ପାତ୍ର, ଟୁକୁନା ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ଏନଟିପିସି ତାଳଚେର ଥର୍ମାଲ ପକ୍ଷରୁ ବୁଟ କ୍ୟାମ୍ପ ଆୟୋଜନ




ତାଳଚେର,(ସବ୍ୟୁ) : ଏନଟିପିସି ତାଳଚେର ଥର୍ମାଲ ଇଡ଼ି/ଏଚଓପି ବିଜୟ ଚାନ୍ଦଙ୍କ ଦ୍ୱାରା ଜିଏମ ପ୍ରୋଜେକଫ, ଜିଏମ ରକ୍ଷଣବେକ୍ଷଣ ଏବଂ ସମସ୍ତ ଉଚ୍ଚ ଅଧିକାରୀ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ୨୦୨୬ ମସିହା ୨୧ରୁ ୨୨ ପର୍ଯ୍ୟନ୍ତ "ପାଦ ଆଗକୁ' କାର୍ଯ୍ୟରେ ସୁରକ୍ଷିତ ନେତୃତ୍ୱ ବିଷୟ ଉପରେ ଏକ ଦୁଇଦିନିଆ ବୁଟ୍‌କ୍ୟାମ୍ପକୁ ଉଦଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସମ୍ମାନୀତ ଅଧ୍ୟାପକ ସୋନାଲ ନାଗିଆଙ୍କ ଅଂଶଗ୍ରହଣ ମଧ ରହିଥିଲା । ବୁଟକ୍ୟାମ୍ପରେ ଅଂଶଗ୍ରହଣକାରୀଙ୍କୁ ସୁରକ୍ଷା ନେତୃତ୍ୱ ନିତି ବିଷୟରେ ବ୍ୟବହାରିକ ଅନ୍ତଦୃଷ୍ଟି ପ୍ରଦାନ କରାଯିବାନେଇ ଡ଼ିଜାଇନ୍ କରାଯାଇଥିବା ଆକର୍ଷଣୀୟ ଶିକ୍ଷଣ ଅଭ୍ୟାସ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ସ୍ତରରେ ସୁରକ୍ଷାକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିବା ଏବଂ ସଫଳ ପ୍ରକଳ୍ପ ସମାପ୍ତି ସୁନିଶ୍ଚିତ କରିବା ସହ ଶୂନ୍ୟକ୍ଷତିର ସହଭାଗୀ ଲକ୍ଷ୍ୟ ହାସଲ କରିବାନେଇ ନେତାଙ୍କର କ୍ଷମତା ନିର୍ମାଣ ଏବଂ ସୁଦୃଢ଼ କରିବା ଦିଗରେ ପଦକ୍ଷେପ । ଏହି ଶିକ୍ଷା ପାଇବା ଦ୍ୱାରା ସୁରକ୍ଷା ସଂସ୍କୃତିକୁ ଆହୁରି ମଜବୁତ୍ କରିବା, ସାମଗ୍ରୀକ ସୁରକ୍ଷା କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ଏବଂ ସୁରକ୍ଷା ପ୍ରତି ଏକ ଆଭିମୁଖ୍ୟ ଗ୍ରହଣ କରିବାକୁ ନେତା ଏବଂ କର୍ମଚାରୀଙ୍କୁ ଉତ୍ସାହିତ କରିବା ଆଶା କରାଯାଉଛି । ଏହି ପଦକ୍ଷେପ ଏନଟିପିସି ତାଳଚେର ଥର୍ମାଲର ସୁରକ୍ଷା ନେତୃତ୍ୱକୁ କାର୍ଯ୍ୟରେ ଦୃଶ୍ୟମାନ ଏବଂ ସ୍ଥାୟୀ ଅଭ୍ୟାସ କରିବାକୁ ପ୍ରତିବଦ୍ଧତାକୁ ଦୃଢ଼ କରେ ବୋଲି ଏନଟିପିସି ତାଳଚେର ଥର୍ମାଲ ପକ୍ଷରୁ ଜଣାଯାଇଛି ।

# ଜନଅଭିଯୋଗ ଶୁଣାଣି : ୫୬ କେସ୍‌ର ଫଇସଲା

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆସିସ ଇଶ୍ୱର ପାଟିଲ, ଆରକ୍ଷୀ ଅଧିକ୍ଷକ ଅଭିନବ ସ୍ୱନକର, ଅତିରିକ୍ତ ଜିଲ୍ଲାପାଳ ସୁଧା ଚହ୍ୱାନ ,ପିଡି ଦିପ୍ତିରଞ୍ଜନ ସେଠୀ, ଉପଜିଲ୍ଲାପାଳ ବିକାଶ ମହାନ୍ତି,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ନିଳମଣି ଦିଲିପ୍ ଚାନ୍ଦ ବେହେରା, ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସର୍ମୀଷ୍ଠା ଦଳବେହେରା, ତହସିଲଦାର ସୁଦେବ କୁମରା ପୃଷ୍ଟି, ବି.ଡ଼ି.ଓ ସୌଭାଗ୍ୟ କୁମାର ବେହେରା ପ୍ରମୁଖ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ବେଳେ ବ୍ଲକର ସମସ୍ତ ଅଫିସ ଗୁଡିକର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣି ଅବସରେ ମୋଟ ୮୫ ଟି କେସ୍ ପଞ୍ଜୀକୃତ ହୋଇଥିଲା ।ଜିଲ୍ଲାପାଳ ୫୬ ଗୋଟି କେସ୍‌ର ଫଏସଲା କରିଥିବା ବେଳେ ବ୍ଲକ ଅଧିକାରୀ ୨୧ ଟି କେସ୍ କ୍ଷୁଦ୍ର ଜଳ ସେଚନର ୩ଟି କେସ୍, ୨ଟି ବାର୍ଦ୍ଧକ୍ୟ ଭତା ସଙ୍ଗେ ସଙ୍ଗେ ପ୍ରଦାନ ଏବଂ ରେଡ୍ କ୍ରସରୁ ୭୦ ହଜାର ଟଙ୍କା ପ୍ରଦାନ କରାଯିବ ପାଇଁ ସୁପାରିସ କରାଯାଇଥିଲା ।

# ବୈଦିକ ବ୍ରାହ୍ମଣ ପରିଷଦ ଆନୁକୂଲ୍ୟରେ ରୁଦ୍ରାଭିଷେକ



ରାସୋଳ,(ସବ୍ୟୁ) :ହିନ୍ଦୋଳ ଉପଖଣ୍ଡ ରାସୋଳଗ୍ରାମସ୍ଥିତ ଶ୍ରୀ ଶ୍ରୀ ସପ୍ତେଶ୍ୱର ମହାଦେବ ମନ୍ଦିର ପରିସର ପବିତ୍ର ଶ୍ରାବଣ ମାସ ର ଶେଷ ସୋମବାର ଅବସର ରେ ବୈଦିକ ବ୍ରାହ୍ମଣ ପରିଷଦ ହିନ୍ଦୋଳ ଆନୁଲୁଲ୍ୟରେ ତଥା ବୋଲବମ ଭକ୍ତ ଗୋଷ୍ଠୀଙ୍କ ସହଯୋଗରେ ଆଜି ଏକ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇ ଯାଇଛି ।ପରିଷଦର ସଭାପତି ପଣ୍ଡିତ ଶ୍ରୀନିବାସ ମିଶ୍ର ଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ପଣ୍ଡିତ ବିଭୂତି ଭୂଷଣ ପାଳ, ସୁବାସ ଚନ୍ଦ୍ର ମିଶ୍ର, ଅମିୟ କୁମାର ମିଶ୍ର, ସଞ୍ଜୟ କୁମାର ଆଚାର୍ଯ୍ୟ, ସତ୍ୟ ନାରାୟଣ ମିଶ୍ର, ସୌଭାଗ୍ୟ ରଞ୍ଜନ ସର,ପ୍ରଭାତ ମିଶ୍ର, ବାସୁଦେବ ପଣ୍ଡା, ପ୍ରବୀର ପତି ପ୍ରଦ୍ୟୁମ୍ନ ମିଶ୍ର, ସୁଭଜି ପାଣିଗ୍ରାହୀ ହରେକୃଷ୍ଣ ଆଚାର୍ଯ୍ୟ, ସୁଶାନ୍ତ କୁମାର ସର, ଓ ରୋହିତ କୁମାର ପଣ୍ଡା ପ୍ରମୁଖ ଆଚାର୍ଯ୍ୟ ଭାବେ ଯୋଗ ଦେଇ ସୂର୍ଯ୍ୟ ପୂଜା, ପାର୍ଶ ଦେବା ଦେବୀ ପୂଜନ ସହ ଅଭିଷେକ କାର୍ଯ୍ୟ ସମାପନ କରିଥିଲେ । ଏଥିରେ କର୍ତ୍ତା ଭାବେ ରୋହିତ କୁମାର ସାହୁ ଓ ଧର୍ମ ପନୀ ସୁଷମା ସାହୁ ଯୋଗ ଦେଇ ପୂଜା କାର୍ଯ୍ୟ ରେ ସହଯୋଗ କରିଥିଲେ । ମନ୍ଦୀର ର ନିତ୍ୟ ସେବକ ଛବି ନାରାୟଣ ପାଳଙ୍କ ସହ ସମସ୍ତ ଗ୍ରାମବାସୀ ଓ ଶତାଧିକ ବୋଲ ବମ ଭକ୍ତ ସକ୍ରିୟ ସହଯୋଗ କରିଥିଲେ । ଏହି ଅଭିଷେକ ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ଶ୍ରୀ ଶ୍ରୀ ସପ୍ତେଶ୍ୱର୍ ମହାଦେବଙ୍କ କୃପା ଲାଭ କରିଥିଲେ ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,(ସବ୍ୟୁ): ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୩୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୩୧ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ହଜାର ଟଙ୍କା ଓ ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧ଜ ହଜାର ଏହି କାର୍ଯ୍ୟକ୍ରମରେ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥୁଲା ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଜେସିଆଇ ପକ୍ଷରୁ ବୁଡ଼ି ଅଞ୍ଚଳକୁ ୫ଟ୍ରିପ୍ ରିଲିଫ ପ୍ରଦାନ




ତାଳଚେର, (ସବ୍ୟୁ) : ଲଘୁଚାପଜନିତ ବର୍ଷାର ପ୍ରକୋପ ଆଜକୁ ୧ମାସ ହେବ ଲାଗି ରହିଥିବାରୁ ନଦୀନାଳ ପରିପୂର୍ଣ୍ଣ ହେବା ସହିତ ଗାଁଘରେ, ରାସ୍ତାଘାଟରେ ପାଣିପଶି ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଖବର ଦୈନନ୍ଦିନ ପ୍ରକାଶିତ ହେଉଛି । ଏହି ଲଗାଣ ବର୍ଷା ଯୋଗୁଁ ଲୋକମାନେ ଘରଛାଡ଼ି କିଏ ରାସ୍ତା ଉପରେ ପାଲଟାଣି ରହୁଥିବା ବେଳେ ଆଉ କିଏ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ତାଳଚେର ଜେସିଆଇ ପକ୍ଷରୁ ୫ଟ୍ରିପ ରିଲିଫ ଭଦ୍ରକ ଜିଲ୍ଲାର ବନ୍ୟାପ୍ରଭାବିତ ଲୋକଙ୍କ ଉଦ୍ଦେଶ୍ୟରେ ପଠାଯାଇଛି । ଏହି ଟ୍ରକ ଗୁଡ଼ିକୁ ତାଳଚେର ଉପଜିଲ୍ଲାପାଳ ଆଶିରଞ୍ଜନ ସାହୁ ପତାକା ପ୍ରଦର୍ଶନ କରାଇ ଉଦଘାଟନ କରିଥିଲେ । ମଦନମୋହନ ଧର୍ମଶାଳା ଓ ଜେସିଆଇର ଏହି କାର୍ଯ୍ୟକ୍ରମକୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ସରକାରୀ ଜମି ଜବରଦଖଲକୁ ନେଇ ବିବାଦ:ଥାନାରେ ଉଭୟ ପକ୍ଷରୁ ଏତଲା

# କୋର୍ଟରେ କେଶ ଲଢ଼ିବାରୁ ଓକିଲ ଙ୍କ ଉପରେ ମରଣାନ୍ତକ ଆକ୍ରମଣ

ପାଲଲହଡା, (ସବ୍ୟୁ ):ସରକାରୀ ଜମି ଜବରଦଖଲକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଏବେ ଉଗ୍ର ରୂପ ଧାରଣ କରିଥିବାବେଳେ ଗାଁ ଜମି ବିବାଦକୁ ସମାଧାନ କରିବାରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବାଭଳି ଜଣାପଡିଛି ।ଗ୍ରାମର କିଛି ମୁଷ୍ଟିମେୟ ଲୋକଙ୍କ ବାରମ୍ବାର ଉଦେଶ୍ୟମୂଳକ ଅଭିଯୋଗପରେ ସ୍ଥାନୀୟ ତହସିଲ ପ୍ରଶାସନ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ବେଦଖଲ ସଓ୍ୱରୂପ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେବାରୁ ସମ୍ପୃକ୍ତ ଜବରଦଖଲକାରୀ ଜଣଙ୍କ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ମଧ ସ୍ଥାନୀୟ ଉପଖଣ୍ଡ ପ୍ରଶାସନର ଖାମଖିଆଲି ପାଇଁ ଉପଯୁକ୍ତ ନ୍ୟାୟରୁ ବଂଚିତ ହେଉଥିବା ବେଳେ ଉକ୍ତ ବ୍ୟକ୍ତିଙ୍କ କେଶ ଲଢୁଥିବା ଓକିଲ ଜଣଙ୍କ ଗ୍ରାମର କିଛି ମୁଷ୍ଟିମେୟ ଲୋକଙ୍କ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପାଲଲହଡା ଉପଖଣ୍ଡ ଚସାଗୁରୁଜାଙ୍ଗ ଗ୍ରାମରେ । ଅଭିଯୋଗରୁ ପ୍ରକାଶ ଗତ ୧୯୮୦ମସିହାସୁଦ୍ଧା ଚସାଗୁରୁଜାଙ୍ଗ ମୌଜାର ୨୨୯ ନମ୍ବର ଖାତାରେ ଆବଦଯୋଗ୍ୟ ଅନାବାଦୀ ଜମି ୪୬୨ଏକର ୯ଡେସିମିଲ ଜମି ଗୋଚର, ଯବାନ ପ୍ଲଟ, ବୁଡି ଜାଗା ରହିଥିବାବେଳେ ସମସ୍ତ ଜାଗା ଗ୍ରାମର ଅଧିକାଂଶ ଲୋକଙ୍କ ଜବରଦଖଲରେ ରହିଆସିଛି ।ଏଥିରୁ ପ୍ରାୟ ଦେଢ଼ ଏକର ଜାଗା ଗ୍ରାମର ରାଜୀବ ଲୋଚନ ସାହୁ ଜବରଦଖଲ କରିରଖି ସେଥିରେ ପନିପରିବା ଚାଷ କରି ନିଜର ପରିବାର ପୋସିଆସୁଛନ୍ତି ।ଉକ୍ତ ଦେଢ଼ ଏକର ଜାଗାକୁ ଗ୍ରାମର ପ୍ରେମାନନ୍ଦ ସାହୁ ଓ ଦିଲେଶର ପ୍ରଧାନ ନିଜ ଅକ୍ତିଆରକୁ ଆଣିବାକୁ ବାରମ୍ବାର ପ୍ରୟାସ କରି ବିଫଳ ହେବାରୁ ସ୍ଥାନୀୟ ତହସିଲଦାରଙ୍କ ଠାରେ ଜବରଦଖଲକାରୀ ରାଜୀବଙ୍କୁ ଉଚ୍ଛେଦ ପାଇଁ ବାରମ୍ବାର ଅଭିଯୋଗ କରିଆସୁଥିବା ରାଜୀବ ଅଭିଯୋଗ କରିଛନ୍ତି ଏବଂ ଏହି ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ତହସିଲଦାର ଗତ ୨୫.୦୬.୨୦୨୬ରିଖରେ କେଶ ନମ୍ବର ଇଭିସି ୦୮/୨୦୨୬ରେ ଉଚ୍ଛେଦ ପାଇଁ ନୋଟିସ ଜରିକରିଥିଲେ ।ତହସିଲଦାରଙ୍କ ଉକ୍ତ ସରକାରୀ ନିର୍ଦ୍ଦେଶନାମକୁ ଚ୍ୟାଲେଞ୍ଜ କରି ରାଜୀବ ଲୋଚନ ସାହୁ ଗତ ଜୁନ ୨୫ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।ମାନ୍ୟବର ହାଇକୋର୍ଟ ଗତ ଜୁଲାଇ ମାସ ୨୪ତାରିଖ ଘ. P (ଈ)ନମ୍ବର ୨୨୧୧୯/୨୦୨୬ ମୁତାବକ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଉକ୍ତ ଜାଗାର ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ଯୋଗାଇଦେବାକୁ ନିର୍ଦ୍ଦେଶନାମା ଜାରିକରିଥିଲେ ।ମାତ୍ର ସ୍ଥାନୀୟ ଉପଜିଲ୍ଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଉକ୍ତ ଘଟଣାକୁ ଚାପିଦେଇଥିବା ରାଜୀବ ଅଭିଜିଗ କରିଛନ୍ତି ।ଫଳରେ ପୁନଶ୍ଚ ହାଇକୋର୍ଟ ଗତ ୧୮ ତାରିଖଦିନ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଇକ୍ସକ୍ତTଇ ନମ୍ବର ୫୨୯୯/୨୦୨୬ରେ କୋର୍ଟ ଅର୍ଡର ଅବମାନନା କରିଥିବାରୁ ଉକ୍ତ କେଶର ଅଗ୍ରଗତି ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ଜାରିକରୀ ଆସନ୍ତା ସେପେଟମ୍ବର ୮ ତାରିଖ ସୁଦ୍ଧା ହାଇକୋର୍ଟର ଅର୍ଡର ର ପାଳନ ହେଲା ନା ନାହିଁ ତାହା ଜଣାଇବାକୁ କଡା ନିର୍ଦ୍ଦେଶନାମା ଜାରିକରିଛନ୍ତି ।ଗତ ଅଠର ତାରିଖର ହାଇକୋର୍ଟଙ୍କ ନିର୍ଦ୍ଦେଶ ନାମା କଣ ପାଇଁ କାର୍ଯ୍ୟକାରୀ କରାଯାଇନି ବୋଲି ଅଭିଯୋଗକାରୀ ରାଜୀବ ଲୋଚନ ସାହୁଙ୍କ ତରଫରୁ କେଶ ଲଢୁଥିବା ଓକିଲ ଆଡ଼ଭୋକେଟ ଇନ୍ଦ୍ରମଣି ସାହୁ ଜାଣିବାକୁ ଚାହିବାରୁ ଜଣେ ଆଇନଜୀବୀଙ୍କୁ ମଧ ସ୍ଥାନୀୟ ଉପଜିଲ୍ଲାପାଳ ଆଶ୍ରବ୍ୟ ଭାଷାରେ ଗାଳିଗୁଲଜ କରିଥିବାର ରାଜୀବ ଙ୍କ ଓକିଲ ଇନ୍ଦ୍ରମଣି ରବିବାର ଏକ ଖବରଦାତା ସମ୍ମିଳନୀ କରି ଅଭିଯୋଗ କରିଛନ୍ତି ।ଆହୁରି ମଧ ଅଭିଯୋଗକାରୀଙ୍କ ଓକିଲ ଇନ୍ଦ୍ରମଣି ସାହୁ ନିଜ ଘର ଚସାଗୁରୁଜାଙ୍ଗରେ ଅବସ୍ଥାନ କରୁଥିବାବେଳେ ସେହି ୧୮ତା ରିଖ ଦିନ ଗ୍ରାମର ପ୍ରାୟ ଶତାଧିକ ଲୋକ ଓକିଲ ସାହୁଙ୍କୁ ଆଶ୍ରବ୍ୟ ଭାଷାରେ ଗାଳିଗୁଲଜ କରି ତୁରନ୍ତ ଏହି କେଶରୁ ଓହରି ଆସ ନହେଲେ ଜୀବନରୁ ମାରିଦେବୁ ଏବଂ ଗାଁ ରୁ ବାସନ୍ଦ କରିଦେବୁବୋଲି ଘର ଭିତରେ ଜୋର ଜବରଦସ୍ତ ପଶିଥିଲେ ।ଫଳରେ ଓକିଲ ସାହୁ ସ୍ଥାନୀୟ ଥାନାରେ ଆକ୍ରମଣକାରି ଦୁର୍ଯ୍ୟୋଧନ ସାହୁ, ପ୍ରଫୁଲ୍ଲ ସାହୁ, ଦିଲେଶର ପ୍ରଧାନ, ହରି ବେହେରା, ପୁଷ୍ପାଞ୍ଜଳି ସାହୁ, ପୁଷ୍ପାଞ୍ଜଳି ପେ୍ଇ, ବାଙ୍କୀ ବେହେରା, ବାପୁନ ସାହୁ ପ୍ରଭୃତିଙ୍କ ନାମରେ ଲିଖିତ ଅଭିଯୋଗ କରିବାପରେ ପୋଲିସ କେଶ ନମ୍ବର ୨୩୩/୧୯.୦୮.୨୦୨୬ମୁତାବକ ଭାରତୀୟ ନ୍ୟାୟ ସଂହିତା ୧୮୯(୨)/୧୯୧(୨)/୩୨୪(୪)/୩୨୯(୪)/୩୩୧(୪)/୩୫୧(୩)/୧୯୦ଦଫାରେ ମୋକଦମା ରୁଜୁ କରିଥିଲେ ।ଓକିଲ ସାହୁଙ୍କ ଏତଲା ପରେ ଆକ୍ରମଣକାରି ମାନେ ପୀଡିତ ଓକିଲଙ୍କ ବିରୁଦ୍ଧରେ ସେହି ୧୯ତାରିଖରେ ୨୧ତାରିଖ ରାତି ସାଢେ ସାତଟା ସମୟରେ ଆକ୍ରମଣକାରୀଙ୍କ ପକ୍ଷରୁ ପ୍ରଭାତୀ ପ୍ରଧାନ ନାମ୍ନୀ ଜଣେ ମହିଳା ତାଙ୍କ ବିରୁଦ୍ଧରେ ମିଥ୍ୟା ଅସଦାଚରଣ କେଶ କରିଛନ୍ତି ବୋଲି ପାଲଟା ଅଭିଯୋଗ କରିଛନ୍ତି ଏ ସମ୍ପର୍କରେ ଅଭିଯୋଗକାରିଣି ପ୍ରଭାତୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ତାଙ୍କୁ ସେଇଭଳି କିଛି କାର୍ଯ୍ୟକଳାପ କରାଯାଇନି ବରଂ ଓକିଲଙ୍କ ପାଇଁ ଏସବୁ ଘଟୁଛି, ଏବଂ ସରକାରୀ ଜମିକୁ ସେ ଜବରଦଖଲ କରିରଖିଥିବାରୁ ଆମେ ଯାଇ ଓକିଲ ଇନ୍ଦ୍ରମଣି ସାହୁ ଓ ରାଜୀବ ଲୋଚନ ସାହୁଙ୍କ ବିରୋଧରେ ଏତଲା ଦେଇଛି ବୋଲି ଫୋନ ଯୋଗେ କହିଛନ୍ତି ।ସୁତରାଂ ଏହାର ଏକ ନିରପେକ୍ଷ ବିଧିବଦ୍ଧ ତଦନ୍ତ ହୋଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି !ଅନ୍ୟପଟେ ଏ ସମ୍ପର୍କ ରେ ମତାମତ ପାଇଁ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଙ୍କୁ ଯୋଗାଯୋଗ କରିବାରେ ତାହା ସମ୍ଭବ ହୋଇ ନଥିଲା ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ରାସ୍ତା ଘାଟ, ଆବାସ, ଜମିଜମା ବିବାଦ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟଜଳ ସମସ୍ୟା, ରାସନ କାର୍ଡ ସମସ୍ୟା, ବିଦ୍ୟୁତ ସମସ୍ୟା, ଆର୍ଥିକ ସହାୟତା ସମ୍ପର୍କୀତ ୨୨୨ ଗୋଟି ଅଭିଯୋଗ ଦାଖଲ ହୋଇଥିଲା ।ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପ୍ରକଳ୍ପ ନିର୍ଦ୍ଦେଶକ, ଏ.ଡି.ଏମ, ଜିଲ୍ଲା ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧ ସୁନା, ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗର ମୁଖ୍ୟମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଜିଲ୍ଲା ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ୧୦ ଗୋଟି ଟ୍ରାୟ ସାଇକେଲ ପ୍ରଦାନ କରାଯାଇଥିଲା ।

### କାରଖାନାରୁ ୧୨ ଲକ୍ଷ ଟଙ୍କାର ଟ୍ରାନ୍ସଫର୍ମର ଚୋରି, ୫ ଦିନ ପରେ ବି ମିଳିନି ସୁରାକ୍

## ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ କମ୍ପାନୀ ମାଲିକଙ୍କ ଅସନ୍ତୋଷ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ କହରାପୋଖରୀ ନିକଟରେ ଥିବା ଏକ ଶିଳ୍ପ ପ୍ରତିଷ୍ଠାନରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଟ୍ରାନ୍ସଫର୍ମର ଚୋରି ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏନଚ କିଙ୍ଗ ହୋଟେଲ ନିକଟରେ ଥିବା ଗୀତାଂଶ କେବୁଲ୍ସ ଆଣ୍ଡ କଣ୍ଡକ୍ଟର୍ସ ପ୍ରାଇଭେଟ୍ ଲିମିଟେଡ୍ ପରିସରରୁ ୩୧୫ କେଭି କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର କପର୍ କଏଲ୍ ଚୋରି ହୋଇଥିବା କମ୍ପାନୀ ପକ୍ଷରୁ ଅଭିଯୋଗ ହୋଇଛି। କମ୍ପାନୀ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ,କିଛି ଦିନ ତଳେ ଭଣ୍ଡାରିପୋଖରୀ ଅଂଚଳରେ ପ୍ରବଳ ବର୍ଷା ହେଉଥିବା ସମୟରେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇଥିବା ଅଭିଯୋଗ ହୋଇଛି। କମ୍ପାନୀ ପରିସରର ପାଚେରୀ ଡେଇଁ ଦୁର୍ବୃତ୍ତମାନେ ଭିତରକୁ ପଶି ୩୧୫ କେଭି ଟ୍ରାନ୍ସଫର୍ମରଟିର କପର୍ କଏଲ୍ ଚୋରି କରି ନେଇଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଭିଯୋଗ କରିଛନ୍ତି। ଘଟଣା ପରଦିନ ଭଦ୍ରକ ନିବାସୀ ରବୀନ୍ଦ୍ର ମହାନ୍ତି କମ୍ପାନୀରେ ପହଂଚିବା ପରେ ଟ୍ରାନ୍ସଫର୍ମରଟି ଖୋଲା ଯାଇଥିବା ଦେଖି ସେଥିମଧ୍ୟରୁ କପର କୟଲ ଗାଏବ ହୋଇଥିବା ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଏତଲା ଦିଆଯାଇଥିବା କୁହାଯାଇଛି। ତେବେ ଘଟଣାକୁ ୫ଦିନ ବିତିଯାଇଥିଲେ ମଧ ଚୋରି ହୋଇଥିବା ଟ୍ରାନ୍ସଫର୍ମରର କପର କୟଲ ସମ୍ପର୍କରେ କୌଣସି ସୁରାକ୍ ମିଳିନଥିବା ନେଇ କମ୍ପାନୀ ମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ମାମଲା ରୁଜୁ କରି ପୋଲିସ ଚୁପ୍ ବସିଥିବା ଅଭିଯୋଗ ମଧ



ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଉଛି,କମ୍ପାନୀ ପକ୍ଷରୁ ପ୍ରାୟ ୧୨ଲକ୍ଷ ଟଙ୍କା ମୂଲ୍ୟର କପର କୟଲ ଚୋରି ହୋଇଥିବା ଦର୍ଶାଯାଇଥିବା ବେଳେ ପୋଲିସର ତଦନ୍ତ ରିପୋର୍ଟରେ ମାତ୍ର ୫୦ହଜାର ଟଙ୍କାର ଚୋରି ହୋଇଥିବା ଦର୍ଶାଯାଇଥିବା କମ୍ପାନୀ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ମୂଲ୍ୟାୟନରେ ଏତେ ବଡ଼ ପାର୍ଥକ୍ୟ କାହିଁକି ରହିଛି,ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଚୋରି ହୋଇଥିବା ଟ୍ରାନ୍ସଫର୍ମରର କପର କୟଲର ପ୍ରକୃତ ମୂଲ୍ୟ କେତେ,ଏହା କେଉଁ ପରିସ୍ଥିତିରେ କମ୍ପାନୀ ପରିସରରୁ ଗାଏବ ହେଲା,ଚୋରିରେ କେତେଜଣ ସମ୍ପୃକ୍ତ ଅଛନ୍ତି ଏବଂ ଚୋରି ସାମଗ୍ରୀ କେଉଁଠାକୁ ନିଆଯାଇଛି,ଏସବୁ ଦିଗରେ ପୋଲିସ ତଦନ୍ତ କରିବା ଆବଶ୍ୟକ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ବିଶେଷକରି ପ୍ରବଳ ବର୍ଷା ସମୟରେ କମ୍ପାନୀ ପରିସରର ସୁରକ୍ଷା ବ୍ୟବସ୍ଥାକୁ କିପରି ଭେଦ କରି ଏତେ ବଡ଼ ଓ ଭାରୀ ଟ୍ରାନ୍ସଫର୍ମର କପର କୟଲ ଚୋରି କରାଗଲା,ତାହା ମଧ ତଦନ୍ତର ଏକ ବଡ଼ ଦିଗ। ଘଟଣାସ୍ଥଳ ଆଖପାଖରେ ଥିବା ସିସିଟିଭି କ୍ୟାମେରା,ଯାତାୟାତ କରୁଥିବା ଗାଡ଼ି,ଚୋରି ସାମଗ୍ରୀ ପରିବହନରେ ବ୍ୟବହୃତ ଯାନବାହନ ଏବଂ ସମ୍ଭାବ୍ୟ ଚୋରି ସାମଗ୍ରୀ ବିକ୍ରି କରୁଥିବା ସ୍ଥାନ ଉପରେ ତଦନ୍ତ କରାଗଲେ ଘଟଣାର ରହସ୍ୟ ଖୋଲିପାରେ ବୋଲି ମତ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ,ଟ୍ରାନ୍ସଫର୍ମରର କପର କୟଲ ମୂଲ୍ୟକୁ ନେଇ କମ୍ପାନୀ ପକ୍ଷ ଏବଂ ପୋଲିସ ରିପୋର୍ଟ ମଧ୍ୟରେ ଥିବା କଥିତ ପାର୍ଥକ୍ୟ ଘଟଣାକୁ ଆହୁରି ରହସ୍ୟମୟ କରିଛି। ଏହାକୁ ନେଇ ନିରପେକ୍ଷ ଓ ନିଷ୍ପକ୍ଷ ତଦନ୍ତ ସହ ଚୋରି ହୋଇଥିବା କପର କୟଲକୁ ଶୀଘ୍ର ଜବତ କରିବାକୁ କମ୍ପାନୀ ମାଲିକ ଦାବି କରିଛନ୍ତି।

## ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ପରିବର୍ତ୍ତନକୁ ଓୟୁଜେର ବିରୋଧ

ଭଦ୍ରକ,(ସବ୍ୟୁ)ରାଜ୍ୟରେ ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନାକୁ ପରିବର୍ତ୍ତନ ନକରିବା ଓ ସାମ୍ବାଦିକଙ୍କ ପେନସନ,ପ୍ରୋଟେକସନ ଏବଂ ଆକ୍ରିଡେସନ ବାବଦରେ ତ୍ୱରିତ ନିଷ୍ପତ୍ତି ଗ୍ରହଣ କରିବା ନେଇ ରାବିବାର ଦିନ ଓଡ଼ିଶା ସାମ୍ବାଦିକ ୟୁନିଅନ(ଓୟୁଜେ) ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ସର୍ବବୃହତ,ପୁରାତନ ସାମ୍ବାଦିକ ୟୁନିଅନ ସଂଗଠନ ଓୟୁଜେ ୧୯୭୭ମସିହାରେ ସ୍ଥାପିତ ହୋଇ ସାମ୍ବାଦିକମାନଙ୍କ ଦାବି ପାଇଁ ଲଢେଇ କରି ଆସୁଛି। ଦୀର୍ଘ ଲଢେଇ ଫଳରେ ରାଜ୍ୟରେ ସାମ୍ବାଦିକଙ୍କ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଲାଗୁ ହୋଇଛି। ଏହି ବୀମାରାଶିକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରି ଯୋଜନାରେ ବାପା ମାଆଙ୍କୁ ସାମିଲ କରିବା ପାଇଁ ଓୟୁଜେ ଦାବି କରି ଆସୁଥିବାବେଳେ ରାଜ୍ୟ ସରକାର ଏହାକୁ ଆୟୁଷ୍ମାନ ଭାରତ ଯୋଜନା ସହ ମିଶାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଓୟୁଜେ ଏହାକୁ ଦୃଢ ବିରୋଧ କରିବା ସହ ବୀମା ବାବଦରେ ଆମର ଦାବିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ତତ୍‌ସହିତ ସାମ୍ବାଦିକ ପେନସନ ଯୋଜନାକୁ ତୁରନ୍ତ ଓଡ଼ିଶାରେ ଲାଗୁ କରିବା,ସାମ୍ବାଦିକଙ୍କ ପୋଟେକ୍ସନ୍ ଆଇନ୍ ଲାଗୁ କରିବା ସହ ଆକ୍ରିଟେସନ କମିଟି ଗଠନ ପାଇଁ ଓୟୁଜେ ପକ୍ଷରୁ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କୁ ଓଡ଼ିଶା ସାମ୍ବାଦିକ ୟୁନିଅନ ତରଫରୁ ଭଦ୍ରକରେ ଭଦ୍ରକ ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଓୟୁଜେ ସମ୍ପାଦକ କିଷାନ କୁମାର ରାଉତ,ଜିଲ୍ଲା ସଭାପତି ପ୍ରିୟଦର୍ଶନ ବୋଷ୍ଟେ ,ସାଧାରଣ ସଂପାଦକ ଜଗନ୍ନାଥ ବେହେରା,କୋଷାଧ୍ୟକ୍ଷ ଜଗନ୍ନାଥ ମଲ୍ଲିକ,ଅଭିଷେକ ପଟ୍ଟନାୟକ,ଶୁଭଦୀପ ମଲ୍ଲିକ,ଅଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦୁଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାର ବହୁ ବହୁ ସାମ୍ବାଦିକ ଉପସ୍ଥିତ ରହି ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଦୁଇ ମନ୍ତ୍ରୀଙ୍କ ମଧ ଖୁବ୍ ଶିଘ୍ର ଏହି ଦାବୀ ସମ୍ବାଦରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଲୁଟେରାକୁ ଗିରଫ କଲା ଚାନ୍ଦପୁର ପୋଲିସ

ବାଲେଶ୍ୱର,(ସବ୍ୟୁ): ଘରେ ପଶି ଲୁଟ୍ କରିଥିବା ଜଣେ ଲୁଟେରାକୁ ଚାନ୍ଦିପୁର ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଚାନ୍ଦିପୁର ଥାନା ଅଧୀନସ୍ଥ ଗବଗାଁ ଅଞ୍ଚଳର ବାୟାହାତୀ ଓରଫ୍ ନିରାକାର ଦାସ(୨୮)। ଗତ ୧୪ ତାରିଖ ରାତିରେ ଗବଗାଁ ପୁରୁଣାବାଲେଶ୍ୱର ଗ୍ରାମର ତ୍ରିଲୋଚନ ଦାସଙ୍କ ପରିବାର ଶୋଇଥିବାବେଳେ ନିରାକାର କବାଟଭାଙ୍ଗି ତାଙ୍କ ଘର ଭିତରକୁ ଚୋରି କରିବା ପାଇଁ ପଶିଥିଲେ। ସେ ୩ ମୋବାଇଲ, ୧୦ ହଜାର ଟଙ୍କା ଚୋରାଇ ପଳାଇବାକୁ ଚେଷ୍ଟା କରୁଥିବାବେଳେ ଘରଲୋକ ଉଠିପଡ଼ିଥିଲେ। ଶ୍ରୀମତୀ ଦାସ ଏ ନେଇ ଗତ ୧୮ ତାରିଖରେ ଚାନ୍ଦିପୁରଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶନିବାର ନିରାକାରକୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି।

## ଏମ୍‌ଏମ୍‌ଡିଆର ଆଇନ ୨୦୨୬କୁ ବିରୋଧ

ବାଲେଶ୍ୱର,(ସବ୍ୟୁ): ଖଣି ଓ ଖଣିଜ ବିକାଶ ଏବଂ ପରିଚାଳନା ( ଏମ୍‌ଏମ୍‌ଡିଆର ) ଆଇନ - ୨୦୨୬କୁ ବିରୋଧ କରି ମିଳିତ ବିରୋଧୀ ଦଳର ( ଇଣ୍ଡିଆ ମେଣ୍ଟ)ର ଏକ ବୈଠକ ପଢୁଆଁପଦା ସ୍ଥିତ ଉଠା ଜଳସେଚନ ୟୁନିଅନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଂଗ୍ରେସ, ସିପିଆଇ, ସିପିଏମ ଏବଂ ଫରୱାର୍ଡ ବ୍ଲକର ନେତାମାନେ ଯୋଗ ଦେଇଥିଲେ । ରାଜ୍ୟର ସମସ୍ତ ଖଣି ଓ ଖଣିଜ ସମ୍ପଦର ମାଲିକାନା ରାଜ୍ୟ ହାତରୁ କାଢ଼ି ନେଇ କେନ୍ଦ୍ର ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଯେଉଁ ଆଇନ ପ୍ରଣୟନ କଲେ ତାହା ସମ୍ପୂର୍ଣ ଭାବେ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ନେତା ମାନେ କହିଥିଲେ । ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖ ପୂର୍ବାହ୍ନ ୧୦ଟାରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବାର ନିଷ୍ପତ୍ତି ହୋଇଛି । ଏହାଛଡା ସେପଟ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଗଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେପଟ୍ଟେମ୍ବର ୯ ତାରିଖରେ ଭୁବନେଶ୍ୱରରେ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବାର ଘୋଷଣା କରାଯାଇଛି । ସିପିଆଇ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଜିର ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସିପିଏମ ର ଶିଶିର ହୁଇ, ନିର୍ମଳ ନାୟକ, ଟ୍ରେଡ ୟୁନିଅନ ନେତା ଭାଗବତ ପ୍ରତିହାରୀ, ଶ୍ୟାମସୁନ୍ଦର ଜେନା, ଯତୀନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଭରତ ସେଠୀ, ଶରତ ମହାନ୍ତି, ବନ୍ଦନା ବିଶ୍ୱାସ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ୟା ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ ରବି ନାଏକ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାଏକ। ମନ୍ତ୍ରୀ ଶ୍ରୀ ନାଏକ ବନ୍ୟା ପ୍ରଭାବିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଅସୁବିଧା ସମ୍ପର୍କରେ ଅବଗତ ହେବା ସହ ବନ୍ୟା ପରବର୍ତ୍ତୀ ସ୍ଥିତି, କ୍ଷୟକ୍ଷତି ଏବଂ ପ୍ରଶାସନ ପକ୍ଷରୁ ଚାଲିଥିବା ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ମନ୍ତ୍ରୀ ଶ୍ରୀ ନାଏକ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛାନୁଆ ପଞ୍ଚାୟତର ଭଦ୍ରସିଆ, ଓଲନ୍ଦା-ସାରଗାଁ ପଞ୍ଚାୟତର ବଡ଼ଗୋବରା ଏବଂ କୁରାଡିହା ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ବନ୍ୟାଯୋଗୁଁ ରାସ୍ତାଘାଟ, ଘରବାଡ଼ି, କୃଷି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପରେ ପଡ଼ିଥିବା ପ୍ରଭାବ ସମ୍ପର୍କରେ ସ୍ଥାନୀୟ ଲୋକ ଓ ପ୍ରଶାସନିକ ଅଧିକାରୀଙ୍କଠାରୁ ସେ ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ କୁରାଡିହା ଠାରେ ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିରକୁ ମନ୍ତ୍ରୀ ଶ୍ରୀ ନାଏକ ଉଦ୍ଘାଟନ କରିଥିଲେ। ଏହି ଶିବିର ମାଧ୍ୟମରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଆବଶ୍ୟକ ଚିକିତ୍ସା ପରାମର୍ଶ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଏହି ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ରହି ବନ୍ୟା ପ୍ରଭାବିତ ଅଞ୍ଚଳର ସାମ୍ପ୍ରତିକ ସ୍ଥିତି ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସିଡିଓ, ସଦର ବିଡିଓ, ସଦର ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସେହିପରି ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରାଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧିମାନେ ମଧ ପରିଦର୍ଶନରେ ସାମିଲ ହୋଇଥିଲେ। ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ, କ୍ଷୟକ୍ଷତିର ଯଥାଯଥ ଆକଳନ, କ୍ଷତିଗ୍ରସ୍ତ ଗ୍ରାମୀଣ ଭିତ୍ତିଭୂମିର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ବନ୍ୟା ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ ସେମାନଙ୍କ ଜୀବନଜୀବିକାକୁ ପୁନଃ ସ୍ୱାଭାବିକ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରାଥମିକତା। ସେଥିପାଇଁ ପ୍ରଶାସନକୁ ସମ୍ବେଦନଶୀଳତା ଓ ତତ୍ପରତାର ସହ କାର୍ଯ୍ୟ କରିବାକୁ କୁହାଯାଇଛି। କ୍ଷୟକ୍ଷତିର ଯଥାଯଥ ଆକଳନ ସହ କ୍ଷତିଗ୍ରସ୍ତ ଗ୍ରାମୀଣ ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମିର ପୁନରୁଦ୍ଧାରକୁ ମଧ ଗୁରୁତ୍ୱ ଦିଆଯିବ।

## ଦୋକାନ ଭିତରୁ ମିଳିଲା ମହିଳାଙ୍କ ରକ୍ତାକ୍ତ ମୃତଦେହ, ସ୍ୱାମୀ ଗିରଫ

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଟାଉନ ଥାନା ଅଧୀନ ଘୁଟୁରୁରେ ଥିବା ଏକ ଶୋରୁମ ଭିତରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ତାଙ୍କ ନାମ ଅର୍ଚ୍ଚନା ପରିଡ଼ା। ସେ ହେଉଛନ୍ତି ଉକ୍ତ ଦୋକାନ ମାଲିକଙ୍କ ସ୍ତ୍ରୀ। ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅର୍ଚ୍ଚନାଙ୍କ ଭାଇ ଅଜୟ କୁମାର ବାରିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯାଗକୁ ଭିତ୍ତି କରି ପୋଲିସ ତାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ାଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର ମୃତଦେହକୁ ପୋଲିସ ଜିଲା ମୁଖ୍ୟ ଡାକ୍ତର ଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ଲୋକ ଅଭିଯୁକ୍ତଙ୍କୁ ଆକ୍ରମଣ କରି ମାଡ଼ ମାରିଥିଲେ। ରବିବାର ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ଥାନାରେ ଖବର ଦେଇଥିଲେ ଯେ, ଦୋକାନ ଭିତରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି । ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।୨୦୧୪ରେ ହାଣ୍ଡିଭଙ୍ଗା ଅଞ୍ଚଳର ଅଭିମନ୍ୟୁ ମୟୁରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳର ଅର୍ଚ୍ଚନା ବାରିକଙ୍କୁ ବିବାହ କରିଥିଲେ । ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି । ଘୁଟୁରୁରେ ଅର୍ଚ୍ଚନା ଟ୍ରେଡର୍ସ ଓ ଶୁଭମ ମୋଟର୍ସ ନାମରେ ସେମାନଙ୍କ ବ୍ୟବସାୟ ରହିଛି। ତେବେ ଅର୍ଚ୍ଚନାଙ୍କ ପରିବାର ଲୋକଙ୍କ କହିବା ଅନୁସାରେ, ଅଭିମନ୍ୟୁ ନିୟମିତ ମଦ୍ୟପାନ କରି ଅର୍ଚ୍ଚନାଙ୍କୁ ମାରପିଟ କରୁଥିଲେ । ଅର୍ଚ୍ଚନା ଓ ଅଭିମନ୍ୟୁ ବଣିଆପାଟ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ତେବେ ଅର୍ଚ୍ଚନାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ଶୋରୁମରେ ଆଣି ରଖାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।ଅନ୍ୟପକ୍ଷେ ଘଟଣାସ୍ଥଳରୁ ଏକ ସୁଇସାଇଡ ନୋଟ ମିଳିଥିବା ସୂଚନା ମିଳିଛି। ତେବେ ଏହି ସୁଇସାଇଡ ନୋଟରେ ସ୍ୱାମୀ ଦାୟୀ ନ ଥିବା ଲେଖାଯାଇଥିବା ବେଳେ ଏହାକୁ ନେଇ ପରିବାର ଲୋକେ ଆପତ୍ତି ଉଠାଯାଇଛି ।ସୁଇସାଇଡ ଅର୍ଚ୍ଚନା ଲେଖି ନ ଥିବା ବେଳେ ତାଙ୍କୁ ହତ୍ୟା କରିବା ପରେ ସ୍ୱାମୀ ଏହା ଲେଖିଥିବା ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି । ଏନେଇ କେନ୍ଦୁଝର ଏସଡ଼ିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି, ଅର୍ଚ୍ଚନାଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ପରେ ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇ ଘଟଣା ତଦନ୍ତ ଚାଲିଛି।

## ଡ୍ରେନ୍ ମରାମତି ଦାବିରେ କାର୍ଯ୍ୟାଳୟ ଆଗରେ ଧାରଣା

ସୋର,(ସବ୍ୟୁ): ସୋର ପୌରପାଳିକା ୧୧ ନଂ ୱାର୍ଡର ଗଣପତି ବାରିକ ଆଜି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଗତ ୧୧ ତାରିଖରେ ମୋବାରକପୁର ନାୟକ କମ୍ପ୍ଲେକ୍ସ ନିକଟ ଏକ ଖାଲି ଡ୍ରେନରେ ପଡ଼ି ଜଣେ ବ୍ୟକ୍ତି ଆହତ ହୋଇଥିଲେ। ଏନେଇ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶ୍ରୀ ବାରିକ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଦୁଇ ଦିନ ମଧ୍ୟରେ କାର୍ଯ୍ୟ କରାଯିବ ବୋଲି ବିଭାଗ ପ୍ରତିଶୃତି ଦେଇଥିଲେ ମଧ ୧୩ ଦିନ ବିତିଯିବା ପରେ ମଧ କୌଣସି ସମାଧାନ ହୋଇନାହିଁ।ବାଧ୍ୟ ହୋଇ ଶ୍ରୀ ବାରିକ ସୋମବାର ଅପରାହ୍ନ ୧ଟା ସମୟରେ କାର୍ଯ୍ୟଳୟ ଆଗରେ ଧାରଣାରେ ବସିଛନ୍ତି। ତେବେ ଏ ସମ୍ପର୍କରେ ମତାମତ ନେବାକୁ ଗଣମାଧ୍ୟମ ପ୍ରତିନିଧି ଅଧିକ୍ଷଣ ଯନ୍ତ୍ରୀ ସୁଶ୍ରୀ ସଂଗୀତା ସାହୁଙ୍କୁ ଫୋନ୍ କରିଥିଲେ ମଧ ସେ ଫୋନ୍ ଉଠାଇ ନଥିବା ଜଣାପଡ଼ିଛି।

## ମଦ ଜବତ : ଦୁଇ ମହିଳା ଗିରଫ

ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ବିରୋଧରେ ଚଢାଉ କରାଯାଇ ୨ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୧୯ ଲିଟର ଦେଶୀ ମଦ ଜବତ କରାଯାଇଛି।ସୋମବାର ଦିନ ଅବକାରୀ ବିଭାଗ ଖମଡିହା ଗ୍ରାମ ରାସ୍ତା ଏବଂ ଖୁଣ୍ଟାପୋଷି ଗ୍ରାମ ରାସ୍ତାରେ ଚଢାଉ କରିଥିଲା।ଅଭିଯୁକ୍ତ ଖମଡିହା ଗ୍ରାମର ଉର୍ବଶୀ ସାହୁ( ବୟସ ୪୦)ଙ୍କ ନିକଟରୁ ୧୧ ଲିଟର ଦେଶୀ ମଦ ଜବତ କରାଯାଇଛି ।ସେହିପରି ଅଭିଯୁକ୍ତ ଅନାମନୀ ମୁର୍ମୁ, (ବୟସ ୩୭)ଙ୍କୁ ଖୁଣ୍ଟାପୋଷି ଗ୍ରାମ ରାସ୍ତାରୁ ୮ ଲିଟର ଦେଶୀ ମଦ ସହ ଗିରଫ କରାଯାଇଛି।ଉଭୟଙ୍କ ବିରୁଦ୍ଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ରାଇକା ନାଳରୁ ମିଳିଲା ଦୁଇ ମୃତଦେହ

ଯୋଡ଼ା, (ସବ୍ୟୁ): ଖବର ପାଇ ସୋମାବର ଅଗ୍ନିଶମ ବିଭାଗ ଓ ପୁଲିସ ଟିମ ରାଇକା ନାଳରୁ ଦୁଇଟି ମୃତ ଦେହ ଉଦ୍ଧାର କରିଛି । ଉଦ୍ଧାର ଦୁଇ ମୃତ ଦେହ ସୁକୁମାର ମୁଣ୍ଡା ଓ ଜିତେନ ସାମନ୍ତଙ୍କର ବୋଲି କୁହାଯାଇଛି । ରବିବାର ଦିନ ଲଘୁଚାପ ଜନିତ ଲଗାଣ ବର୍ଷାରେ ବଡ଼ବିଲ ଅଞ୍ଚଳର ନଦୀ ଓ ନାଳରେ କୂଳ ଲଘିଁ ଜଳ ପ୍ରବାହିତ ହୋଇଥିଲା। ସଂଧ୍ୟା ପ୍ରାୟ ୬ ଟାରେ ରାଇକା ଗ୍ରାମର ସୁକୁମାର ମୁଣ୍ଡା(୪୦) ଘରୁ ବାହାରି ଯାଇଥିଲେ। ବିଳମ୍ବିତ ରାତି ଯାଏ ସେ ଘରକୁ ନଫେରିବାରୁ, ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ସୁକୁମାରଙ୍କର କୌଣସି ଖୋଜଖବର ପାଇପାରିନଥିଲେ। ଠିକ ସେହିପରି ଠାକୁରାଣୀ ବୁରୁହଟିଂ ଅଞ୍ଚଳର ଜିତେନ ସାମନ୍ତ(୪୨) ତାଙ୍କ ଘରକୁ ଫେରିବା ସମୟରେ ଠାକୁରାଣୀ ନାଳରେ ଭାସି ଯାଇଥିଲେ। ସୋମବାର ଦିନ ସ୍ଥାନୀୟ ଲୋକେ ମୃତଦେହ ପଡ଼ିଥିବା ନେଇ ପୁଲିସକୁ ଖବର ଦେବାପରେ ଅଗ୍ନିଶମ ବିଭାଗଓ ପୁଲିସ ଟିମ ରାଇକା ନାଳରୁ ଶ୍ରୀମତୀ ମୁଣ୍ଡା ଓ ଠାକୁରାଣୀ ନାଳରୁ ଜିତେନଙ୍କର ମୃତ ଦେହକୁ ଉଦ୍ଧାର କରିଥିଲେ।

## ବାରବାଙ୍କ ଘାଟିରେ ଖସିଲା ମାଟି ଅତଡ଼ା, ଯାତାୟତରେ ବାଧା

ଯୋଡ଼ା, (ସବ୍ୟୁ): ଲଘୁଚାପ ଜନିତ ଲଗାଣ ବର୍ଷାରେ, ୫୨୦ ନମ୍ୱର୍ ଜାତୀୟ ରାଜପଥ, ଭଦ୍ରାସାହି - କୋଇଡା ରାସ୍ତା, ବାରବାଙ୍କ ଘାଟି ନିକଟରେ ମାଟି ଅତଡ଼ା ଖସିବା ଯୋଗୁ ଯାତାୟତରେ ଅସୁବିଧା ଦେଖାଦେଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରାସାହି ପଟୁ ସୁନ୍ଦରଗଡ଼ଜିଲ୍ଲା, କୋଇଡା ଆଡ଼କୁ ଯାଇଥିବା ୫୨୦ ନମ୍ୱର୍ ଜାତୀୟ ରାଜପଥର ବାମ ପଟ ରାସ୍ତାରେ ମାଟି ଅତଡ଼ା ଖସିବା ଯୋଗୁ ରାସ୍ତା ଉପରେ ମାଟି ଗଦା ହୋଇଯାଇଥିଲା। ଫଳରେ ରାସ୍ତାର ବାମ ପାର୍ଶ୍ୱରେଯାତାୟତ ବାଧାପ୍ରାପ୍ତ ହୋଇଥିଲା।ଚାରି ଚକିଆ ଯାନ ସହ ଭାରି ଯାନ ଉକ୍ତ ରାସ୍ତାରେ ଯାତାୟତ କରିପାରିନଥିଲା। ଅତଡ଼ା ଧସିବା ସମୟରେ ଉକ୍ତ ସ୍ଥାନରେ କୌଣସି ଗାଡ଼ି, ବାଇକ ଆରୋହୀ କିମ୍ବା ପଥଚାରୀ ନଥିବାରୁ କୌଣସି ଦୁର୍ଘଟଣା ଘଟିନଥିଲା।

## କେଶରୀପୁର ସ୍ୱାସ୍ଥ୍ୟକେନ୍ଦ୍ରର ବିଲଡିଂ ନିର୍ମାଣ କାର୍ଯ୍ୟ ବନ୍ଦ କଲେ ଅଧିକାରୀ

ସୋର,(ସବ୍ୟୁ): ସୋର ବ୍ଲକ କେଶରୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଠିକାଦାର ଆଜି ଛାତ ପକାଇବାକୁ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାମବାସୀ ମାନେ ଏହାକୁ ବିରୋଧ କରିଥିଲେ । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପ୍ରାୟ ୧ କୋଟି ୧୯ ଲକ୍ଷ ୬୬ ହଜାର ୭୯୬ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ନିର୍ମାଣ ହେଉଥିବା ଏହି ବିଲଡିଂରେ ସରକାରଙ୍କ ଗାଇଡ଼ ଲାଇନ ଅନୁସାରେ ୧୮ ଫୁଟ ବୋରିଂ ହେବା ବଦଳରେ ୮ରୁ ୧୦ ଫୁଟ ବୋରିଂ କରିବା,ତଳେ ମେଟାଲ ଢ଼ଳେଇ ନ ପକାଇ ମେଟାଲ ବିଛାଯାଇ ସେଥିରେ ଧର୍ମକୁ ଆଖିଠାର ମାରିବା ଭଳି ବାଲି ସିମେଣ୍ଟ ମିଶାଇ ପକାଇବା,ବିମ ନିର୍ମାଣରେ ଅନିୟମିତତା, ଛାତରେ ଆବଶ୍ୟକତା ଅନୁଯାୟୀ ରଡ଼ ନ ପକାଇବା, ଜାଫ୍ରି ବାନ୍ଧିବା ବେଳେ ଦୂରତା ୬ ଇଂଚ ବଦଳରେ ୮ରୁ ୯ ଇଞ୍ଚ ରଖିବା, ବିମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଛାତ ପକାଇବା ପାଇଁ ପ୍ରସ୍ତୁତ ହେବା ଏବଂ ଛାତ ପକାଇବା ପାଇଁ ବାଲି ନ ଚଲେଇ କାଦୁଅ ମିଶା ବାଲି ବ୍ୟବହାର କରିବା ଆଦି ଅଭିଯୋଗ କରି ପଞ୍ଚାୟତର ସମିତି ସଭ୍ୟ ମୁକେଶ ମଳିକ, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ରବୀନ୍ଦ୍ର ନାୟକ, ନରେନ୍ଦ୍ର ସାମଲ, ମହେନ୍ଦ୍ର ସାହୁ, ଶଶୀକାନ୍ତ ସାହୁ,ପ୍ରାକ୍ତନ ସରପଞ୍ଚ ରମାକାନ୍ତ ବେହେରା, ସାକା ବାରିକ, ପରେଶ ବେହେରା, ଚନ୍ଦନ ପରିଡା ପ୍ରମୁଖ ଏହାକୁ ବିରୋଧ କରିଥିଲେ। ଖବର ପାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କୁଡା ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ସମସ୍ତ ଅଭିଯୋଗକୁ ଦେଖିଥିଲେ।ପରେ ଏଥିରେ ଅନିୟମିତତା ହୋଇଥିବା ଉପଲବ୍ଧି କରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ।

## ବିପଦସଙ୍କେତ ଉପରେ ବୈତରଣୀ

ଭଣ୍ଡାରିପୋଖରୀ,(ସବ୍ୟୁ):ବୈତରଣୀ ନଦୀରେ ପୁଣି ବଡଧରଣର ବନ୍ୟା ଆସିଛି। ମାତ୍ର ଏକ ସପ୍ତାହ ଅନ୍ତରରେ ବନ୍ୟାଜଳ ୭ ପଞ୍ଚାୟତକୁ ବୁଡାଇ ଦେଇଛି। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ଆଖୁଆପଦାରେ ବିପଦସଙ୍କେତ ସ୍ତର ୧୮.୩୩ମିଟର ଉପରେ ରହି ୧୮.୪୩ ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ଘଣ୍ଟାପ୍ରତି ୪ ମି.ମି. ବେଗରେ ହ୍ରାସ ପାଉଛି। ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୫ ମି.ମି. ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ସର୍ବାଧିକ ୧୦୩.୪ ମି.ମି., ସ୍ୱାମୀପାଟଣାରେ ୮୦.୪ ମି.ମି., କେଉଁଝରରେ ୮୦.୪ମି.ମି., ଆନନ୍ଦପୁରରେ ୨୯.୫ ମି.ମି ଓ ଆଖୁଆପଦାରେ ୧୮.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। କଣ୍ଟିଘାଇରେ ପ୍ରବାହିତ ବନ୍ୟାଜଳ ୫ ପଞ୍ଚାୟତର ଜନସାଧାରଣଙ୍କ ପାଇଁ କାଳ ସାଜିଛି। ଚ ନଦୀ ପଠାରେ ଅବସ୍ଥିତ ବନ୍ଧାଳୋ-ମଢ଼ିଆଳି ପଞ୍ଚାୟତର ବନ୍ଧାଳୋ, ମଢ଼ିଆଳି, ଖପୁରିଆପଦା ଆଦି ଗ୍ରାମ, ଝୁଟୁଣା ପଞ୍ଚାୟତର ଝୁଟୁଣା, ବାବଲପୁର, ବ୍ରହ୍ମପୁର, ଦାଦେଶ୍ୱର ଆଦି ଗ୍ରାମର ହଜାର ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ବନ୍ୟା ଦ୍ୱାରା ରାସ୍ତା, ଘର ଓ ହଜାର ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡି ରହି କ୍ଷତିଗ୍ରସ୍ତ ହୋଇଛି। ଭଣ୍ଡାରି ପୋଖରୀ- ମଣିନାଥପୁର ପୂର୍ତ୍ତରାସ୍ତା, ବନ୍ଧାଳୋ ଗ୍ରାମ୍ୟ ଉନ୍ନୟନ ରାସ୍ତା ଆଦି ବନ୍ୟାଜଳରେ ବୁଡି ରହି ଯାତାୟାତ ବାଧାପ୍ରାପ୍ତ ହୋଇଛି।

## ଧାନକ୍ରୟ ଦାବିରେ ସରସଦା ସମିତିରେ ଧାରଣା

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ଧାରଣା ପ୍ରଦାନ କରାଯାଇଛି। ସମିତିକୁ ଚଳିତ ବର୍ଷ ଧାନକ୍ରୟ ପାଇଁ କୃଷକ ପଞ୍ଜିକରଣ ସୁଯୋଗ ପ୍ରଦାନ କରାଯିବାକୁ ଧାରଣା ଦିଆଯାଇଛି। ଚଳିତ ବର୍ଷ କେବଳ ସମିତି ଯୋଗେ ଧାନକ୍ରୟ କରାଯିବ ବୋଲି ସରକାରଙ୍କ ନୀତିଗତ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ପୂର୍ବରୁ ଧାନକ୍ରୟରୁ ବାଦ ପଡିଥିବା ସରସଦା ସମିତିକୁ ଧାନକ୍ରୟ ସୁଯୋଗ ପ୍ରଦାନ ପାଇଁ ଜିଲ୍ଲାପାଳ ଅନୁମୋଦନ କରିଥିଲେ। ହେଲେ ଜିଲ୍ଲା ସମବାୟ ନିବନ୍ଧକ ଜିଲ୍ଲାପାଳଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିନଥିଲେ। ସରସଦା ସମିତିକୁ ଅନ୍ୟ ସମିତି ସହ ଟ୍ୟାଗ କରାଯାଇଥିବା ଜଣାପଡିବା ପରେ ସମିତିର ସଭାପତି ଅବିନାଶ ରାଉତଙ୍କ ନେତୃତ୍ୱରେ ନାଗେଶ୍ୱର ବେହେରା, ରତ୍ନାକର ଦାଶ, ପ୍ରୀତାଶ ରଞ୍ଜନ ନାୟକ ପ୍ରମୁଖ ସମିତି ସମ୍ମୁଖରେ ଧାରଣା ଦେଇଥିବା ଜଣାଯାଇଛି।

## ଜାତୀୟ ରାଜପଥରେ ୨୨ ଟିକିଆ ହାତୀପଲ

ଢେଙ୍କିକୋଟ,(ସବ୍ୟୁ): ଘଟଗାଁ ବନାଞ୍ଚଳ ଢେଙ୍କିକୋଟ ନିକଟବର୍ତ୍ତୀ କାଶିବେଡା ଗ୍ରାମର ମୁର୍ଗଝପାଟ ଜଙ୍ଗଲରେ ଦୁଇଦିନ ଧରି ୨୨ ଟିକିଆ ହାତୀପଲ ଉତ୍ପାତ କରିବା ପରେ ସୋମବାର ଦିନ ୨୨୦ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି କେତଝଙ୍ଗ ଗ୍ରାମ ଅଭିମୁଖେ ଯାତ୍ରା କରିଛନ୍ତି । ତେବେ ଜାତୀୟ ରାଜପଥ ଅତିକ୍ରମ କଲାବେଳେ ଶହ ଶହ ଲୋକ ହାତୀ ପଲକୁ ଦେଖି ମଜ୍ଜା ଓ ମନଖୁସି କରିଥିଲେ । ଆଉ କିଛି ହାତୀପଲଙ୍କ ଫଟୋ ଅତି ନିକଟରୁ ମୋବାଇଲ ରେ ଉଠାଇଥିଲେ । ତେବେ ୨୨ ଟିକିଆ ହାତୀପଲ ବର୍ତ୍ତମାନ ଅନେକ ଲୋକର ଚାଷବାସ ,ପନିପରିବା କୁ ନଷ୍ଟଭ୍ରଷ୍ଟ କରିଦେବା ସହିତ ଘରଦ୍ୱାର ଭାଙ୍ଗି ଦେଇଛନ୍ତି । ପାଟଣା ଓ ଘଟଗାଁ ବନବିଭାଗ ତରଫରୁ ହାତୀପଲକୁ ସୁରକ୍ଷିତ ସ୍ଥାନକୁ ପଠାଇବାକୁ ପ୍ରଚେଷ୍ଟା ଜାରିରହିଛି । ତତ ସହିତ ହାତୀ ପାଖକୁ ନଯିବାକୁ ଲୋକ ମାନଙ୍କୁ ସତର୍କତା କରାଯାଇଛି । ତଥାପି ଅମାନିଆ ଲୋକ ହାତୀ ପାଖକୁ ଯାଇ ନିଜର ଜୀବନ ହରାଉଛି । ୨୨ ଟିକିଆ ହାତୀପଲ ବର୍ତ୍ତମାନ ଲୋକଙ୍କ ଆଖିରୁ ନିଦ ଓ ପେଟରୁ ଭୋକ ଚୋରାଇ ନେଇଛି ।

## ବ୍ରାଉନ୍‌ସୁଗର ଜବତ, ମହିଳା ଗିରଫ

ନୀଳଗିର,(ସବ୍ୟୁ): ନୀଳଗିରୀ ଅବକାରୀ ବିଭାଗ ନୀଳଗିରୀ ଉପଖଣ୍ଡର ଦକ୍ଷିଣ ନରସିଂହପୁର ଗ୍ରାମରେ ଚଢାଉ କରି ଜଣେ ମହିଳାଙ୍କ ନିକଟରୁ ୧୮୦ଗ୍ରାମ୍ ବ୍ରାଉନ ସୁଗାରର ଜବତ କରିବା ସହ ମହିଳାକୁ ଗିରଫ କରିଛନ୍ତି। ଗିରଫ ମହିଳା ଜଣକ ହେଲେ ଉକ୍ତ ଗ୍ରାମର ନରେନ୍ଦ୍ର ମଲ୍ଲିକ ର ସ୍ତ୍ରୀ ମିନତି ମଲ୍ଲିକ୍ (୪୦) । ଏହି ଚଢାଉରେ ନୀଳଗିରୀ ଅବକାରୀ ବିଭାଗର ଓ ଆଇ ସି ଗଙ୍ଗାମଣି ହେମ୍ବ୍ରମ, ଏ ଏସ ଆଇ, ସୁଶାନ୍ତ ରାଉତ, ସନ୍ତୋଷ ବେହେରା, ତପନ୍ କୁମାର ମଲ୍ଲିକ ସାମିଲ ଥିଲେ। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ଅଠର ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ।

## ବିସିଇଟିରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ବାଲେଶ୍ୱର ,(ସବ୍ୟୁ): ଶେରଗଡ଼ ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ବି.ସି.ଇ.ଟି.) ପରିସରରେ ତା ୨୪-୦୮-୨୦୨୬ ସୋମବାର ଦିନ ଚଳିତ ବର୍ଷ ଇଂଜିନିୟରିଂ, ଏମ୍.ବି.ଏ., ଏମ୍.ସିଏ. ନାମ ଲେଖାଇଥିବା ଛାତ୍ର ଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି । ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଶିବେନ୍ଦ୍ର କୁମାର ଘଡ଼ାଇ ଅଧ୍ୟକ୍ଷତା କରିଥିଲେ। ବିସିଇଟି ଗ୍ରୁପ୍ ଅଫ୍ ଅନୁଷ୍ଠାନର ଉପସଭାପତି ଅଭିଷେକ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗୀୟ ମୁଖ୍ୟ ପ୍ରାଧାପିକା ଡ. ଗୀତାଞ୍ଜଳି ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଜେଣ୍ଡର ସେନ୍‌ସିଟାଇଜେସନ୍ ଉପରେ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇ ଲିଙ୍ଗଗତ ଭେଦ ଭାବରୁ ଉର୍ଦ୍ଧ୍ୱରେ ରହି ଜୀବନରେ ଏକ ମହାନ ଲକ୍ଷ୍ୟ ରଖି କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲେ। ଉପାଧକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ରାଉତ, ଡ଼ିନ୍ ଏକାଡେମି ପ୍ରଫେସର ସରୋଜ କୁମାର ପାତ୍ର, ଆଇ.କ୍ୟୁ.ଏସି. ମୁଖ୍ୟ ଡ. ଧିରେନ୍ଦ୍ର




କୁମାର ଜେନା, ଆଡ଼ମିସନ ଇନ୍‌ଚାର୍ଜ ଅଧାପକ ଅମ୍ବୁଜଲୋଚନ ଦାଶ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମସ୍ତ ବିଭାଗୀୟ ମୁଖ୍ୟ ଓ ଅଧାପକ, ଅଧାପିକାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜ ବିଭାଗ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଡ. ଜ୍ୟୋତିର୍ମୟୀ ଓଝା ଓ ଡ.ସୁଭାସିନୀ ଚୌଧୁରୀଙ୍କ ମିଳିତ ପରିଚାଳନାରେ ସମସ୍ତ ଛାତ୍ରଛାତ୍ରୀମାନଙ୍କର 'ଇନ୍‌ଡକସନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ଏବ୍.ବି.ଏ. ବିଭାଗୀୟ ମୁଖ୍ୟ ଡ. ସୁବର୍ଣ୍ଣ କେଶରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ଆଗାମୀ ୨୧ ଦିନ ଧରି ଚାଲୁ ରହିବ ବୋଲି ଅନୁଷ୍ଠାନ ତରଫରୁ ପ୍ରକାଶ। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେବାର କାର୍ଯ୍ୟକ୍ରମ ଓ ସେମାନଙ୍କୁ ବିଭିନ୍ନ ଶିଳ୍ପାନୁଷ୍ଠାନମାନଙ୍କୁ ପରିଦର୍ଶନ ପାଇଁ ଅନୁଷ୍ଠାନ ତରଫରୁ ସ୍ଥିରିକୃତ କରାଯାଇଛି।ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ମୁଖ୍ୟ ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ଶ୍ରୀମତୀ ସୁବ୍ରତା ବିଶ୍ୱାଳ, ସହ ଉପସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ ସମସ୍ତ ନବାଗତ ଛାତ୍ର ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ପାଳିତ

ବାଲେଶ୍ୱର ,(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ମହାକାଶ ଦିବସ-୨୦୨୬ ପାଳନ କରାଯାଇଛି। ଏହି ଅବସରରେ ଭାରତର ମହାକାଶ ଅନୁସନ୍ଧାନର ଉଲ୍ଲେଖନୀୟ ସଫଳତା ଏବଂ ବିକଶିତ ଭାରତ ରାଷ୍ଟ୍ର ଗଠନରେ ବୈଜ୍ଞାନିକ ନବସୃଜନର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ବୈଜ୍ଞାନିକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ଭାରତର ମହାକାଶ କ୍ଷେତ୍ରର ସଫଳତା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ଚେତନାର ବିକାଶ ଉପରେ ମତବ୍ୟକ୍ତ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରି ଗବେଷଣା, ଶିକ୍ଷା ଓ ନିରନ୍ତର ବିକାଶରେ ମହାକାଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନକାରୀ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଜିଜ୍ଞାସା ବୃଦ୍ଧି କରି ଭାରତକୁ ବିଶ୍ୱ ମହାକାଶ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିବାରେ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ମହାକାଶ ପ୍ରୟୋଗ କେନ୍ଦ୍ରର ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ପ୍ରମୋଦ କୁମାର ପରିଡ଼ା ଯୋଗଦେଇ, ଭାରତର ବିସ୍ତାରିତ ମହାକାଶ କାର୍ଯ୍ୟକ୍ରମ ସହ କୃଷି, ବିପର୍ଯ୍ୟୟ ପରିଚାଳନା, ପରିବେଶ ନିରୀକ୍ଷଣ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ମହାକାଶ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ବିସ୍ତୃତ




ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ଅଧାପକ ଡକ୍ଟର ରାଜୀବ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଜାତୀୟ ମହାକାଶ ଦିବସ ଉପଲକ୍ଷେ ଭାରତର ମହାକାଶ ଯାତ୍ରା ଅଗ୍ରଗତିର ପ୍ରେରଣାଦାୟକ ମୁହୂର୍ତ୍ତଗୁଡ଼ିକୁ ନେଇ ଏକ ସ୍ୱଳ୍ପଦୈର୍ଘ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ବିଭିନ୍ନ ବିଷୟର ସମନ୍ୱିତ ଗବେଷଣାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରି କହିଥିଲେ ଯେ, ମହାକାଶ ବିଜ୍ଞାନ ଶିକ୍ଷାଗତ ଉତ୍କର୍ଷ ଓ ପ୍ରଯୁକ୍ତିଗତ ଅଗ୍ରଗତି ପାଇଁ ନୂତନ ଦିଗ ଉନ୍ମୋଚନ କରୁଛି। ଶେଷରେ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ଅଧାପକ ହିମାଂଶୁ ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବାୟୁମଣ୍ଡଳ ବିଜ୍ଞାନ ବିଭାଗର ସହକାରୀ ଅଧାପକ ଡକ୍ଟର ବିବେକାନନ୍ଦ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅଧାପକ, ଗବେଷକ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରିଥିଲେ।

## ସମ୍ପାଦକୀୟ

# ଓଡ଼ିଶାର ବିକାଶ କରିବା କିପରି ?

ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଥେଷ୍ଟ ଧ୍ୟାନ ଦେଇଛନ୍ତି । ୨୦୪୭ରେ ଭାରତ ନିଜ ସ୍ୱାଧୀନତାର ଏକ ଶତ ବର୍ଷ ପୂରଣ କରିବା ବେଳେ ବିକାଶଶୀଳ ଭାରତ ଯେ ବିକଶିତ ଭାରତରେ ପରିଣତ ହୋଇଥିବ, ସେ ବିଷୟରେ ପ୍ରତ୍ୟେକ ଭାରତୀୟ ଆଶା ପ୍ରକାଶ କରୁଛନ୍ତି । ମାତ୍ର ଭାରତ ମଧ୍ୟରେ ଥିବା ଓଡ଼ିଶାର ବିକାଶ, ଆଉ ଦଶ ବର୍ଷ ପରେ ଅର୍ଥାତ୍ ଓଡ଼ିଶା ତାହାର ଶତବାର୍ଷିକ ଉତ୍ସବ ୨୦୩୬ରେ ପୂରଣ କରିବାବେଳେ କିପରି ହୋଇ ପାରିବ, ସେ ନେଇ ଆମେମାନେ ଏବେଠାରୁ ଚିନ୍ତା କରିବା ଉଚିତ ।

ଓଡ଼ିଶାରେ ଦୁଇ ବର୍ଷ ମାସ କେତେଟା ପୂର୍ବରୁ ନୂତନ ସରକାର କ୍ଷମତାସୀନ ହୋଇଛନ୍ତି । ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମଧ୍ୟ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମନଧ୍ୟାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଭୃତି ମଧ୍ୟ ଓଡ଼ିଶାର ବିକାଶ ପାଇଁ ଲାଗି ପଡ଼ିଛନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ରାଜନୀତିକ କାରଣରୁ ଅବ୍ୟାହତି ନେଇଥିଲେ ମଧ୍ୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ବିଜେପିର ସଂଗଠନକୁ ଓଡ଼ିଶାରେ ମଜବୁତ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି । ବିଜେପି ରାଜ୍ୟ ଶାଖା ସଭାପତି ତଥା ସାଂସଦ ମନମୋହନ ସାମଲ ମଧ୍ୟ ରାଜ୍ୟରେ ବିଜେପି ସୁନାମ ଅର୍ଜନ କରିବା ସକାଶେ ଉଦ୍ୟମ ଆରମ୍ଭ କରିଛନ୍ତି । ରାଜ୍ୟର ନିର୍ବାଚିତ କୋଡିଏ ଜଣ ବିଜେପି ସାଂସଦ ଓ ଜଣେ କଂଗ୍ରେସ ସାଂସଦଙ୍କ ସମେତ ରାଜ୍ୟସଭାର ବିଜେପି ଓ ବିଜେଡି ସାଂସଦମାନେ ନିଜ ନିଜ ଦଳର ଆଭିମୁଖ୍ୟକୁ ନେଇ ଓଡ଼ିଶାର ବିକାଶ ପାଇଁ ତତ୍ପର । ଓଡ଼ିଶା ବିକଶିତ ପଥରେ ହୁଏତ ଆଗେଇ ଚାଲିବ ବୋଲି ଆଶା କରାଯାଉଛି ।

**ଏବେ ମଧ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପଛରେ ପଡ଼ିଛି ବୋଲି ମନେ ହୋଇଥାଏ । ସେଦିନ ବ୍ରିଟେନରେ ଭାରତୀୟ ରାଷ୍ଟ୍ରଦୂତ ଲଳିତେନ୍ଦୁ ମାନସିଂଙ୍କ ପରି ଏବେ ବି ଅନେକ ପ୍ରତିଷ୍ଠିତ ଓଡ଼ିଆ, ଓଡ଼ିଆ ଭାଷାରେ ବକ୍ତୃତା ଦେଇ ପାରିବେ ନାହିଁ ବୋଲି ଆମର ବିଶ୍ୱାସ । ରାଜ୍ୟ ସରକାର ଏଥିପାଇଁ ଯତ୍ନବାନ ହେବା ପାଇଁ ଆମର ଅନୁରୋଧ ।**

ଭୌଗଳିକ ସ୍ଥିତି ଦୃଷ୍ଟିରୁ ଓଡ଼ିଶାର ଆୟତନ ୧,୫୫, ୭୦୭ ବର୍ଗ କିଲୋମିଟର ହୋଇଥିଲେ ମଧ୍ୟ, ଆନ୍ଧ୍ରପ୍ରଦେଶ ଓଡ଼ିଶାର ଆୟତନକୁ ହ୍ରାସ କରିବାକୁ ଉଦ୍ୟମ କରୁଛି । ସେହିପରି ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ମହାନଦୀ ଜଳ ବଣ୍ଟନକୁ ନେଇ ବିବାଦର ଅବସାନ ହୋଇ ପାରି ନାହିଁ । ଏହା ସତ୍ୱେ ଓଡ଼ିଶାର ୪ କୋଟି ୧୯ ଲକ୍ଷ ବା ତଦୁର୍ଦ୍ଧ ଜନତାଙ୍କୁ ଓଡ଼ିଶାର ସ୍ୱାର୍ଥ ରକ୍ଷା ପ୍ରତି ଆକୃଷ୍ଟ କରାଯାଇ ଓଡ଼ିଶାର ବିକାଶ କ୍ଷେତ୍ରରେ ସେମାନଙ୍କୁ ସାମିଲ କରିବାକୁ ହେବ ।

୧୯୯୮ରେ, ପ୍ରାୟ ଅଠେଇଶ ବର୍ଷ ତଳେ ବ୍ରିଟେନରେ ନବନିଯୁକ୍ତ ଭାରତୀୟ ରାଷ୍ଟ୍ରଦୂତ ଭାବେ ଲଳିତେନ୍ଦୁ ମାନସିଂଙ୍କୁ ନିଯୁକ୍ତ କରା ଯାଇଥିଲା । ସେ ଏହାପରେ ଓଡ଼ିଶା ଗସ୍ତରେ ଆସିଥିଲେ । ଭୁବନେଶ୍ୱରରେ ଉତ୍କଳ ବଣିକ ସଂଘ ପକ୍ଷରୁ ସେତେବେଳର ସଭାପତି ଜଗଦୀଶ ଲାଲ, ଉପ-ସଭାପତି ଏମ୍.ଏ ନୱାଜ ଓ ଅବୈତନିକ ସମ୍ପାଦକ କେଦାର ପଟ୍ଟନାୟକ ତାଙ୍କୁ ଭୁବନେଶ୍ୱରର ହୋଟେଲ ପ୍ରାଚୀଠାରେ ସମ୍ବର୍ଦ୍ଧନା ଦେଇଥିଲେ । ସମ୍ବର୍ଦ୍ଧନାର ଉତ୍ତର ମଧ୍ୟ ସେ ଦେଇଥିଲେ । ତତ୍କାଳୀନ 'ସମୟ' ସମ୍ବାଦପତ୍ର ପକ୍ଷରୁ ନିମନ୍ତ୍ରଣ ପାଇ ଏ ଲେଖକ ମଧ୍ୟ ସେଠାରେ ଉପସ୍ଥିତ ଥିଲା । ତେବେ ସମ୍ବର୍ଦ୍ଧନା ସଭା ପରେ ତାଙ୍କର ମାମୁ ବାରିଷ୍ଟର ବିଜୟ କୁମାର ବେଉରିଆ ଓ ମୁଁ ସାଙ୍ଗ ହୋଇ ଟିକେ କଥାବାର୍ତ୍ତା କରିବାର ସୁଯୋଗ ମିଳିଥିଲା । ମୋ' ପ୍ରଶ୍ନର କେତୋଟି ଉତ୍ତର ଦେଇ ସେ ସେତେବେଳେ କହିଥିଲେ, 'ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ କେବଳ ଓଡ଼ିଶା ନୁହେଁ, ଭାରତ ମଧ୍ୟ ବହୁ ପଛରେ ପଡ଼ିଛି । ଓଡ଼ିଶାରେ ଅତି ସୁନ୍ଦର ପର୍ଯ୍ୟଟନସ୍ଥଳ ସବୁ ରହିଛି । ମାତ୍ର ବିଦେଶୀ ପର୍ଯ୍ୟଟକମାନଙ୍କୁ ସେ ସବୁ ସ୍ଥାନରେ ପହଞ୍ଚାଇବା ଲାଗି ସୁବିଧାସୁଯୋଗ ଅଛି କି ନାହିଁ ତାହା ଜାଣେ ନାହିଁ ।'

ମୋ ସହିତ କଥାବାର୍ତ୍ତା କରିବା ବେଳେ ସେ କହି ପକାଇଥିଲେ 'ମୁଁ ଓଡ଼ିଆରେ କଥାବାର୍ତ୍ତା କରି ପାରୁଛି କିନ୍ତୁ ଓଡ଼ିଆରେ ବକ୍ତୃତା ଦେବା ସମ୍ଭବ ହୋଇ ପାରି ନାହିଁ ।' ଏ ସଂକ୍ରାନ୍ତରେ ମୋର ବିବରଣୀ ତତ୍କାଳୀନ 'ସମୟ' ସମ୍ବାଦପତ୍ରର ୭ ପୃଷ୍ଠାରେ ତା ୨୯/୦୮/୧୯୯୮ ରିଖରେ ପ୍ରକାଶିତ ହୋଇଥିଲା । ପ୍ରାୟ ଅଠେଇଶ ବର୍ଷ ପରେ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ବିଶେଷ ବିକାଶ ପରିଲକ୍ଷିତ ହୋଇ ପାରି ନଥିଲା । ମାତ୍ର ଦୁଇ ବର୍ଷର ମୋହନଚରଣ ମାଝୀଙ୍କ ସରକାର ୬୭୮ କୋଟି ୪୮ ଲକ୍ଷ ଟଙ୍କା ବିନିଯୋଗ କରି ସମଗ୍ର ଓଡ଼ିଶାରେ ୨୦୮ଟି ପର୍ଯ୍ୟଟନ ସ୍ଥଳର ଭିତ୍ତିଭୂମି ପ୍ରକଳ୍ପ ମଞ୍ଜୁର କରିଥିବା, ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି ୨୦୨୬କୁ ଅନୁମୋଦିତ କରିଥିବା ଏବଂ ୨୫, ୦୦୦ ଷ୍ଟାର କାଟାଗୋରୀ (ତାରକା ଚିହ୍ନିତ) ହୋଟେଲ ପ୍ରକୋଷ୍ଠ ପାଇଁ ବ୍ୟବସ୍ଥା କରୁଥିବା ଆନନ୍ଦର ବିଷୟ ।

ମାତ୍ର ଏବେ ମଧ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପଛରେ ପଡ଼ିଛି ବୋଲି ମନେ ହୋଇଥାଏ । ସେଦିନ ବ୍ରିଟେନରେ ଭାରତୀୟ ରାଷ୍ଟ୍ରଦୂତ ଲଳିତେନ୍ଦୁ ମାନସିଂଙ୍କ ପରି ଏବେ ବି ଅନେକ ପ୍ରତିଷ୍ଠିତ ଓଡ଼ିଆ, ଓଡ଼ିଆ ଭାଷାରେ ବକ୍ତୃତା ଦେଇ ପାରିବେ ନାହିଁ ବୋଲି ଆମର ବିଶ୍ୱାସ । ରାଜ୍ୟ ସରକାର ଏଥିପାଇଁ ଯତ୍ନବାନ ହେବା ପାଇଁ ଆମର ଅନୁରୋଧ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାଧାରଣ ନାଗରିକ ପାଇଁ ଗଣତନ୍ତ୍ର



**ଡଃ. ଚନ୍ଦ୍ରକଳା ନାୟକ**

ଶାସନ ପଦ୍ଧତି ମଧ୍ୟରୁ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ । ଗଣତନ୍ତ୍ର ଶାସନର ଅର୍ଥ ଗଣଙ୍କର ଶାସନ । ଯେଉଁ ଶାସନ ଗଣଙ୍କ ଦ୍ୱାରା, ଗଣଙ୍କ ପାଇଁ, ଗଣଙ୍କର, ତାକୁ ଗଣତନ୍ତ୍ର କୁହାଯାଏ । ଗଣତନ୍ତ୍ର ଶାସନ ଅର୍ଥ ନୁହେଁ ନିଜକୁ ଶାସନ କରିବା । ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଅସମ୍ଭବ । ତେଣୁ ଗଣତନ୍ତ୍ର ଶାସନରେ ଜନତା ଦ୍ୱାରା, ଜନତାର ଶାସନ ପ୍ରତ୍ୟକ୍ଷ ନହୋଇ ପରୋକ୍ଷ ଭାବରେ ହୋଇଥାଏ । ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି, ଏହି ଜନତାର ପ୍ରତିନିଧି ଯାହାଙ୍କୁ ଲୋକମାନେ ନିଜେ ବାଛନ୍ତି, ଯାହାଙ୍କ ହାତରେ ଶାସନ କ୍ଷମତା ଓ ଶାସନ ଭାର ଦେଇଥାନ୍ତି । ଏଥିରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ । ସେଥିପାଇଁ ଏଥିରେ ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଏ ଶାସନର ମୂଳଲକ୍ଷ୍ୟ । ଦୁଇଶହ ବର୍ଷ ତଳେ ହୋଇଥିବା ଫରାସୀ ବିପ୍ଳବ, ଇତିହାସକୁ ଏକ ବିଶେଷ ବେଗ ଓ ଉଦ୍‌ବେଳନ ଆଣି ଦେଇଥିଲା । ଏହି ଫରାସୀ ବିପ୍ଳବ ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା । ସେଇ ବିପ୍ଳବୀମାନଙ୍କ ସ୍ଲୋଗାନ ଅନୁସାରେ, ସର୍ବପ୍ରଥମେ ହେଉଛି ସ୍ୱାଧୀନତା, ଦ୍ୱିତୀୟରେ ସମାନତା ଓ ତୃତୀୟରେ ଭ୍ରାତୃତ୍ୱ ପ୍ରତିଷ୍ଠା ସେମାନଙ୍କ ଆନ୍ଦୋଳନର ମୂଳ ଲକ୍ଷ୍ୟ ଥିଲା । ସାରା ପୃଥିବୀରେ ମଣିଷଙ୍କ ପାଇଁ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ । ଫରାସୀ ବିପ୍ଳବ କାଳୀନ ଅର୍ଥ ସନ୍ଦର୍ଭରେ ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା । ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା । ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ । ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଭୋଟଦାତାମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ । ପ୍ରତ୍ୟେକ ବ୍ୟକ୍ତିର ଦୋଷଗୁଣ, କ୍ରିୟା କଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟ ପଣିଆ ତଥା ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ପ୍ରତ୍ୟେକ ଜନସାଧାରଣଙ୍କ କର୍ତ୍ତବ୍ୟ । ଆମ ଦେଶରେ ଜନସାଧାରଣଙ୍କ ଅଭିଜ୍ଞତାରୁ ମନେ ହୁଏ, ଏହା ଉପରେ ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ । ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁ ପଛରେ । ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରୀର ପତ୍ର କୁଡିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ । କୁସଂସ୍କାର ପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର 'ଆକାଶ କୟାଁ ଚିଲିକା ମାଛ' ପରି ସ୍ୱପ୍ନିଳ । ବେଳେବେଳେ ସ୍ୱତଃ ମନରେ ପ୍ରଶ୍ନ ଆସେ ଗଣତନ୍ତ୍ରକୁ ଯାହା ବୋଲି ଘୋଷଣା କରାଯାଏ, ସତରେ କଣ ସେ ତାହା କି?

ଯେଉଁ ଦେଶ ନାଗରିକ ନିଜ ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ଅପପ୍ରଚାର ବିଶେଷ କାମ କରେ । ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୁହିକ ଜୀବନ କାରବାରମାନଙ୍କରେ ମୁଖ୍ୟ ମିମାଂଶକ ରୂପେ ଯୋଡି ରଖିଥିବା ସ୍ୱାର୍ଥାପକ୍ଷଟି ସର୍ବଦା କ୍ଷମତାଗୁଡିକୁ ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଛନ୍ତି । ପୃଥିବୀରେ ଶାସନସ୍ତରୀୟ ଗଢଣଗୁଡିକ ରାଜତନ୍ତ୍ରରୁ ଏକ ଗଣତନ୍ତ୍ରୀୟ ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି । ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ, ନିତିଦିନର ସ୍ୱାଭାବିକ ଶୈଳୀ ପ୍ରାୟ କୋଟି କୋଟି ମନୁଷ୍ୟଙ୍କ ଭାଗ୍ୟକୁ ଏହି ବ୍ୟବସ୍ଥା ଦ୍ୱାରା କାମୁଡି ଧରିଛି । ଭାରତୀୟ ଗଣତନ୍ତ୍ରରେ ଅନଟନ ଅବିଚ୍ଛିନ୍ନ ଭାବେ ଜାରି ରହିଛି ।

**ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ହୋଇଗଲା । ଭାରତୀୟ ଗଣତନ୍ତ୍ରରେ ଯେଉଁ ଜାତୀୟବାଦକୁ ଆଶ୍ରୟ କରାଗଲା, ତାହା ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ତଥା ଯାବତୀୟ ଆନୁସଙ୍ଗିକ ଅସାମନତାକୁ ଦୂର କରିବା ପାଇଁ, ନିଜର ସେଇ ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା । ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡା ହୋଇଗଲା ।**

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ହୋଇଗଲା । ଭାରତୀୟ ଗଣତନ୍ତ୍ରରେ ଯେଉଁ ଜାତୀୟବାଦକୁ ଆଶ୍ରୟ କରାଗଲା, ତାହା ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ତଥା ଯାବତୀୟ ଆନୁସର୍ଙ୍ଗିକ ଅସାମନତାକୁ ଦୂର କରିବା ପାଇଁ, ନିଜର ସେଇ ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା । ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡା ହୋଇଗଲା ।

ଆମ ଦେଶରେ କେତେ ବିରାଡି ବୈଷ୍ଣବ ଶାସନ କ୍ଷମତା ପାଇବା ଲୋଭରେ ଜନପ୍ରତିନିଧି ହେବାକୁ ପ୍ରତିଦ୍ୱନ୍ଦିତା ଆରମ୍ଭ କରିଦେଲେ । ବାଜା ବଜାଇ, ନାଚ ଗୀତ କରି , ସଭା ସମିତିରେ ଛାତି ପିଟି ବାହାସ୍ଫୋଟ ମାରି, ଧୂଆଁବାଣର ମିଛ ପ୍ରତିଶୃତି ଦେଇ, ଭଡାଟିଆ ଲୋକଙ୍କ ସାହାଯ୍ୟରେ ସେବାର ଆଶ୍ରୟ ନେଇ ସେମାନେ ମିଥ୍ୟା ପ୍ରଚାର କରି, ଲୋକଙ୍କୁ ଭୟ ଦେଖାଇ, କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଜାରି ରଖିଲେ ।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ପ୍ରଚାରର ହିଁ ଜୟ ହୁଏ । ମନକୁ ସ୍ୱତଃ ପ୍ରଶ୍ନ ଆସେ ପ୍ରଚାର କଣ? ମିଥ୍ୟାକୁ ସତ୍ୟରେ ପରିଣତ କରିବା ହିଁ ପ୍ରଚାର । ତିନି ତୁଣ୍ଡରେ ଛେଳି କୁକୁର ହେବା ପରି ଗଣତନ୍ତ୍ର ଶାସନରେ ଲୋକ ପ୍ରତିନିଧି ଶାସନ କ୍ଷମତା ନିଜ ହାତକୁ ଆଣୁଛନ୍ତି । ଆଜି ଆମ ଦେଶରେ ଅନେକ ଲୋକ ଅଛନ୍ତି, ସଜ ମାଛରେ ବି ପୋକ ପକାଇବା କାମ କରୁଛନ୍ତି । କେବଳ ତିନି ତୁଣ୍ଡ ନୁହେଁ ତା ସାଙ୍ଗକୁ ପ୍ରଚାର ପତ୍ର, କାନୁବାଡ ଲେଖା, ଆଧୂନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି । ସେହିଭଳି ପ୍ରାର୍ଥୀଙ୍କ ପାଖରେ ଧନର ଅଭାବ ନଥିବାରୁ ଏଭଳି ପ୍ରୋପାଗାଣ୍ଡା କରି ପାରୁଛନ୍ତି । ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧିମାନଙ୍କ ଜୟ ହୋଇଥାଏ । ଏହିପରି ଅସତ୍ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ ଓ ନୀତିହୀନ କେତେକ ଜନପ୍ରତିନିଧି ନିଜର ହାତରେ କ୍ଷମତା ପାଇ ସେମାନେ ଦେଶର ଗରିବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ବେଳେ ମାଙ୍କଡ ଓ ଦୁଇ ବିରାଡିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ, ଏପଟୁ ପୁଳେ ସେପଟୁ ପୁଳେ କାଢି ଆଣି ନିଜ ପକେଟରେ ଭର୍ତ୍ତି କରି ନେଉଛନ୍ତି । ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ଜନାର୍ଦ୍ଦନ ମିଟି ମିଟି କରି ଅନାଇ ରହିବା ହିଁ ସାର ହେଉଛି । ଆଜିକାଲିର ଜନପ୍ରତିନିଧି ଠିକ ବାଉଁସ ରାଣୀର ଖେଳ ପରି, ଖେଳି ସାରି ନିଜର ଦିଗ ପରିମର୍ଡ଼ନ ବି କରୁଛନ୍ତି । ଥରେ ଏହି ଖେଳ ଭାଙ୍ଗିଗଲେ, ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ ପୂର୍ବପରି ଢଙ୍ଗରେ । ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର । ଯେଉଁ ଲୋକ ପ୍ରତିନିଧି କିଛି ଅର୍ଥ, କିଛି ଉପହାର, କିଛି ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣି ଥାଏ ସେହି ପ୍ରତିନିଧି କିପରି ନିଜର ସଚ୍ଚୋଟପଣିଆକୁ ଆପଣେଇ ପାରିବ ? ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ। ଗଧିଆ ଯଦି ମେଣ୍ଢା ପୋଷାକରେ, ମେଣ୍ଢାଙ୍କ ମେଳରେ ପଶି, ଗୋଟି ଗୋଟି ମେଣ୍ଢାଙ୍କୁ ଖାଇବାକୁ ଆରମ୍ଭ କରିଦିଏ, ସେଥିପାଇଁ ଦୋଷୀ କିଏ? ଗଧିଆ ନାଁ ମେଣ୍ଢା ? ଏଭଳି ଅବସ୍ଥାରେ ସମାଜରେ ବୁଦ୍ଧିଜୀବୀ ବୋଲାଉଥିବା ଗୋଷ୍ଠୀଟିର ଭୂମିକା ମଧ୍ୟ ଉଦ୍‌ବେଗଜନକ । ଶ୍ରୀଜଗନ୍ନାଥ ମହାପ୍ରଭୁ ତାଙ୍କ ଜଗତର ମଙ୍ଗଳ ପାଇଁ ଏମାନଙ୍କ ଉପରେ ସମାଜକୁ ବାଟ ଦେଖାଇବାର ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ହେଲେ ଏହି ଗୋଷ୍ଠୀର ଅତ୍ୟଧିକ ଭାଗ ବୁଦ୍ଧିଜୀବୀର ଛଦ୍ମ ରୂପରେ ଏଭଳି ଭ୍ରଷ୍ଟାଚାରୀ ନେତାଙ୍କ ସହ ନିଜ ସ୍ୱାର୍ଥ ପାଇଁ ଅନୈତିକ ଭାବ ରଖିଥାନ୍ତି । ଏପରିକି ସେମାନେ ଏବେ ନିର୍ଦ୍ଦିଷ୍ଟ ସ୍ତମ୍ଭ କିମ୍ବା ମାଧ୍ୟମରେ ଅନୁପ୍ରବେଶ କରି ନିଜର ଆସ୍ଥାନ ଜମାଇ ସମାଜ ପାଇଁ ସମ୍ମାନ ଜନକ ସାଜିଥିବା ସ୍ତମ୍ଭ ସଦୃଶ ବଡ ପ୍ରଶ୍ନବାଚୀ ଠିଆ କରିଛନ୍ତି । ଏହାସତ୍ୱେ ବି ଏହି ବର୍ଗର ଥିବା ନିଷ୍ଠାପର ବ୍ୟକ୍ତିଙ୍କ ନିଷ୍ଠାପରତା ଅନେକ ସମୟରେ ପାଉଁଶ ତଳର ନିଆଁ ହୋଇ ଭ୍ରଷ୍ଟାଚାରୀ ଓ ଭ୍ରଷ୍ଟାଚାରର ସାମ୍ରାଜ୍ୟକୁ ପୋଡି ପାଉଁଶ କରି ଦେଇଛି । ଏ କ୍ଷେତ୍ରରେ ସମାଜ ଠାରୁ ବୁଦ୍ଧିଜୀବିର ମାନ୍ୟତା ଦାବି କରୁଥିବା ସମ୍ମାନୀୟ ଗୋଷ୍ଠୀ ଓ ଗଣଚେତନା ସୃଷ୍ଟିକାରୀ ମାଧ୍ୟମରେ ସଂପୃକ୍ତମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶାନ୍ତ, ସମୃଦ୍ଧ ଓ ଶୃଙ୍ଖଳିତ ଜଗତ ଗଠନ ପାଇଁ ଶତ ପ୍ରତିଶତ ନିଷ୍ଠା ଅତ୍ୟାବଶ୍ୟକ ।

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ହିଁ ପାଏ । ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ସେମାନେ ନିଜେ ହିଁ ଦାୟୀ । ଆତ୍ମସମୀକ୍ଷା ନକରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ । ଅର୍ଥ, ଖାଦ୍ୟ, ପଦପଦବୀ ଲାଳସାରେ ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ନେତାମାନଙ୍କ ନିକଟରେ ବନ୍ଧା ପକାଇବା ହିଁ ଗଣତନ୍ତ୍ର ପାଇଁ ବଡ ସଙ୍କଟ ହୋଇଛି । ଗଣଶିକ୍ଷା ଓ ଗଣ ଚେତନାକୁ ଜାଗ୍ରତ ନକରି ପାରିବା ଆମମାନଙ୍କର ପ୍ରଥମ ଦୁର୍ବଳତା । ଏ କ୍ଷେତ୍ରରେ ସମାଜ ଠାରୁ ବୁଦ୍ଧିଜୀବୀର ମାନ୍ୟତା ଦାବି କରୁଥିବା ସମ୍ମାନୀୟ ଗୋଷ୍ଠୀ ଓ ଗଣଚେତନା ସୃଷ୍ଟିକାରୀ ମାଧ୍ୟମରେ ସଂପୃକ୍ତମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶାନ୍ତ, ସମୃଦ୍ଧ ଓ ଶୃଙ୍ଖଳିତ ଜଗତ ଗଠନ ପାଇଁ ଶତ ପ୍ରତିଶତ ନିଷ୍ଠା ଅତ୍ୟାବଶ୍ୟକ । ସେଥିପାଇଁ ମନ ଭିତରେ ସ୍ୱାଭାବିକ ପ୍ରଶ୍ନ ଆସେ, ଆମେ କଣ ଗଣତନ୍ତ୍ର ଶାସନ ପାଇଁ ପ୍ରକୃତରେ ଉପଯୁକ୍ତ ?

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଛତିଆ, ଯାଜପୁର,**
**ମୋ-୯୪୩୭୯୫୭୬୧୭**

# ବିକାଶ କ୍ଷେତ୍ରରେ ବାଧା ଆମ ଅସହିଷ୍ଣୁତା



**ସନ୍ତୋଷ କୁମାର ମିଶ୍ର**

ଦେଖା ଯାଉଛି ରାଜନୀତି ହେଉ ଅବା ସାଧାରଣ ସାମାଜିକ ଜୀବନ, ସାହିତ୍ୟ କ୍ଷେତ୍ର ହେଉ ଅବା ବିଜ୍ଞାନ, ପ୍ରଶାସନ କି ସାଧାରଣ ଜନତାଙ୍କ କ୍ଷେତ୍ର ସବୁଠି, ସବୁ କ୍ଷେତ୍ରରେ ଅସହିଷ୍ଣୁତା ଯାଦୁ ପରି ମାଡିଗଲାଣି । ଅସହିଷ୍ଣୁତା ହିଁ ହୁଏତ ଏକମାତ୍ର କାରଣ, ଯାହା ସମାଜରେ ବିଶୃଙ୍ଖଳା ସୃଷ୍ଟି କରି ଜନଜୀବନକୁ ଧ୍ୱସ୍ତବିଧ୍ୱସ୍ତ କରି ପକାଉଛି । ତେବେ ଏ ଅସହିଷ୍ଣୁତା କଅଣ ? କଅଣ ହେଇପାରେ ଏହାର ସଂଜ୍ଞା? ଅସହିଷ୍ଣୁତା କହିଲେ ସାଧାରଣ ଭାବରେ ଆମେ କ'ଣ ବୁଝିବା? ନିଜ ଛଡା ଅନ୍ୟ ଜଣଙ୍କର ବା ଅନ୍ୟ କୌଣସି ଗୋଷ୍ଠୀଙ୍କର ଇଚ୍ଛା, ସଂସ୍କୃତି, ଆଚାର-ବ୍ୟବହାର, ଧାର୍ମିକ ବିଶ୍ୱାସ ଓ ଭାବନା, ତଥା ମତାମତ ଆଦିକୁ ନିଜେ ଗ୍ରହଣ କରିବାର ଦୁର୍ବାର ଅନିଚ୍ଛାକୁ ଅବା ଅନ୍ୟ ଉପରେ ଲଦି ଦେବାର ପ୍ରୟାସକୁ ଆମେ ପ୍ରକାରାନ୍ତରେ ଅସହିଷ୍ଣୁତା କହି ପାରିବା । ଉପରୋକ୍ତ ବିଷୟଗୁଡିକ ଉପରେ ଏକତ୍ର ବା ଅଲଗା ଅଲଗା ଭାବରେ ନିଜ ମନ ଭିତରେ ଅଯଥା ଅହେତୁକ ବିପଦର ଆଶଙ୍କା ସୃଷ୍ଟି ହେବା ହିଁ କ୍ରମ ବର୍ଦ୍ଧିଷ୍ଣୁ ଅସହିଷ୍ଣୁତା ବୋଲି ଧରାଯାଇପାରିବ । ଫଳସ୍ୱରୂପ ନିଜ ନିଜର ଅହଂକୁ ଜାହିର କରେଇବାର ଜିଦ୍ ହିଁ ବିଶୃଙ୍ଖଳାର ସୂତ୍ରପାତ କରେ ।

ସାଧାରଣ ମଣିଷର ବ୍ୟବହାରରେ ଅସହିଷ୍ଣୁତା ଯେ ଆଜି ଠାବ କରାଯାଇଛି ତାହା ନୁହେଁ, ଏହା ଯୁଗ ଯୁଗ ଧରି ସମାଜ ଭିତରେ ରହି ଆସିଛି । ଏବେ କେବଳ ତା'ର ବିଚାର ଶୈଳୀ ଓ ବର୍ଣ୍ଣନା ଚାତୁରୀରେ କିଛି ମାତ୍ରାରେ ପରିବର୍ତ୍ତନ ଓ ଭିନ୍ନତାର ଅଭ୍ୟୁଦୟ ଘଟିଛି । ଆମର ମହାନ୍ ପୌରାଣିକ ଗ୍ରନ୍ଥ ମହାଭାରତ ଓ ରାମାୟଣ ମଧ୍ୟ କୌଣସି ନା କୌଣସି ମତେ ଅସହିଷ୍ଣୁତାରୁ ସୃଷ୍ଟ କଥାବସ୍ତୁ ବୋଲି ଅନୁମାନ କରାଯାଇପାରେ । ମହାଭାରତକୁ ଆମେ ରାଜନୈତିକ ଅସହିଷ୍ଣୁତାଜନିତ ଘଟଣା ଓ ରାମାୟଣକୁ ସାମାଜିକ ଅସହିଷ୍ଣୁତା ଜନିତ ଘଟଣାର ବର୍ଣ୍ଣନା ବା କାହାଣୀ ବୋଲି ବର୍ଗୀକରଣ କରି ପାରିବା ଭଳି ଉପାଦାନ ଏହି ପବିତ୍ର ଗ୍ରନ୍ଥ ଦ୍ୱୟର କଥାବସ୍ତୁରୁ ହିଁ ମିଳି ପାରିଥାଏ ଏବଂ ଏହା ଦ୍ୱାରା ମଣିଷର ଏକ ଆଦିମ ପ୍ରବୃତ୍ତି ଭାବେ ଅସହିଷ୍ଣୁତାର ପ୍ରାଚୀନତା ସାବ୍ୟସ୍ତ କରା ଯାଇପାରେ । ଅନ୍ୟ ଅର୍ଥରେ କହିବାକୁ ଗଲେ ଅସହିଷ୍ଣୁତା ଯୋଗୁଁ ପୌରାଣିକ କାଳରେ ସମାଜରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା, ଏବେ ମଧ୍ୟ ସେହି ଅସହିଷ୍ଣୁତା ଯୋଗୁଁ ବ୍ୟକ୍ତି, ଗୋଷ୍ଠୀ, ସମ୍ପ୍ରଦାୟ, ଜାତି, ଧର୍ମ ଓ ବର୍ଣ୍ଣକୁ ନେଇ ସାମାଜିକ ବିଶୃଙ୍ଖଳାମାନ ସୃଷ୍ଟି ହୋଇ ଚାଲିଛି ।

ଆମେ ନିଶ୍ଚୟ ଏକମତ ହେବା ଯେ ଅସହିଷ୍ଣୁତା ଏକ ସାମାଜିକ ବ୍ୟାଧି । ଏହାର କାରଣ ଖୋଜିଲେ ହିଁ ନିରାକରଣ ବା ନିଦାନ ଖୋଜି ପାଇବା । ସମାଜରେ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଘୃଣା ଭାବର ଉଦ୍ରେକ ହେବା ଫଳରେ ବ୍ୟକ୍ତିବିଶେଷଙ୍କର ସହଜରେ ନିଜ ନିଜର ଅହଂକୁ ଚରିତାର୍ଥ କରିବାର ଚେଷ୍ଟା ଦ୍ୱାରା ବିଶୃଙ୍ଖଳା ସୃଷ୍ଟି ହୁଏ । ଅନେକ ବୁଦ୍ଧିଜୀବୀ କିନ୍ତୁ ଭିନ୍ନ ଭାବେ ମତ ଦିଅନ୍ତି ଯେ ଆମେ ଆବଶ୍ୟକତା ଠାରୁ ଅଧିକ (ମାତ୍ରାଧିକ୍ୟ ) ଆଦର୍ଶବାଦୀ ହୋଇଯିବା ଓ ଆଦର୍ଶବାଦର ଜଘନ୍ୟ ଅପରାଧୀକରଣ ହିଁ କ୍ରମବର୍ଦ୍ଧିଷ୍ଣୁ ଅସହିଷ୍ଣୁତାର ମୁଖ୍ୟ କାରଣ । ଯେତେବେଳେ ଆମେ ଆମର ବିଭିନ୍ନ ନିଜସ୍ୱ ବିଶ୍ୱାସକୁ ଆମର ଅମାନବୀୟ ମତ ସହିତ ମିଶାଇ ସମାଜରେ ଜାହିର କରେଇବାର ଚେଷ୍ଟା କରିଥାଉ ସେତେବେଳେ ଏପରି ପରିସ୍ଥିତି ସୃଷ୍ଟି ହେବା ନିହାତି ବାଞ୍ଛନୀୟ । ସେହି ଦୃଷ୍ଟିରୁ ଯେ କୌଣସି ବ୍ୟକ୍ତି ବା ଗୋଷ୍ଠୀଭିତ୍ତିକ କନ୍ଦଳ ଅସହିଷ୍ଣୁତାର ପୃଷ୍ଠପୋଷକତା କରିଥାଏ । ଦେଶରେ ବିଭିନ୍ନ ଆତଙ୍କବାଦ କାର୍ଯ୍ୟକଳାପ ବିଭିନ୍ନ ବର୍ଗର ଅସହିଷ୍ଣୁତାରୁ ଯେ ସୃଷ୍ଟ ଏଥିରେ ସନ୍ଦେହ ନାହିଁ । ନିଚ୍ଛକ ଅସହିଷ୍ଣୁତାର କଠୋର ପରିଣାମ ହିଁ ଆତଙ୍କବାଦ । ଆତଙ୍କବାଦ ଓ ତଥାକଥିତ ଅସହିଷ୍ଣୁତାକୁ ନେଇ ସମସ୍ତେ ସମସ୍ତଙ୍କୁ ଆଙ୍ଗୁଠି ଦେଖାଇବାରେ ବ୍ୟସ୍ତ, କିନ୍ତୁ ନିଜକୁ ତର୍ଜମା କରିବାର ଆବଶ୍ୟକତା କେହି ଅନୁଭବ କରୁନାହାନ୍ତି । ଏହି ଭଳି ପରିସ୍ଥିତିରେ ଅସହିଷ୍ଣୁତାର ପରିସମାପ୍ତି କଥା ଚିନ୍ତା କରିବା ଏକ ଅବାଞ୍ଛିତ ପ୍ରୟାସ ବୋଲି ମନେ ହୁଏ ।

**ଯେତେବେଳେ ଆମେ ଆମର ବିଭିନ୍ନ ନିଜସ୍ୱ ବିଶ୍ୱାସକୁ ଆମର ଅମାନବୀୟ ମତ ସହିତ ମିଶାଇ ସମାଜରେ ଜାହିର କରେଇବାର ଚେଷ୍ଟା କରିଥାଉ ସେତେବେଳେ ଏପରି ପରିସ୍ଥିତି ସୃଷ୍ଟି ହେବା ନିହାତି ବାଞ୍ଛନୀୟ । ସେହି ଦୃଷ୍ଟିରୁ ଯେ କୌଣସି ବ୍ୟକ୍ତି ବା ଗୋଷ୍ଠୀଭିତ୍ତିକ କନ୍ଦଳ ଅସହିଷ୍ଣୁତାର ପୃଷ୍ଠପୋଷକତା କରିଥାଏ ।**

ଆମେ ଯେତେବେଳେ ଦେଶର ସାମଗ୍ରିକ ବିକାଶର ସ୍ୱପ୍ନ ଦେଖୁଛେ ସେହି ସମୟରେ ଆମ ଭିତରେ ଉଙ୍କି ମାରୁଥିବା ଅସହିଷ୍ଣୁତା ଭାବ ଆମକୁ ଆମ ପ୍ରୟାସରେ ଆଗକୁ ବଢିବାକୁ ଦେଉନାହିଁ । ସରକାର ଓ ସରକାରୀ କର୍ମଚାରୀ ତଥା ଆଇନ, ଆଇନଜୀବୀ, ନ୍ୟାୟିକ ପ୍ରକ୍ରିୟା ଅବା ଡାକ୍ତର, ଡାକ୍ତରଖାନା କି ଡାକ୍ତରୀ ଚିକିତ୍ସା ଉପରେ ଜନସାଧାରଣ ଆସ୍ଥା ତୁଟାଇବାର ଅନେକ ଉଦାହରଣଯୁକ୍ତ ତଥ୍ୟ ସମ୍ବାଦପତ୍ର ଓ ଗଣମାଧ୍ୟମରେ ଦେଖି ଦେଖି ଆମେମାନେ ଗଣତନ୍ତ୍ରର ଚାରି ମଜବୁତ ସ୍ତମ୍ଭ କୁହାଯାଉଥିବା ପ୍ରଶାସନ, ବ୍ୟବସ୍ଥାପକ ସଭା, ନ୍ୟାୟିକ ବ୍ୟବସ୍ଥା ଓ ଗଣମାଧ୍ୟମ ଉପରେ ବିଶ୍ୱାସ ହରେଇ ବସିଲୁଣି । ତେଣୁ 'ଘରବୁଡି ପାଣି ଆଣ୍ଠୁଏ ହେବା' ପୂର୍ବରୁ ନିଜ ନିଜର ଆଚରଣକୁ ଯୁକ୍ତିସଙ୍ଗତ ଭାବରେ ମାର୍ଜିତ କରି ଆମ ପରବର୍ତ୍ତୀ ପିଢି ପାଇଁ ସ୍ୱପ୍ନ ସଜାଡିଦେବା ଆମର କର୍ତ୍ତବ୍ୟ ନୁହେଁ କି ?

**ଓଗାଳପଡା, ଜାଆଁଳା, ଖୋରଧା**
**ପିନ ୭୫୨୦୫୪**
**ମୋ-୮୧୪୪୧୪୫୨୯୧**

# ସତ୍ୟ ହିଁ ପରମ ଚୈତନ୍ୟ

**ଦୁଷ୍ମନ୍ତ କୁମାର ସାହୁ**

ଯାହା ଆମମାନଙ୍କର ଦରକାର ଏବଂ ଯାହା ଆମେ ପାଇବାକୁ ଯୋଗ୍ୟ, ବିଶ୍ୱନିୟନ୍ତା, ଭଗବାନ ତାହା ଆମକୁ ଦେଇଥାନ୍ତି । ଏଥିପାଇଁ ତାଙ୍କୁ ମାଗିବାର ଆବଶ୍ୟକତା ନାହିଁ ବା ଯାହା ମିଳୁଛି ସେଥିରେ ଅସନ୍ତୋଷ ପ୍ରକାଶ କରିବାର କିଛି ନାହିଁ । ସର୍ବଦା ସନ୍ତୁଷ୍ଟ ରୁହ ।

ଭଗବାନଙ୍କ ଇଚ୍ଛା ବିରୁଦ୍ଧରେ କିଛି ଘଟେ ନାହିଁ । ଯେତେ ଉଚ୍ଚକୁ ଚଢ଼େଇଟିଏ ଉଠିଲେ ମଧ୍ୟ ସମୟ ଆସିବ ଯେତେବେଳେ ବିଶ୍ରାମ ନିମନ୍ତେ ଏହା ତଳକୁ ଓହ୍ଲାଇବ । ଠିକ ସେହିପରି ନାସ୍ତିକ ବ୍ୟକ୍ତିମାନେ ଯେଉଁମାନେ ଭଗବାନଙ୍କ ନିନ୍ଦା କରିବାକୁ ସର୍ବଦା ଲାଗି ପଡ଼ିଥାନ୍ତି ଏବଂ ଭଗବାନଙ୍କ ଅସ୍ତିତ୍ୱରେ ଆଦୌ ବିଶ୍ୱାସ କରନ୍ତି ନାହିଁ, ଘଟଣା ଚକ୍ରରେ ଯୋଡ଼ି ହସ୍ତ ଏବଂ ନତଜାନୁ ଅବସ୍ଥା ପ୍ରାର୍ଥନା କରିବେ, ହେ ଭଗବାନ ମୋତେ ଶକ୍ତି, ଆନନ୍ଦ ଏବଂ ଶାନ୍ତି ଦିଅ ।

ଯେଉଁଠି ଭଗବାନଙ୍କ ମହିମା ଗାନ କରାଯାଏ, ସେଠାରେ ଭଗବାନ ଆବିର୍ଭୁତ ହୁଅନ୍ତି । ଏହା ହିଁ 'ମଦ ଭକ୍ତାଃ ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି, ନାରଦ' ଏହି ଶ୍ଳୋକର ଅର୍ଥ । ଏଥିରୁ କେହି ଅର୍ଥ କରିବେ ନାହିଁ ଯେ ଭଗବାନଙ୍କ ମହିମାଗାନ, କୀର୍ତ୍ତନ ଯେଉଁଠି ନ ହେଉଛି ସେଠାରେ ଭଗବାନ ନାହାନ୍ତି । ସେ ସବୁ ଯାଗାରେ ସବୁବେଳେ ଅଛନ୍ତି ମାତ୍ର ଭଗବାନଙ୍କ ନାମକୀର୍ତ୍ତନ ସ୍ଥାନରେ ତାଙ୍କ ଉପସ୍ଥିତି ଅନୁଭବ କରିବା ସହଜ ହୁଏ । ଉଦାହରଣ ସ୍ୱରୂପ ବାୟୁମଣ୍ଡଳରେ ସଙ୍ଗୀତର ମୂର୍ଚ୍ଛନା ସର୍ବଦା ପ୍ରବାହିତ ହେଉଛି । ମାତ୍ର ଏହା ଅନୁଭବ କରିହେବ ରେଡ଼ିଓର ସ୍ୱିଚ ଲଗାଇଲେ ଏବଂ ସେହିପରି ଇଲେକଟ୍ରିକ ଲାଇନରେ ବିଜୁଳି ସ୍ରୋତ ପ୍ରବାହିତ ହେଉଥିଲେ ମଧ୍ୟ ବଲଟିଏ ଲଗାଇଲା ମାତ୍ରେ ଏହା ଆଲୋକ ବିଛାଡ଼ି ଦିଏ । ଆମମାନଙ୍କର ଜୀବନ ବାସ୍ତବରେ ଆନନ୍ଦମୟ ଓ ପ୍ରଶାନ୍ତିଚେତନାଯୁକ୍ତ । ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି – 'ଆନନ୍ଦ, ଏବଂ ଆତ୍ମା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଆତ୍ମା ହିଁ ଆନନ୍ଦ । ଈଶ୍ୱର, ପୂର୍ଣ୍ଣତା, ଅମରତ୍ୱ ଓ ଆନନ୍ଦ ଏ ସବୁ ଏକ ଓ ଅଭିନ୍ନ । ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପୂର୍ଣ୍ଣତା ପ୍ରାପ୍ତି ବା ଭଗବତ ପ୍ରାପ୍ତି । ଆମେମାନେ ସତ୍ୟର ଯେତେ ନିକଟତର ହେଉଥିବା ସେତେ ଅଧିକ ସୁଖୀ ହେଉଥିବା, କାରଣ ସତ୍ୟର ବାସ୍ତବ ପ୍ରକୃତି ହେଉଛି ନିଶ୍ଚିତ ପରମାନନ୍ଦ । ଆତ୍ମା ହେଉଛି ଅନେକ ମଧ୍ୟରେ ଏକ, ଅନିତ୍ୟ ମଧ୍ୟରେ ନିତ୍ୟ, ଆତ୍ମା ହିଁ ସମସ୍ତ ଚେତନ ଜୀବଙ୍କ ମଧ୍ୟରେ ରହିଥିବା ସତ୍ୟ ଶୁଦ୍ଧ ପରମ ଚୈତନ୍ୟ ।

**ପୂର୍ବତନଜିଲ୍ଲା ସଭାପତି, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ପୁରୀ,**
**ମୋ-୯୪୩୭୬୭୨୮୩୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବୈତରଣୀରେ...

କରାଯାଇଛି ହେଲେ କ୍ଷତିଗ୍ରସ୍ତଙ୍କ ନିକଟକୁ ଏହି ଅର୍ଥରାଶି ପହଞ୍ଚି ନାହିଁ।

ବନ୍ୟାରେ ହଜାର ହଜାର ଏକରରେ ପାଣି ପଶିବା ଯୋଗୁ ପରିବା ଚାଷ ସମ୍ପୂର୍ଣ୍ଣ ଭାବେ ପଚି ଯାଇଛି। ଏ ବର୍ଷର ଧାନ ଫସଲ ମଧ୍ୟ ନଷ୍ଟ ହୋଇଛି। ଆଜିକୁ ୨୫ ଦିନ ହେବ ବନ୍ୟା ପାଣିରେ ବୁଡ଼ି ରହିଛି ଚାଷ ଜମି କେତେକ ତଳିଆ ଅଞ୍ଚଳରେ ମଧ୍ୟ ଅଧିକ ପାଣି ଜମି ରହିଛି। ଏଭଳି ସ୍ଥିତିରେ ପୁଣି ଲଗାତାର ବର୍ଷା କାରଣରୁ ଜିଲ୍ଲାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଛି ବିଶେଷକରି ବୈତରଣୀ ନଦୀ ଅବବାହିକାରେ ଜଳସ୍ତର ବଢ଼ିବା ହେତୁ ତଳିଆ ଅଞ୍ଚଳବାସୀଙ୍କ ମନରେ ଛନକା ପଶିଛି।

ଦୀର୍ଘ ୨୫ ଦିନ ଧରି ଅନେକ ପଞ୍ଚାୟତ ପାଣି ଜମି ରହିବା ଯୋଗୁ ଝାଡ଼ା, ଜ୍ୱର ଏବଂ ଚର୍ମରୋଗ ଭଳି ସଂକ୍ରାମକ ରୋଗ ବଢ଼ିଚାଲିଛି ସବୁଠୁ ବଡ଼ ସମସ୍ୟା ହେଉଛି ବିଶୁଦ୍ଧ ପାନୀୟ ଜଳ। ବନ୍ୟା ପାଣିରେ କୂଅ ଓ ନଳକୂପ ବୁଡ଼ି ରହିଛି ଯେଉଁଥିପାଇଁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। କେତେକ ଜାଗାରେ ବନ୍ୟା ପାଣିକୁ ଫୁଟାଇ ପିଉଥିବାର ଦେଖିବାକୁ ମିଳିଛି ଫଳରେ ଜଣ୍ଡିସ ରୋଗ ଭଳି ବିଭିନ୍ନ ପେଟ ରୋଗ ସମସ୍ୟା ଦେଖା ଦେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି।

ବୈତରଣୀ ଅବବାହିକାରେ ସନ୍ଧ୍ୟା ୬ଟା ସୁଦ୍ଧା ଆନନ୍ଦପୁର ଠାରେ ୩୭.୦୭ ମିଟର ଉପରେ ଜଳ ପ୍ରବାହିତ ହୋଇଥିବା ବେଳେ ବିପଦ ସଙ୍କେତ ୩୮.୩୬ ମିଟର ରହିଛି। ଏଠାରେ ଜଳସ୍ତର ବୃଦ୍ଧି ପାଉଛି। ଏଥିସହ ଅଖୁଆପଦାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୧୮.୫୬ ମିଟର ଉପରେ ଜଳ ପ୍ରବାହିତ ହୋଇଛି। ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଜଳସ୍ତର ବଢ଼ିବାରେ ଲାଗିଛି। ଯଦି ଉପର ମୁଣ୍ଡରେ ପ୍ରବଳ ବର୍ଷା ହୁଏ, ତାହେଲେ ଜଳସ୍ତର ଆହୁରି ଅଧିକ ବୃଦ୍ଧି ପାଇବା ଫଳରେ ଯାଜପୁର ଜିଲ୍ଲାକୁ ପୁଣି ବନ୍ୟା ଭୟ ଘାରିଛି।

## ବର୍ଷା...

ପ୍ରତି ୪୦-୫୦ କି.ମି. ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି।

ଏଥିସହ ବାଲେଶ୍ୱର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ହାରାହାରି ବର୍ଷା ପରିମାଣ ୩୨.୯ ମି.ମି. ରେକର୍ଡ ହୋଇଛି। କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକରେ ସର୍ବାଧିକ ୧୬୨.୪ ମି.ମି. ବର୍ଷା ରେକର୍ଡ ହୋଇଛି। ୮ଟି ବ୍ଲକ୍ ଏବଂ ଗୋଟିଏ ପୌରାଞ୍ଚଳରେ ୧୦୦ ମି.ମି.ରୁ ଅଧିକ ବର୍ଷା ହୋଇଥିବା ବେଳେ ୭୩ଟି ବ୍ଲକ ଓ ୪ଟି ପୌରାଞ୍ଚଳର ୬ଟି ଷ୍ଟେସନରେ ୫୦ରୁ ୧୦୦ ମି.ମି. ମଧ୍ୟରେ ବର୍ଷା ହୋଇଛି।

ଅଗଷ୍ଟ ୧ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସଞ୍ଚିତ ବର୍ଷା ପରିମାଣ ୩୨୭.୦ ମି.ମି. ରହିଛି, ଯାହା ସ୍ୱାଭାବିକ ହାର ୨୭୫.୬ ମି.ମି. ତୁଳନାରେ ୧୮.୬ ପ୍ରତିଶତ ଅଧିକ। ସେହିପରି ଜୁନ୍ ୧ରୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ସଞ୍ଚିତ ବର୍ଷା ୮୦୮.୩୨ ମି.ମି. ରହିଛି, ଯାହା ସ୍ୱାଭାବିକ ହାରଠାରୁ ୩୧.୧ ପ୍ରତିଶତ ଅଧିକ। ଅଖୁଆପଦାଠାରେ ବୈତରଣୀ ଏବଂ ମଥାନି ଠାରେ ଜଳକା ନଦୀର ଜଳପତନ ସ୍ତର ଆଜି ସକାଳ ୯ଟା ସୁଦ୍ଧା ସତର୍କ ସ୍ତରଠୁ ସାମାନ୍ୟ ଅଧିକ ରହିଛି।

ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ୨ଟି ବ୍ଲକ(ଭୋଗରାଇ ଓ ବାଲିଆପାଳ), ଭଦ୍ରକର ୩ଟି(ତିହିଡ଼ି, ଚାନ୍ଦବାଲି, ), ଯାଜପୁରର ୫ଟି(ଦଶରଥପୁର, ବରୀ, ରସୁଲପୁର, ବିଞ୍ଝାରପୁର, ଯାଜପୁର), କେନ୍ଦ୍ରାପଡ଼ାର ୫ଟି(ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା), କଳାହାଣ୍ଡିର ୫ଟି (ଥୁଆମୁଲ ରାମପୁର, ଜୟପାଟଣା, କଲାମପୁର, କୋକସରା, ଜୁନାଗଡ଼) ଏବଂ କୋରାପୁଟର ଗୋଟିଏ ବ୍ଲକ୍ (କୋଟପାଡ଼) ପ୍ରଭାବିତ ହୋଇଛି। ବିଭିନ୍ନ ଜିଲ୍ଲାରେ ରିଲିଫ୍ କ୍ୟାମ୍ପ ମାଧ୍ୟମରେ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ବନ୍ୟା ଓ ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀର ମୋଟ ୬୬ଟି ଟିମ୍ ମୁତୟନ ହୋଇଛନ୍ତି। ଏଥିରେ ୧୫ଟି ଓଡିଆର୍‌ଏଏଫ୍, ୮ ଏନ୍‌ଡିଆର୍‌ଏଫ୍, ଏନ୍‌ଡିଆର୍‌ଏଫ୍, ଏବଂ ୪୪ ଅଗ୍ନିଶମ ବାହିନୀ ଟିମ୍ ରହିଛି।

ରିଲିଫ୍ କ୍ୟାମ୍ପ ପରିଚାଳନା ଓ ଅନ୍ୟାନ୍ୟ ଜରୁରୀ ପ୍ରତିକ୍ରିୟାମୂଳକ କାର୍ଯ୍ୟ ପାଇଁ ଏସ୍‌ଡିଆର୍‌ଏଫ୍‌ରୁ ପର୍ଯ୍ୟାୟକ୍ରମେ ମୋଟ ୧୭୦.୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାସହ ପ୍ରଭାବିତ ଜିଲ୍ଲାଗୁଡ଼ିକୁ ମୋଟ ୧୫୬୨.୮୧ ମେଟ୍ରିକ୍ ଟନ୍ ଗୋ-ଖାଦ୍ୟ ଯୋଗାଣ ହୋଇଛି।

ଜିଲ୍ଲା ପ୍ରଶାସନଗୁଡ଼ିକୁ ସ୍ଥାନୀୟ ଜଳବନ୍ଦୀ, ତଳିଆ ଅଞ୍ଚଳରେ ପାଣି ଜମିବା, ସହରାଞ୍ଚଳରେ ଅଣ୍ଡରପାସ୍ ବନ୍ଦ ହେବା, କଚ୍ଚା ରାସ୍ତା ଓ ଦୁର୍ବଳ ଢାଞ୍ଚାର କ୍ଷତି, ଭୂସ୍ଖଳନ ଏବଂ ବଗିଚା ଓ ଠିଆ ଫସଲର କ୍ଷତି ଭଳି ସମ୍ଭାବ୍ୟ ପରିସ୍ଥିତି ଉପରେ ସତର୍କ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ବନ୍ୟାପ୍ରବଣ ସମୟରେ ଲୋକମାନେ ସୁରକ୍ଷିତ ଆଶ୍ରୟ ନେବା ସହ ପାଣିପାଗ ସୂଚନା ଉପରେ ନଜର ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଉଛି। ଓଡ଼ିଶା ଉପକୂଳ ଓ ଏହାର ନିକଟ ସମୁଦ୍ରରେ ୨୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ସତର୍କ କରାଯାଇଛି।

ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସହ ସମନ୍ୱୟ ରଖି ପରିସ୍ଥିତି ଉପରେ ୨୪ ଘଣ୍ଟା ନଜର ରଖିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ଭାବ୍ୟ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ଜନସାଧାରଣଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରାଯାଉଛି।

## ଓସେନ୍...

ହଠାତ ଦୁଇ ଖଣ୍ଡ ହୋଇ ବୁଡି ଯାଇଥିବ , ତେବେ ଲାଇପ ବୋଟ କାଢ଼ିବାକୁ ନାବିକ ମାନେ ସମୟ ପାଇ ପାରି ନଥିବେ । ୮୦ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ମଧ୍ୟ ଗୋଟିଏ ଲାଇଫ ରାପଫ ଠାବ ହୋଇଥିବା ବେଳେ ଅନ୍ୟମାନେ ଗଲେ କୁଆଡେ । ଜାହାଜ ବୁଡିଥିବା ଜାଗାରେ ପ୍ରବଳ ତେଲ ପ୍ରବାହିତ ହେଉଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଥିବା ବେଳେ ୨୨ ନାବିକ ଏବେ ସୁରକ୍ଷିତ ଅଛନ୍ତି ତ କି ନାହିଁ , ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଘଟଣାକୁ ନେଇ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୁୱାଲ ନିଜ ସାମାଜିକ ଗଣମାଧ୍ୟମ ପେଜରେ ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ପ୍ରକାଶ କରିଥିବା ବେଳେ କଣ ପାଇଁ ଜାହାଜ ବୁଡ଼ିଲା ତାହା ଅଦ୍ୟାବଧି କେହି ସ୍ପଷ୍ଟ କରି ପାରି ନାହାନ୍ତି । ଭାରତୀୟ କୋଷ୍ଟଗାର୍ଡ, ଭାରତୀୟ ନ୍ୟାଭି ଓ ସେହି ରୁଟ ଦେଇ ଯାଉଥିବା ଏବଂ ଆସୁଥିବା ସମସ୍ତ ପଣ୍ୟବାହୀ ଜାହାଜ ଏହି ଅପରେସନରେ ସାମିଲ ଅଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ କୋଷ୍ଟଗାର୍ଡର ଭରୋଦ,ଅନମୋଲ ଓ ଭିଜିତ ତିନୋଟି ଯୁଦ୍ଧ ଜାହାଜ ଏହି ଅପରେସନରେ ସାମିଲ ଥିବା ବେଳେ ଆକାଶ ମାର୍ଗରେ ଭାରତୀୟ ନୌସେନାର ଏୟାରକ୍ରାପଫ ସମେତ ବାୟୁ ସେନାର ଅତ୍ୟାଧୁନିକ ପି-୮ଇ ବୋଇଙ୍ଗ ବିମାନ ମଧ୍ୟ ସାମିଲ ହୋଇଛି ।

ଗତ ୨୦ ତାରିଖରେ ଓସେନ ୱିନର ନାମକ ପାନାମା ପତାକା ଧାରୀ ଜାହାଜ ପାରାଦୀପକୁ ସଲଫର ଆଣି ଆସିଥିବା ବେଳେ ଏଠାରେ ତାହା ଖାଲି କରି ସି କ୍ରିୟୁ-୨ ବର୍ଥରେ ବର୍ଥ କରିବା ପରେ ସେଥିରେ ପ୍ରାୟ ୭୧ ହଜାର ୨୦୦ ମେଟ୍ରିକ ଟନ ଆଇରନଓର ବୋଝେଇ କରି ଉକ୍ତ ଦିନ ରାତି ୧୦ଟା ୪୩ମିନିଟ ସମୟରେ ପାରାଦୀପ ପୋତାଶ୍ରୟ ଛାଡି ଚାଇନା ଅଭିମୁଖେ ନିଜର ଯାତ୍ରା ଆରମ୍ଭ କରିଥିଲା । ଜାହାଜଟି ପାରାଦୀପ ସମୁଦ୍ର ଉପକୂଳରୁ ପ୍ରାୟ ୪୦୭ କିଲୋମିଟର ଓ ବିଶାଖାପାଟଣାରୁ ୭୦୦ କିଲୋମୀଟେଓ୍ୱର ଦୂରରେ ଥିବା ବେଳେ ଜାହାଜ ସହିତ ଯୋଗାଯୋଗ ବିଛିନ୍ନ ହୋଇଥିଲା । ଜାହାଜ ବିପଦରେ ପଡିବ କ୍ଷଣି ଜାହାଜର ପାଇଲଟ ରକ୍ଷା ଉଦେଶ୍ୟରେ କଲିଙ୍ଗ ମେସେଜ ଦେବାର ନିୟମ ଥିବାବେଳେ ଏହା ସେ ଦେଇଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ । ପୋର୍ଟ ବ୍ଲେୟାର ଦୀପପୁଞ୍ଜ ପାଖରେ ଥିବା ବେଳେ ଜାହାଜଟି କୌଣସି କାରଣରୁ ଦୁର୍ଘଟଣାର ଶିକାର ହୋଇ ବୁଡି ଯାଇଛି ବୋଲି ସନ୍ଦେହ କରାଯାଉଛି। ଏହି ଜାହାଜ ମଧ୍ୟରେ ଚାଇନିଜ ୨୦ ଜଣ, ମିଆଁମାରର ୩ ଜଣ ଓ ବାଂଲାଦେଶର ଜଣେ ସମୁଦାୟ ୨୪ ଜଣ କ୍ରିୟୁ ସଦସ୍ୟ ଥିଲେ । ଏତେ ସର୍ଚ୍ଚ ଅପରେସନ ପରେ ମଧ୍ୟ ଆଜାହାଜ କିମ୍ବା ଜାହାଜରେ ଥିବା ଅନ୍ୟ ୨୨ ନାବିକଙ୍କର ପତ୍ତା ମିଳୁନଥିବା ବେଳେ ଜାହାଜଟି ଅତି କାମ ସମୟ ମଧ୍ୟରେ ବୁଡିଥିବା କୁହାଯାଉଛି । ଗତ ୧୭ ବର୍ଷ ତଳେ ୦୯-୦୯-୨୦୦୯ ରେ ପାରାଦୀପ ପୋତାଶ୍ରୟରୁ ପଣ୍ୟ ନେଇ ଯାଉଥିବା ବ୍ଲାକ ରୋଜ ଜାହାଜର ବ୍ଲାକ କାହାଣୀ ଏପର୍ଯ୍ୟନ୍ତ ଯାଇନଥିବା ବେଳେ ପୁଣି ଆଉ ଏକ ଜାହାଜ ବୁଡିଯିବା ଅନେକ ପ୍ରଶ୍ନ ଛିଡା କରିଛି ।

## ସହାନୁଭୂତି...

ପ୍ରଦାନ କରୁଛୁ। ୨୦୨୪ ମସିହାର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଘୋଷଣା କରି ଆମେ ସହାୟତା ପ୍ରଦାନ କରିଥିଲୁ। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ଆମ ସରକାର ଲୋକଙ୍କ ସୁଖ ଦୁଃଖରେ ଅଛି ଓ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି। ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁଲାଇ ମାସ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗ ଶୁଣାଣି ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଜିଲ୍ଲାସ୍ତରରେ ଅନେକ ସମସ୍ୟାର ସମାଧାନ ହୋଇଯାଉଥିବାରୁ ଲୋକଙ୍କୁ ଆଉ ଅଯଥା ହଇରାଣ ହେବାକୁ ପଡୁନାହିଁ। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ଫଳରେ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଭରସା ଓ ଆସ୍ଥା ବହୁଗୁଣିତ ହୋଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ୧୦ କୋଟି...

ପୁଣି ତାଜା କରିଛି। ଶ୍ରୀ ସୁରିଙ୍କ ଅନୁସାରେ ଅଧିକାରୀମାନେ ନାଗରିକତାର ପ୍ରମାଣ ରୂପେ ତାଙ୍କର ପାସପୋର୍ଟ ଉପସ୍ଥାପନ କରିବାକୁ କହିଛନ୍ତି । ବିଏଲଓ ଙ୍କ ସହ କଥା ହୋଇ ମୋତେ କୁହାଗଲା ଯେ, ଆସିକି ନୋଟିସ୍ ନେଇଯାଏ। ଏପରି କିଛି କାଗଜପତ୍ର ଦାଖଲ କର ଯାହା ମୋର ନାଗରିକତାକୁ ପ୍ରମାଣ କରୁଥିବ। ଭୋଟରକାର୍ଡ, ଆଧାରକାର୍ଡ ସହ ଅନ୍ୟ ପ୍ରମାଣପତ୍ର ତିନୋଟି ଦେଶରେ ଭାରତରେ ପ୍ରତିନିଧି କରିବା ପରେ ମଧ୍ୟ ମୋତେ ଭାରତରେ ନାଗରିତକତା ସାବ୍ୟସ୍ତ କରିବାକୁ ସମସ୍ୟା ହେଉଛି। ଏଥିରେ ସାଧାରଣ ନାଗରିକଙ୍କ କି ଅବସ୍ଥା ହୋଇଥିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଚିଦାମ୍ବରମ୍ ଉଲ୍ଲେଖ କରିଛନ୍ତି ନିର୍ବାଚନ କମିଶନରଙ୍କ ନିଷ୍ପତ୍ତି ଯୋଗୁଁ ପ୍ରାୟ ୧୦ କୋଟିଲୋକଙ୍କର ଅଣମତଦାତା ନାଗରିକଙ୍କ ଏକ ଶ୍ରେଣୀ ସୃଷ୍ଟି ହେବ।

## ମିଳିଲା...

ରହିଥିବା ଡମ୍ପର ଉଦ୍ଧାର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ, ୩୧.୦୩.୨୦୨୬ ରେ ଓଡ଼ିଶା ରାଜ୍ୟକୁ ନକ୍ସଲମୁକ୍ତ ଘୋଷଣା କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଏବଂ ସ୍ଥାୟୀ ସ୍ଥିରତା ବଜାୟ ରଖିବା ପାଇଁ ସୁରକ୍ଷା ବାହିନୀର ନିରନ୍ତର ପ୍ରୟାସର ଏହା ଏକ ଉଦାହରଣ ।

## ରଦ୍ଦ...

ଅନ୍‌ଲାଇନ୍ ଟ୍ୟାକ୍ସିଚାଳକ ମିଳିତ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ପାଇଁ ଗୋଟିଏ ଦିନ କମିଶନରେଟ୍ ପୋଲିସ ଅନୁମତି ଦେଇଥିଲା । ସେମାନେ ଦୁଇଦିନ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପରେ ତୃତୀୟ ଦିନ ମାଷ୍ଟରକ୍ୟାଣ୍ଟିନ ଛକ ଉପରେ ଶହ ଶହ ଅଟୋ, ଟ୍ୟାକ୍ସି ଓ ବାଇକ୍ ପ୍ରଭୃତି ରଖି ଆନ୍ଦୋଳନ କରିଥିଲେ । ପୋଲିସ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଶୁଣିନଥିଲେ । ପଥଚାରୀଙ୍କୁ ଆକ୍ରମଣ କରି ତାଙ୍କ ଗାଡି ଭଙ୍ଗାରୁଜା କରିବା ସହ ୧୪ଟି ଆମ ବସ୍ ଭାଙ୍ଗି ଦେଇଥିଲେ । ଟେକାପଥର ମାଡରେ ୧୪ ପୋଲିସ ରକ୍ତାକ୍ତ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଲେ । ଆନ୍ଦୋଳନକାରୀମାନେ ବେଆଇନ ଭାବେ ଜନପଥକୁ ଅବରୋଧ କରିବା ସହ ଗାଡି ଭଙ୍ଗାରୁଜା ଓ ପୋଲିସକୁ ଟେକାପଥର ମାରିବାରୁ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିଲା । ସେଦିନ ମାଷ୍ଟରକ୍ୟାଣ୍ଟିନ ରଣକ୍ଷେତ୍ର ପାଲଟିଲା । ଦୀର୍ଘ ସମୟ ଧରି ଏହି ଅଭାବନୀୟ ଘଟଣା ଘଟିବାରୁ ପୋଲିସ ଲାଠିମାଡ କରି ୧୧୩ରୁ ଉର୍ଦ୍ଧ୍ୱର୍ ଆନ୍ଦୋଳନକାରୀ ଡ୍ରାଇଭରଙ୍କୁ ଗିରଫ କରାଯିବା ସହ ୩୮୦ ଅଟୋ ଜବତ କରାଯାଇଥିଲା ।

ଜବତ ଅଟୋର ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବେଳେ ସୋମବାର ଶେଷ ତାରିଖ ଥିଲା । ନୋଟିସ୍ ଜାରି କରାଯାଇଥିବା ଡ୍ରାଇଭରମାନଙ୍କ ମଧ୍ୟରୁ ମାତ୍ର ୨୫ଜଣ କାରଣ ଦର୍ଶାଇଥିଲେ । ଅବଶିଷ୍ଟ ଗାଡି ମାଲିକ କାରଣ ଦର୍ଶାଇ ନାହାନ୍ତି । ଜବତ ଗାଡିଗୁଡିକର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ କରାଯିବା ପାଇଁ ସେମାନଙ୍କୁ ନୋଟିସ୍ କରାଯିବ ବୋଲି ଆର୍‌ଟିଓ କାର୍ଯ୍ୟାଳୟ ସୂତ୍ରରୁ ଖବର ମିଳିଛି । ଜବତ ଗାଡିଗୁଡିକ ଭୁବନେଶ୍ୱର ପୋଲିସ ରିଜର୍ଭ ପଡିଆରେ ରଖାଯାଇଛି । ସେହି ଗାଡିଗୁଡିକର ନମ୍ବର ଅନୁଯାୟୀ ଯାଞ୍ଚ କରାଯିବା ପରେ ବହୁ ଗାଡିର ଫିଟ୍‌ନେସ୍ ଓ ଇନ୍‌ସ୍ୟୁରାନ୍ସ ନଥିବା ଜଣାପଡିଛି । ଏପରିକି କେତେକ ଗାଡି ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବାରୁ ସେମାନଙ୍କ ଉପରେ ଜରିମାନା ଧାର୍ଯ୍ୟ ହୋଇଥିଲେ ମଧ୍ୟ ତାହା ସେ ଦେଇନଥିବା ଜଣାପଡିଛି । ଯେଉଁମାନଙ୍କୁ ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ ପାଇଁ ନୋଟିସ୍ ହେବ ସେମାନେ ଉତ୍ତର ରଖିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆର୍‌ଟିଓର ଜଣେ ଅଫିସର କହିଛନ୍ତି ।

## ବିଦ୍ୟୁତ୍...

ରାସ୍ତା ଅବରୋଧ କରିଛନ୍ତି । ମୃତ ଦୁଇ ଚାଷୀ ଜଗତସିଂହପୁର ସଦର ଥାନା ବେନୁଖଣ୍ଡା ଗାଁର ସାଗର ଭୋଇ ଓ ଅଜୟ ସାହୁ । ଆଜି ମଧ୍ୟାହ୍ନରେ ଉଭୟ ଯୁବ ଚାଷୀ ବିଲକୁ ଟ୍ରାକଟରରେ ଚାଷ କରି ଫେରୁଥିବା ବେଳେ ମାଟି ତଳେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ସଂଗେ ସଂଗେ ଜଗତସିଂହପୁର ମେଡିକାଲ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ।ବେଆଇନ ଭାବେ ମାଟି ତଳେ ବିଦ୍ୟୁତ ତାର ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଦୁଇ ମୃତ ଚାଷୀଙ୍କ ପରିବାରକୁ କ୍ଷତି ପୂରଣ ଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଘଟଣା ସ୍ଥଳରେ ସଦର ପୋଲିସ ସହ ଜଗତସିଂହପୁର ତହସିଲଦାର ଅଜୟ ମହାନ୍ତି ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ।

## ପୁଣି ଆନ୍ଦୋଳନ...

ନିଟ୍ -ୟୁଜି ପ୍ରଶ୍ନପତ୍ର ଲିକ୍ ଓ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ନେଇ ପ୍ରତିବାଦ କରିଥିଲା। ସଂସଦକାରୀ ସଂସଦ ଚଲୋ ଡାକାରେ ପ୍ରତିବାଦ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ତେବେ କେନ୍ଦ୍ର ସରକାର ସିଜେପିର ଯେଉଁ ୩ ଦାବି ଗ୍ରହଣ କରିବେ ବୋଲି କହିଥିଲେ ସେଥିମଧ୍ୟରୁ କେବଳ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଗ୍ରହଣ କରାଯାଇଛି। ଯେଉଁ ନିଟ୍ ଆଶାୟୀମାନେ ଆତ୍ମହତ୍ୟା କରି ମୃତ୍ୟୁ କରିଥିଲେ ତାଙ୍କ ପରିବାରକୁ କ୍ଷତିପୂରଣ ଓ ପ୍ରତିବାଦକାରୀଙ୍କ ନାମରେ ହୋଇଥିବା ଏତଲା ପ୍ରତ୍ୟାହର ପାଇଁ ମଧ୍ୟ ସରକାର ସହମତୀ ହୋଇଥିଲେ। ଉଭୟ ପକ୍ଷ ମଧ୍ୟ ବିସ୍ତୃତ ଆଲୋଚନା ସମୟରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ ସହମତୀ ହୋଇଥିଲେ। ଏହା ପରେ ସିଜେପି ପ୍ରତିନିଧି ସୌରଭ ଦାସ ଓ ଆଶୁତୋଷ ରଙ୍କା ଆନ୍ଦୋଳନ ପ୍ରତ୍ୟାହର ହେଲା ବୋଲି ଘୋଷଣା କରିଥିଲେ। ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସିଜେପି ପ୍ରତିନିଧିଙ୍କ ସହ କେନ୍ଦ୍ର ମନ୍ତ୍ରୀ ଜେପି ନଡା ଓ ଜିତେନ୍ଦ୍ର ସିଂ ଉପସ୍ଥିତ ଥିଲେ। ସିଜେପି ପକ୍ଷରୁ ଏବେ ବିବୃତି ଦିଆଯାଇଛି ଯେ, ଯେଉଁ ପରିବାର ତାଙ୍କର ପିଲାଙ୍କୁ ହରାଇଛନ୍ତି, ସେମାନେ ଏହି ପ୍ରତିବାଦରେ ସାମିଲ ହେବେ। ଯେଉଁ ପ୍ରତିବାଦକାରୀମାନେ ପୋଲିସ ମାଡରେ ଆହତ ହୋଇଥିଲେ ସେମାନଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବ।

# ଭାରତର 'ଆଲୁମିନିୟମ ରାଜଧାନୀ' ହେବା ଦିଗରେ ଓଡ଼ିଶା

ଭୁବନେଶ୍ୱର (ସବ୍ୟୁ) : ପ୍ରଚୁର ବକ୍ସାଇଟ୍ ଭଣ୍ଡାର, ଉନ୍ନତ ଶିଳ୍ପ ଭିତ୍ତିଭୂମି, ବନ୍ଦର ଓ ପରିବହନ ସୁବିଧା ସହ ବଡ଼ ବଡ଼ ନିବେଶ ଯୋଗୁଁ ଓଡ଼ିଶା ଧୀରେ ଧୀରେ ଭାରତର 'ଆଲୁମିନିୟମ ରାଜଧାନୀ' ଭାବେ ନିଜ ସ୍ଥାନ ସୁଦୃଢ଼ କରୁଛି। ଦେଶର ଆଲୁମିନିୟମ ଉତ୍ପାଦନ କ୍ଷମତାର ଅର୍ଦ୍ଧାଧିକ ଓଡ଼ିଶାରେ ଥିବାବେଳେ, ଦେଶର ପ୍ରାୟ ୪୨ ପ୍ରତିଶତ ବକ୍ସାଇଟ୍ ଭଣ୍ଡାର ମଧ୍ୟ ଏହି ରାଜ୍ୟରେ ରହିଛି। ନାଲକୋ, ବେଦାନ୍ତ ଓ ହିଣ୍ଡାଲକୋ ଭଳି ପ୍ରମୁଖ କମ୍ପାନୀଙ୍କ ବୃହତ୍ ନିବେଶ ରାଜ୍ୟରେ ଏକ ସମନ୍ୱିତ ଆଲୁମିନିୟମ ଶିଳ୍ପ ପରିବେଶ ସୃଷ୍ଟି କରିଛି। ଖଣିରୁ ଆଲୁମିନା ରିଫାଇନେରୀ ଏବଂ ସ୍ମେଲ୍ଟର ପର୍ଯ୍ୟନ୍ତ ଶିଳ୍ପ ଶୃଙ୍ଖଳାକୁ ମଜବୁତ କରାଯାଉଛି। ବିଶେଷଜ୍ଞଙ୍କ ମତରେ, କେବଳ କଞ୍ଚା ଖଣିଜ ଉତ୍ପାଦନ ନୁହେଁ, ଆଲୁମିନିୟମ ଭିତ୍ତିକ ମୂଲ୍ୟଯୁକ୍ତ ଉତ୍ପାଦ ଓ ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ ଉପରେ ଗୁରୁତ୍ୱ ଦିଆଗଲେ ଓଡ଼ିଶା ଏସିଆର ଏକ ପ୍ରମୁଖ ଆଲୁମିନିୟମ ଉତ୍ପାଦନ କେନ୍ଦ୍ରରେ ପରିଣତ ହୋଇପାରିବ। ଏହା ରାଜ୍ୟରେ ବିପୁଳ ନିଯୁକ୍ତି ସହ ଛୋଟ ଓ ମଧ୍ୟମ ଶିଳ୍ପ ପାଇଁ ମଧ୍ୟ ନୂଆ ସୁଯୋଗ ସୃଷ୍ଟି କରିବ। ତେବେ ଶିଳ୍ପ ବିକାଶ ସହ ପରିବେଶ ସୁରକ୍ଷା, ଦାୟିତ୍ୱପୂର୍ଣ୍ଣ ଖଣି ଉତ୍ତୋଳନ ଏବଂ ଅକ୍ଷୟ ଶକ୍ତିର ବ୍ୟବହାର ଉପରେ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ସଠିକ୍ ନୀତି ଓ ଦୀର୍ଘମିଆଦୀ ଯୋଜନା ସହ ଓଡ଼ିଶା କେବଳ ଭାରତର ନୁହେଁ, ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ କେନ୍ଦ୍ର ଭାବେ ଉଭା ହୋଇପାରିବ।

# ବଜ୍ରାଘାତରେ ଜଣେ ମୃତ

ନିମାପଡା (ସବ୍ୟୁ) : ବିଲରେ କାମ କରୁଥିବା ବେଳେ ରବିବାର ଦିନ ବଜ୍ରାଘାତ ଘଟି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାରିଛକ ଥାନା ତମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ ଟୁଆଁସାହି ଗ୍ରାମର ରୁପନ ଭୋଇ(୫୪)। ରୂପନ ବିଲରେ ଚାଷ କାମ କରୁଥିବା ବେଳେ ହଠାତ ବଜ୍ରପାତ ଘଟି ତାଙ୍କ ଉପରେ ପଡିଥିଲା । ସେଠାରେ ସେ ସଂଜ୍ଞାହୀନ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲ। ଏ ସଂପର୍କରେ ମୃତକଙ୍କ ଭାଇ କୋକନ ଭୋଇ ଚାରିଛକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଶବକୁ ଜବତ କରିଛି। ରୂପନ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ

ଗୁରୁଜଙ୍ଗ (ଖୋର୍ଦ୍ଧା) : ଖୋର୍ଦ୍ଧାର ଜନପ୍ରିୟ ତଥା ସ୍ୱନାମଧନ୍ୟ ଡାକ୍ତର ସ୍ୱର୍ଗତ ରାମକୃଷ୍ଣ ସାମନ୍ତରାୟ ଓ ତାଙ୍କର ଧର୍ମପତ୍ନୀ ଶୈବାଳିନୀ ଦେବୀଙ୍କର ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ ଯଥାକ୍ରମେ ତା.୨୫.୮.୨୬ (ମଙ୍ଗଳବାର) ଏବଂ ୩୧.୮.୨୬ ରିଖ (ସୋମବାର)ରେ ଗୁରୁଜଙ୍ଗସ୍ଥିତ ରାଜପ୍ରସାଦ ରାମକୃଷ୍ଣ-ଶୈବାଳିନୀ ସଦନରେ ମହାସମାରୋହରେ ପାଳିତ ହେବ । ଏହି ଅବସରରେ ନାମ ସଂକୀର୍ତ୍ତନ, ଗୀତାପାଠ, କବିତା ଆବୃତ୍ତି, ପୁଷ୍ପାଞ୍ଜଳି, ସ୍ମୃତିସଭା ତଥା ପ୍ରସାଦ ସେବନର ଆୟୋଜନ କରାଯାଇଛି । ସମସ୍ତ ଶୁଭାକାଂକ୍ଷୀ ଜନତାଙ୍କୁ ତାଙ୍କର ଜ୍ୟେଷ୍ଠପୁତ୍ର ଉଚ୍ଚନ୍ୟାୟାଳୟର ଆଇନଜୀବୀ ରାଧାକୃଷ୍ଣ ସାମନ୍ତରାୟ ଉକ୍ତ ଉତ୍ସବରେ ଯୋଗଦାନ ପାଇଁ ଅନୁରୋଧ କରିଅଛନ୍ତି ।

# ଗୁପ୍‌ଚୁପ୍ ଖାଇ ବାକ୍ସ ଉପରେ ଶୋଇପଡ଼ିଲା ହନୁ

ଢେଙ୍କାନାଳ ,(ସବ୍ୟୁ): କେନ୍ଦୁଝର ଜିଲା ପାଟଣା ଷ୍ଟେଟବ୍ୟାଙ୍କ ସମ୍ମୁଖରେ ରବିବାର ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା । ବଜାର ଅଞ୍ଚଳର ବିଭିନ୍ନ ଦୋକାନରୁ ଖାଦ୍ୟ ମାଗି ଖାଉଥିବା ଏକ ବୁଲା ହନୁ ମାଙ୍କଡ଼ ଅପରାହ୍ନ ପ୍ରାୟ ୩ଟା ସମୟରେ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଥିବା ଏକ ଗୁପଚୁପ ଦୋକାନକୁ ଆସିଥିଲା ।ଗୁପଚୁପ ବେପାରୀ ମାଙ୍କଡ଼ଟିକୁ କିଛି ଗୁପଚୁପ ଖାଇବାକୁ ଦେଇଥିଲେ । ଖାଇ ସାରିବା ପରେ ମାଙ୍କଡ଼ଟି ସିଧା ଗୁପଚୁପ ବାକ୍ସ ଉପରକୁ ଚଢ଼ି ଯାଇ ସେଠାରେ ଆରାମରେ ଶୋଇ ପଡ଼ିଥିଲା । ଦୋକାନୀ ତାକୁ ଉଠାଇବାକୁ ବାରମ୍ବାର ଚେଷ୍ଟା କରିଥିଲେ ମଧ୍ୟ ମାଙ୍କଡ଼ଟି ନିର୍ବିଘ୍ନରେ ଶୋଇ ରହିଥିଲା । ଫଳରେ କିଛି ସମୟ ପାଇଁ ଦୋକାନୀଙ୍କୁ ଗୁପଚୁପ ବିକ୍ରିରେ ଅସୁବିଧା ହୋଇଥିଲା ।ଗୁପଚୁପ ଷ୍ଟଲ ଉପରେ ମାଙ୍କଡ଼ଟିର ଏଭଳି ଆରାମଦାୟକ ନିଦ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ କୌତୂହଳ ସୃଷ୍ଟି କରିଥିଲା । ଏହି ରୋଚକ ଦୃଶ୍ୟକୁ ଉପସ୍ଥିତ ଲୋକେ ମୋବାଇଲ କ୍ୟାମେରାରେ କଏଦ କରିଥିଲେ ।ପ୍ରାୟ ଦେଢ଼ ଘଣ୍ଟା ପରେ ପ୍ରବଳ ବର୍ଷା ଆରମ୍ଭ ହେବାରୁ ମାଙ୍କଡ଼ଟି ଗୁପଚୁପ ବାକ୍ସ ଉପରୁ ଡେଇଁ ଚାଲିଯାଇଥିଲା । ମାଙ୍କଡ଼ଟିର ଏଭଳି ରୋଚକ କାରନାମା ସ୍ଥାନୀୟ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ ଦିନତମାମ ଚର୍ଚ୍ଚାର ବିଷୟ ପାଲଟିଥିଲା ।


32001/741/2627 GOVERNMENT OF ODISHA,
DEPARTMENT OF WATER RESOURCES
Office of the Superintending Engineer,
Mechanical Division, Bhubaneswar
Email Address: smdivisionbbsr@yahoo.com
TENDER CALL NOTICE NO- 05/2026-27 DATE - 24.08.2026

Sealed tenders are invited from interested reputed Travel Agencies / Tour Operators for providing the following categories of vehicles with driver for official use of officers in the DoWR, Odisha, Rajiv Bhawan, Bhubaneswar on a monthly rent basis. The detailed Tender Documents can be downloaded from https://odisha.gov.in or https://dowr.odisha.gov.in .

| | | |
|---|---|---|
| Tender Publication Date | : | 25.08.2026, 11:00 A.M. |
| Tender Submission Start Date | : | 25.08.2026, 11:00 A.M. |
| Tender Submission Closing Date | : | 07.09.2026, 3:00 P.M |
| Tender Opening Date | : | 07.09.2026, 4:00 P.M. Onwards |

Sd/- Superintending Engineer,
Mechanical Division,
Bhubaneswar
OIPR : 32001/32385/1/26-27/0004

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ
13001/1634/2627 କୋଣାର୍କ, ପୁରୀ
ପତ୍ରାଙ୍କ ସଂଖ୍ୟା : ୨୪୮୩ / ତାରିଖ. ୨୧.୦୮.୨୬
ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରିଷଦଙ୍କ ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୬-୨୦୨୭ ସେପ୍ଟେମ୍ବର ମାସ ଠାରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ (୨ ବର୍ଷ ୭ ମାସ ପାଇଁ) ପରିଷଦର ଲୋଇଟିଆ ପୋଖରୀ, ଲୁଣେଇ, ୱାର୍ଡ ନଂ. ୧ର ଜଳମୁଦ ନିଲାମ କରାଯିବ ।

ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ ତା. ୨୧.୦୮.୨୦୨୬ ରିଖ ଠାରୁ ତା. ୨୯.୦୮.୨୦୨୬ ରିଖ ପୂର୍ବାହ୍ଣ ଘ.୧୦.୩୦ ମି. ଠାରୁ ଘ.୩.୦୦ ମି. ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଦେୟମୁକ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ସମୟ ମଧ୍ୟରେ ଟେଣ୍ଡର ଫର୍ମ କ୍ରୟ କରି ତା. ୨୯.୦୮.୨୦୨୬ ରିଖ ପୂର୍ବାହ୍ଣ ଘ.୩.୩୦ ମି. ସମୟ ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚୀତ ନିଲାମ ବାକ୍ସରେ ଜଳମୁଦ ଯୁକ୍ତ ଟେଣ୍ଡର ଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ଯଥା ଫଟୋ ପରିଚୟପତ୍ର ଏବଂ ଆଧାର କାର୍ଡର ଅବିକଳ ନକଲ ଦାଖଲ କରି ଟେଣ୍ଡରରେ ଭାଗ ନେଇ ପାରିବେ । ଉକ୍ତ ନିଲାମ ତା. ୨୯.୦୮.୨୦୨୬ ରିଖ ଅପରାହ୍ଣ ଘ.୪.୦୦ ମି. ରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସର୍ବସମ୍ମୁଖରେ ଖୋଲାଯିବ । ନିଲାମ ସମ୍ପର୍କୀୟ ସମସ୍ତ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚୀତ କରାଯାଇଅଛି । ଟେଣ୍ଡର ଫର୍ମ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟଦିବସରେ ଦେୟଯୁକ୍ତ ପ୍ରାପ୍ତ ସମ୍ଭବ ।

ସ୍ୱା/- ନିର୍ବାହୀ ଅଧିକାରୀ
କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ
OIPR : 13001/13174/1/26-27/0007

OFFICE OF THE SUPERINTENDING ENGINEER
ELECTRICAL CIRCLE (R&B)
NIRMAN SOUDHA BHUBANESWAR
E-mail seec.bbsr2010 @ gmail.com
Bid Identification No.S.E.E.C (R&B) 30/2026-27
34001/690/2627 No. 4040 / Date. 21.08.2026

The Superintending Engineer. Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2026 at 05.00 P.M. to dt. 18.09.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 19.09.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha. Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/- Superintending Engineer
Electrical Circle (R&B) Odisha,
BBSR
OIPR : 34001/34006/1/26-27/0031

AFFIDAVIT
By virtue of an affidavit sworn before Executive Magistrate Erasama, Affidavit No. 2366, on dated 19.08.2026. I, Saraswati Bhuyan, D/o- Chhabindra Rout Resident of Vill/Po- Nuagan, Ps- Abhayachandpur, Dist- Jagatsinghpur. Declare that I have changed my minor daughter's name from **Sima Bhuyan** to **Annapurna Bhuyan**. Henceforth, She shall be known as **Annapurna Bhuyan** for all purposes.
Sd/- Saraswati Bhuyan

AFFIDAVIT
By virtue of an affidavit sworn before (Executive Magistrate/ Notary Public), Jagatsinghpur, dated13.08.2026. I,CHHABINDRA GOCHHAYAT, Address Village - Badabandha, Po- Balia, Ps- Kujang, Dist Jagatsinghpur, Odisha Pin- 754141. Declare that I have changed my name from **CHHABILAL SWAIN** to **CHHABINDRA GOCHHAYAT** . Henceforth, I shall be known as **CHHABINDRA GOCHHAYAT** for all purposes.
(CHHABINDRA GOCHHAYAT)

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ST-SBP-TENDER-2026-24, ତା.18.08.2026 ରିଖ
କାର୍ଯ୍ୟର ନାମ : ମିଡ଼ିଆ ପଥ ବିବିଧତା ନିମନ୍ତେ ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼ ରୋଡ଼(LJR)-ଜୁନାଗଡ଼ ରୋଡ଼(JNRD) ସେକ୍ସନରେ OFC ବିଛାଇବା କାର୍ଯ୍ୟ ।
ଟେଣ୍ଡର ମୂଲ୍ୟ (₹) : 2,27,05,990.80, ବିଡ୍ ସିକ୍ୟୁରିଟି (₹) : 4,54,100.00 ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.09.2026 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (Tele)/ ସମ୍ବଲପୁର
PR-385/R/26-27

25001/1006/2627 OFFICE OF THE EXECUTIVE ENGINEER
RURAL WORKS DIVISION, MOHANA
No-3643 Date : 20.08.2026
2nd CORRIGENDUM

In continuation to this office bid identification No.Online Tender 07/MOHANA/2026-27 Invited vide this office letter no.3091 dtd 22.07.2026, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability to tender online for bidding | Dt. 18.08.2026 at 11.00 A.M. to Dt. 28.08.2026 Up to 5.00 P.M. | Dt. 24.08.2026 at 11.00 A.M. to Dt. 02.09.2026 Up to 5.00 P.M. |
| 2 | Date & time of seeking tender clarification if any | Dt. 31.08.2026 up to 5.00 P.M. | Dt. 31.08.2026 Up to 5.00 P.M. |
| 3 | Date & time of opening of tender (Price Bid) | Dt. 29.08.2026 at 11.00 A.M. | Dt. 03.09.2026 at 11.00A.M |

All other terms and conditions are remain unchanged.

Sd/- Executive Engineer
R.W. Division, Mohana
OIPR : 25001/25148/1/26-27/0014



ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ୧୧୪ଟି କାର୍ଯ୍ୟାଳୟରେ ରୁଫ୍‌ଟପ୍ ସୋଲାର ସ୍ଥାପନ ଜରିଆରେ

# ସବୁଜ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲା ଟିପିଡବ୍ଲୁଓଡିଏଲ୍

ଭୁବନେଶ୍ୱର (ସବ୍ୟୁ): ନିଜର ଅକ୍ଷୟ ଶକ୍ତି ପଦଚିହ୍ନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପଶ୍ଚିମ ଓଡ଼ିଶାର ୧୧୪ଟି କାର୍ଯ୍ୟାଳୟ ଭବନରେ ରୁଫ୍‌ଟପ୍ ସୋଲାର ପିଭି ପ୍ଲାଣ୍ଟ ସ୍ଥାପନ କରି ନିଜର ସବୁଜ ଶକ୍ତି ରୂପାନ୍ତରଣକୁ ତ୍ୱରାନ୍ୱିତ କରିଛି । ୧୭ ଅଗଷ୍ଟ ୨୦୨୬ ସୁଦ୍ଧା, ଏହି ସମସ୍ତ ରୁଫ୍‌ଟପ୍ ସୋଲାର ସଂଯୋଗରୁ ସାମୂହିକ ଭାବେ ୮,୯୨,୫୩୭ ୟୁନିଟ୍ (କିଲୋୱାଟ୍ ଆୱାର) ସ୍ୱଚ୍ଛ ବିଜୁଳି ଉତ୍ପାଦନ ହୋଇଛି, ଯାହା ଉଲ୍ଲେଖନୀୟ ଶକ୍ତି ସଞ୍ଚୟ କରିବାରେ ସହାୟକ ହୋଇଛି । ଏହି ପଦକ୍ଷେପ ପ୍ରାୟ ୭୩୨ ମେଟ୍ରିକ୍ ଟନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକିବାରେ ସହାୟକ ହୋଇଛି, ଯାହା ବିକେନ୍ଦ୍ରୀକୃତ ସୌରଶକ୍ତି ଦ୍ୱାରା ପରିବେଶକୁ ମିଳୁଥିବା ଫାଇଦାକୁ ଆହୁରି ସୁଦୃଢ଼ କରୁଛି । ଏହାଦ୍ୱାରା ଟିପିଡବ୍ଲୁଓଡିଏଲ୍



ନିଜର ପରିଚାଳନାଗତ ବିଦ୍ୟୁତ୍ ଆବଶ୍ୟକତାର ଏକ ଅଂଶ ଅକ୍ଷୟ ଶକ୍ତି ମାଧ୍ୟମରେ ପୂରଣ କରିବା ସହିତ ପାରମ୍ପରିକ ବିଦ୍ୟୁତ୍ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିପାରିଛି ।

ନିଜ ପରିଚାଳନାରେ ଦୀର୍ଘସ୍ଥାୟିତ୍ୱକୁ ସାମିଲ କରି ଓଡ଼ିଶାର ସ୍ୱଚ୍ଛ ଶକ୍ତି ରୂପାନ୍ତରଣରେ ଏକ ଉଦାହରଣ ସୃଷ୍ଟି କରିବା ପାଇଁ ଟିପିଡବ୍ଲୁଓଡିଏଲ୍‌ର ପ୍ରତିବଦ୍ଧତା ଏହି ପଦକ୍ଷେପରୁ ପ୍ରତିଫଳିତ ହେଉଛି । ନିଜ କାର୍ଯ୍ୟାଳୟ ଭିତ୍ତିଭୂମିରେ ଅକ୍ଷୟ ଶକ୍ତି ଆପଣାଇବା ଦ୍ୱାରା କମ୍ପାନୀ ରୁଫ୍‌ଟପ୍ ସୋଲାରକୁ ଏକ ଦୀର୍ଘସ୍ଥାୟୀ ଏବଂ ସୁଲଭ ଶକ୍ତି ସମାଧାନ ଭାବେ ପ୍ରଦର୍ଶିତ କରୁଛି । ଏହି ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପ୍ରବୀଣ ବର୍ମା କହିଛନ୍ତି ଯେ, "ନିଜ କାର୍ଯ୍ୟାଳୟଗୁଡ଼ିକୁ ସୌରଶକ୍ତି ଚାଳିତ କରି ଓଡ଼ିଶାର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ଯାତ୍ରାରେ ଏକ ଆଦର୍ଶ ସୃଷ୍ଟି କରିବା ପାଇଁ ଟିପିଡବ୍ଲୁଓଡିଏଲ୍‌ର ପ୍ରତିବଦ୍ଧତା ଏହି ପଦକ୍ଷେପରୁ ସ୍ପଷ୍ଟ ହେଉଛି । ନିଜ ପରିଚାଳନା କ୍ଷେତ୍ରରେ ଅକ୍ଷୟ ଶକ୍ତିକୁ ସାମିଲ କରି ଆମେ କେବଳ କାର୍ବନ ନିର୍ଗମନ କମାଉନାହୁଁ, ବରଂ ଏକ ଦୀର୍ଘସ୍ଥାୟୀ ଏବଂ କମ୍ ଖର୍ଚ୍ଚର ଶକ୍ତି ସମାଧାନ ଭାବରେ ରୁଫ୍‌ଟପ୍ ସୋଲାରର ଅପାର ସମ୍ଭାବନାକୁ ମଧ୍ୟ ପ୍ରଦର୍ଶିତ କରୁଛୁ । ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ଅକ୍ଷୟ ଶକ୍ତି ଗ୍ରହଣ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ସହିତ ପଶ୍ଚିମ ଓଡ଼ିଶାର ଉପଭୋକ୍ତାମାନଙ୍କୁ ଭାରତର ବୃଦ୍ଧି ପାଉଥିବା ସ୍ୱଚ୍ଛ ଶକ୍ତି ଅଭିଯାନରେ ଭାଗିଦାର କରିବା ଏବଂ ସେମାନଙ୍କ ନିକଟରେ ଏହାର ଲାଭ ପହଞ୍ଚାଇବା ।

## ଅସହ୍ୟ ଯନ୍ତ୍ରଣା : ଝୁଲିପଡିଲେ ଯୁବକ

ଗୋପ,(ସବ୍ୟୁ): ଗୋପ ଥାନା ଅନ୍ତର୍ଗତ ମହଲପଡା ପଂଚାୟତ ଅନ୍ତର୍ଗତ କୁଣ୍ଡିସ ଗ୍ରାମର ଜଣେ ୩୫ ବର୍ଷୀୟ ଯୁବକ ମେରୁଦଣ୍ଡ ଜନିତ ସମସ୍ୟାର ଅସହ୍ୟ ଯନ୍ତ୍ରଣା ସହି ନପାରି ନିଜ ଲ୍ୟାଟିନ ଘରେ ଆତ୍ମହତ୍ୟା କରିଥିବା ଗୋପ ଥାନା ସୂତ୍ରରୁ ଜଣାପଡ଼ିଛି । ପ୍ରକାଶ କୁଣ୍ଡିସ ଗ୍ରାମର ବିଜୟ କୁମାର ବିଶ୍ୱାଳଙ୍କ ପୁଅ ଦିଲ୍ଲୀପ କୁମାର ବିଶ୍ୱାଳ (ବ)୩୫ ଦୀର୍ଘ ଦିନ ଧରି ସ୍ପାଇନାଲ କଡ ବା ମେରୁଦଣ୍ଡ ଜନିତ ସମସ୍ୟା ଜନିତ ରୋଗରେ ପୀଡିତ ଥିଲେ ।ତେବେ ବିଭିନ୍ନ ସମୟରେ ଅସହ୍ୟ ଯନ୍ତ୍ରଣା ଜୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ।ବୁଧବାର ଦିନ ଦିନ ଗୋଟାଏ ସମୟରେ ଲ୍ୟାଟିନ ଘରେ ରହି ଆତ୍ମହତ୍ୟା କରିଥିବା ବେଳେ ପରିବାର ଲୋକେ ଗୋପ ଗୋଷ୍ଠୀ ସଓ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ସବ୍ୟସାଚୀ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।



ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କଲେ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାଥୀରେ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅଣ ନାତୁଣୀ ତଥା ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀମତୀ ସ୍ମିତା ଦାସ ।

## ବିଷ୍ଣୁପ୍ରିୟା ସେବାସମିତି ପକ୍ଷରୁ ବୃକ୍ଷ ରୋପଣ

# ଲକ୍ଷାଧିକ ବୃକ୍ଷ ରୋପଣ କରି ସବୁଜିମା ସୃଷ୍ଟି ଲକ୍ଷ୍ୟ

କଟକ, (ସ୍ୱପ୍ର) : କଳକାରଖାନା, ଗାଡିମଟର ଧୂଆଁ ସହିତ ତାଳଦେଇ ବଢୁଛି କଂକ୍ରିଟ ଜଙ୍ଗଲ । ମୁକ୍ତ ବାୟୁ ଟିକେ ମିଳିବା କଷ୍ଟକର ହେଲାଣି । ପ୍ରଦୂଷଣ ବୃଦ୍ଧିରୁ ସୃଷ୍ଟି ହେଉଛି ନାନା ଦୁରାରୋଗ୍ୟ । ଆଗାମୀ ପିଢିକୁ ରକ୍ଷା କରିବା ସହିତ ପରିବେଶ ସନ୍ତୁଳନ ରକ୍ଷା ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବ୍ୟାହତ ରଖିଛି ବିଷ୍ଣୁପ୍ରିୟା ସେବା ସମିତି ।

ରବିବାର କଟକସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପରମହଂସ ପଞ୍ଚାୟତର ମହୁରା ଗ୍ରାମରେ ବ୍ୟାପକ ବୃକ୍ଷରୋପଣ କରାଯାଇଛି । ବିଷ୍ଣୁପ୍ରିୟା ସେବା ସମିତିର ପ୍ରତିଷ୍ଠାତା ସଭାପତି ତଥା କଟକ ସଦର ବ୍ଲକ୍ ଚେୟାରମ୍ୟାନ ଭାଗ୍ୟଲକ୍ଷ୍ମୀ ରାଉତ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବୃକ୍ଷ ରୋପଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ମାଗୁଣିଆ ପଠା ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ପ୍ରାୟ ୬୦ ହଜାର



ବୃକ୍ଷ ରୋପଣ କରାଯାଇ ଏହାର ରକ୍ଷଣା ବେକ୍ଷଣା କରାଯାଉଛି । ଆଗକୁ ଆହୁରି ୪୦ ହଜାର ବୃକ୍ଷ ରୋପଣ କରାଯିବ ବୋଲି ଶ୍ରୀମତୀ ରାଉତ କହିଥିଲେ । କାର୍ଯ୍ୟକ୍ରମରେ କଟକସଦର ବିକାଶମଞ୍ଚର ସଭାପତି ତଥା ସଂଘର ମୁଖ୍ୟ କାର୍ଯ୍ୟକର୍ତ୍ତା ସୁବୋଧ ବେହେରା ବୃକ୍ଷରୋପଣ ପରି ମହତ କାର୍ଯ୍ୟର ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହୃଷିକେଶ ଜେନା, ସରପଞ୍ଚ ଅଶୋକ ପାତ୍ର, ପୂର୍ବତନ ସରପଞ୍ଚ ନିର୍ମଳ ଦାସ, ସମିତିସଭ୍ୟ ପ୍ରଭାତ ବେହେରା, ଜିତେନ୍ଦ୍ର ଦାଶ, ନିଗମ ରାଉତ, ବର୍ଷାରାଣୀ ରାଉତ, ରାମଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ ।

## ଉତ୍ତର ଓଡ଼ିଶାର ବନ୍ୟା ପ୍ରଭାବିତ ଚିଙ୍ଗୁଡ଼ି ଚାଷୀ ପରିବାରଙ୍କ ପାଖରେ

# ଜରୁରୀ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ପହଞ୍ଚାଇଲା ଆକ୍ୱାପଲ୍ସ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ପଣ୍ଡ-ଟୁ-ପୋର୍ଟ ଚିଙ୍ଗୁଡ଼ି ଚାଷ ଓ ସାମୁଦ୍ରିକ ଖାଦ୍ୟ




ରପ୍ତାନି କମ୍ପାନୀ ଆକ୍ୱାପଲ୍ସ ଜୁଲାଇ ଶେଷ ଓ ଅଗଷ୍ଟ ମାସରେ ଉତ୍ତର ଓଡ଼ିଶାରେ ଆସିଥିବା ବନ୍ୟା ପରେ ନିଜର ସର୍ବାଧିକ କ୍ଷତିଗ୍ରସ୍ତ କ୍ଲଷ୍ଟରଗୁଡ଼ିକର ଚାଷୀ ପରିବାରଙ୍କୁ ବନ୍ୟା ଜରୁରୀ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ଯୋଗାଇବା ଅଭିଯାନ ସମ୍ପୂର୍ଣ୍ଣ କରିଛି। ଆକ୍ୱାପଲ୍ସର ଫିଲ୍ଡ ଟିମ୍ ସ୍ଥାନୀୟ ଆକ୍ୱାପ୍ରିନିୟରମାନଙ୍କ ସହ ମିଶି ଗାଁକୁ ଗାଁ ଯାଇ ଶୁଖିଲା ରାଶନ, ପିଇବା ପାଣି, ତାରପୋଲିନ ଓ ଦୈନନ୍ଦିନ ଜରୁରୀ ସାମଗ୍ରୀ ବଣ୍ଟନ କରିଥିଲେ। ନିଜେ ଚାଷୀ ହୋଇ ଏହି ସମ୍ପ୍ରଦାୟରେ ମୂଳରୁ ଜଡ଼ିତ ଥିବା ଆକ୍ୱାପ୍ରିନିୟରମାନେ ପ୍ରତ୍ୟେକ କ୍ଲଷ୍ଟରରେ ସର୍ବାଧିକ ଆବଶ୍ୟକତା ଥିବା ପରିବାରଙ୍କୁ ଚିହ୍ନଟ କରିଥିଲେ ଯାହା ଫଳରେ ଘର ଓ ଜୀବିକା ଉଭୟ ହରାଇଥିବା ପରିବାରଙ୍କ ପାଖରେ ସହାୟତା ପହଞ୍ଚିପାରିଲା। ଦୁଇଟି କ୍ରମାଗତ ବନ୍ୟା ଦ୍ୱାରା ଜୁଲାଇ ଶେଷରେ ବୁଢ଼ାବଳଙ୍ଗ ନଦୀର ଜଳସ୍ଫୀତି ଏବଂ ଅଗଷ୍ଟ ମଝିରେ ବୈତରଣୀ ଓ ବ୍ରାହ୍ମଣୀ ନଦୀର ପ୍ରଳୟ ଏହି ଅଞ୍ଚଳର ହଜାର ହଜାର ହେକ୍ଟର ଚିଙ୍ଗୁଡ଼ି ପୋଖରୀକୁ ଜଳମଗ୍ନ କରିଥିଲା। ଅନେକ ଚାଷୀ ପରିବାର ଅମଳର କିଛି ସପ୍ତାହ ପୂର୍ବରୁ ଠିଆ ଫସଲ ହରାଇଲେ ଏବଂ ଛୋଟ ଆକାରର ଚିଙ୍ଗୁଡ଼ିକୁ ବାଧ୍ୟ ହୋଇ କମ୍ ଦରରେ ବିକ୍ରି କରିବାକୁ ପଡ଼ିଥିଲା ଯେତେବେଳେ ସେମାନଙ୍କ ଘର ଓ ଗାଁ ପାଣିରେ ବୁଡ଼ି ରହିଥିଲା। ରାଜ୍ୟ ସରକାରଙ୍କ ଆକଳନ ଅନୁସାରେ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନଅ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି।

# ସାପ କାମୁଡ଼ାରେ ଚାଷୀ ମୃତ

ଗୋପ,(ସବ୍ୟୁ): ଗୋପ ଥାନା ଅନ୍ତର୍ଗତ ବିରିତୁଙ୍ଗ ପଂଚାୟତ ର ଗିରିମା ଗ୍ରାମର ଜଣେ ଚାଷୀ ବିଲରେ କାମ କରୁଥିବା ବେଳେ ବିଷଧର ସର୍ପ ଦଂଶନରେ ମୃତ୍ୟୁ ବରଣ କରିଥିବା ଜଣା ପଡ଼ିଛି । ଚାଷୀ ଦିବାକର ଦାଶ (୬୫) ଶନିବାର ଦିନ ନିଜ ବିଲରେ ଧାନ ତଳି ଓପାଡୁ ଥିବା ବେଳେ ତାଙ୍କର ଗୋଡକୁ ଏକ ବିଷଧର ସାପ କାମୁଡି ଦେଇଥିଲା ।ଚାଷୀ ଜଣଙ୍କ ପାଟିକରି କହିବାରୁ ବିଲରେ କାମକରୁ ଥିବା ସ୍ଥାନୀୟ ଚାଷୀମାନେ ସଙ୍ଗେ ସଙ୍ଗେ ନିକଟସ୍ଥ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଗୋପ ଡାକ୍ତର ପୁରୀ ବଡଡାକ୍ତର ଖାନା ସ୍ଥାନତାରିତ କରିଥିଲେ ।ତେବେ ପୁରୀରେ ଚିକିତ୍ସା ପରେ ଦିବାକରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଲାଗିବାରୁ ଦିବାକର ଘରକୁ ଆସିଥିଲେ ।ତେବେ ରବିବାର ବିଳମ୍ବିତ ରାତିରେ ଦିବାକରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ପରିବାର ଲୋକେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ନେଇ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା କେଶ ନମ୍ବର-୧୯/୨୬ ରେ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହିଇଥିବା ଶବ ଇନିସିପେକଟର ଦେବସ୍ମିତା ସିଂ କହିଛନ୍ତି ।

# ଅମିତ କୁମାର ଦାସ ହେଲେ ଖୋର୍ଦ୍ଧା ଛାତ୍ର ବିଜେଡି ଜିଲ୍ଲା ସଭାପତି

ଖୋର୍ଦ୍ଧା, (ସବ୍ୟୁ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଛାତ୍ର ଜନତା ଦଳ ର ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ଅମିତ କୁମାର ଦାସ ଙ୍କୁ ନିଯୁକ୍ତ କରିଛନ୍ତି। ଅମିତ ଜଣେ ଛାତ୍ର ସଂଗଠକ ଭାବେ ଖୋର୍ଦ୍ଧାଜିଲ୍ଲା ର ପ୍ରାଣନାଥ ମହାବିଦ୍ୟାଳୟ ଓ ବିଭିନ୍ନ କଲେଜ ରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଅମିତ ପିଏନ କଲେଜ ରୁ ନିଜର ସ୍ନାତକୋତର ସମ୍ପୂର୍ଣ୍ଣ କରିଛନ୍ତି।ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ରେ ରକ୍ତଦାନ ଶିବିର, ବୃକ୍ଷ ରୋପଣ, ମାସ୍କ ବଂଟନ, କଲେଜ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କ ରେ ଆଡ଼ମିସନ, ହଷ୍ଟେଲ ର ମୌଳିକ ସୁବିଧା ପ୍ରଦାନ, ଛାତ୍ର ବୃତି ରେ ସହାୟତା, କଲେଜ୍ ମାନଙ୍କ ରେ ବିଭିନ୍ନ ସୁବିଧା ପ୍ରଦାନ ଭଳି କାର୍ଯ୍ୟକରି ଛାତ୍ରସମାଜ ରେ ଆଦୃତ ହୋଇପାରିଛନ୍ତି।

ଅମିତ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର ସାହୁ, ଛାତ୍ର ବିଜେଡି ରାଜ୍ୟ ସଭାପତି ଇପ୍ସିତା ସାହୁ, ଛାତ୍ର ବ୍ୟାପାର ରେ ଥିବା ବରିଷ୍ଠ ନେତୃବୃନ୍ଦ ଙ୍କୁ କୃତଜ୍ଞତା ଜଣାଇବା ସହ ଦଳର ସୁପ୍ରିମୋ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଜିଲ୍ଲା ସଭାପତି ଦାଇତ୍ୱ ଦେଇଥିବାରୁ ବହୁତ ଖୁସି ବ୍ୟକ୍ତ କରିଛନ୍ତି। ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର ସାହୁ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜଟଣୀ ବିଧାୟକ ବିଭୁତିଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ଜିଲ୍ଲା ବିଜେଡି ର କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ, ରାଜ୍ୟ ସଭାପତି ଇପ୍ସିତା ସାହୁ, ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଲିଃ ର ସଭାପତି ଅଭିଷେକ ସିଂସାମନ୍ତ, ରାଜ୍ୟ ଯୁବ ବିଜେଡି ଉପସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ସାଧାରଣ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ ଓ ବହୁ ଛାତ୍ର ସଂଗଠନ ର ମୁଖ୍ୟ ଏବଂ ବୁଦ୍ଧିଜୀବୀମାନେ ଅମିତ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅମିତ ତାଙ୍କ ପ୍ରତିକ୍ରିୟା ରେ ଆଗାମୀ ଦିନରେ ଛାତ୍ର ବିଜେଡି ଛାତ୍ରଛାତ୍ରୀମାନଙ୍କ ହକ ପାଇଁ ଜୋରଦାର କାର୍ଯ୍ୟ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ବାଣୀବିହାର ଅଶୀର ଅନ୍ନସେବା




ଭୁବନେଶ୍ୱର (ସବ୍ୟୁ): କଟକ ବାଲିକୁଦା ନିକଟରେ ସଞ୍ଜିବନୀ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବାଳାଶ୍ରମରେ ଗତକାଲି ବାଣୀବିହାର ଅଶୀ ଅନୁଷ୍ଠାନ ତରଫରୁ ଅନ୍ନସେବା କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଅନ୍ତେବାସୀ ପିଲାମାନଙ୍କୁ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା । ଅନ୍ନସେବାର ସମସ୍ତ ବ୍ୟୟ ବହନ କରିଥିଲେ ବାଣୀବିହାର ଅଶୀର ବରିଷ୍ଠ ସଦସ୍ୟ ସମୀର ମିଶ୍ର । କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ବାଣୀବିହାର ଅଶୀର ପୂର୍ବତନ ସଭାପତି ଶରତ ଦାଶ,ଜନସେବା ନିର୍ଦ୍ଦେଶକ ଅଲେଖ ନନ୍ଦୀ, ବରିଷ୍ଠ ସଦସ୍ୟ ସୁକାନ୍ତ ମହାନ୍ତି, ମନୋରଞ୍ଜନ ଦାଶ, ସଂସାର ବିନ୍ଦୁ ପୃଷ୍ଟି, ନୀହାରିକା ମିଶ୍ର, ଓ ଦୁର୍ଗା ଚରଣ ମଲ୍ଲ । ବାଳାଶ୍ରମର ପ୍ରତିଷ୍ଠାତା ତଥା ପରିଚାଳକ ସତ୍ୟ ପ୍ରସାଦ ବେହେରା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ ।

# ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ୍ ପକ୍ଷରୁ ଭକ୍ତଙ୍କୁ ଖାଦ୍ୟ ସହାୟତା ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅବସରରେ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ୍ ପକ୍ଷରୁ ଭକ୍ତମାନଙ୍କୁ ସମୟୋପଯୋଗୀ ପୁଷ୍ଟିକର ଖାଦ୍ୟ ସହାୟତା ପୁରୀର ତାଳବଣିଆସ୍ଥିତ କେଭି ସ୍କୁଲ୍ ସମ୍ମୁଖ ଏବଂ ଇଷ୍ଟକୋଷ୍ଟ ରେଲୱେର ଯାତ୍ରୀ ନିବାସ ନିକଟସ୍ଥ ଖୋଲା ପଡ଼ିଆରେ ଏହି ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ପ୍ରାୟ ୧୫,୦୦୦ ଭକ୍ତ ଉପକୃତ ହୋଇଥିଲେ। ରଥଯାତ୍ରା ଦେଖିବା ଓ ଏଥିରେ ସାମିଲ ହେବା ପାଇଁ ହଜାର ହଜାର ଭକ୍ତ ପୁରୀରେ ଏକତ୍ରିତ ହୋଇଥିବା ବେଳେ ସିଏଚଏଫ ପକ୍ଷରୁ ସମାଜସେବାର ଅଂଶ ଭାବେ ସେମାନଙ୍କୁ ସଦ୍ୟ ପ୍ରସ୍ତୁତ ଖାଦ୍ୟ ବଣ୍ଟନ କରାଯାଇଥିଲା।

ଏହି ପଦକ୍ଷେପ ମାଧ୍ୟମରେ ସିଏଚଏଫ କ୍ଷୁଧା ଦୂରୀକରଣ ସହ ସମାଜର ବିଭିନ୍ନ ବର୍ଗଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ବଡ଼ ଧାର୍ମିକ ଓ ସାଂସ୍କୃତିକ ଆୟୋଜନ କସମୟରେ ମାନବିକତା, ସହଯୋଗ ଓ ସାମାଜିକ ଏକତାର ଭାବନାକୁ



ଆଗେଇ ନେବା ମଧ୍ୟ ଏହି ପ୍ରୟାସର ଅନ୍ୟତମ ଲକ୍ଷ୍ୟ ଥିଲା। ଏ ସମ୍ପର୍କରେ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଜିଜି ଜନ୍ କହିଛନ୍ତି, "ରଥଯାତ୍ରା ଏପରି ଏକ ଉତ୍ସବ, ଯାହା ଭକ୍ତି ଓ ସାମୂହିକତାର ଭାବନାରେ ବିଭିନ୍ନ ବର୍ଗର ଲୋକଙ୍କୁ ଏକାଠି କରିଥାଏ। ଆମର ଖାଦ୍ୟ ବଣ୍ଟନ ପଦକ୍ଷେପ ମାଧ୍ୟମରେ ଭକ୍ତମାନେ ଯେପରି ସମ୍ମାନର ସହ ଉତ୍ସବ ପାଳନ କରିବା ସହ ପୁଷ୍ଟିକର ଖାଦ୍ୟ ପାଇପାରିବେ, ତାହା ନିଶ୍ଚିତ କରିବା ଆମର ଉଦ୍ଦେଶ୍ୟ ଥିଲା। ଏଭଳି ଗୁରୁତ୍ୱପୂର୍ଣ୍ଣ ଅବସରରେ ସମାଜର ସେବା କରିବା ଏବଂ ଦୟା, ସହଯୋଗ ଓ ଏକତାର ଭାବନାକୁ ସୁଦୃଢ଼ କରିବା ଆମ ପାଇଁ ଗର୍ବର ବିଷୟ।

# ଶ୍ରୀବଳଦେବଜୀଉଙ୍କ ପାଇଁ ରାଖୀ ପଠାଇଲେ ଭଉଣୀ ସୁଭଦ୍ରା

ଭୁବନେଶ୍ୱର (ସବ୍ୟୁ): ଶ୍ରୀକ୍ଷେତ୍ରରୁ ମାଆ ସୁଭଦ୍ରା, ତୁଳସୀ କ୍ଷେତ୍ର ବଡଭାଇ ବଳିଆରଭୁଜ ଶ୍ରୀବଳଦେବଜୀଉଙ୍କ ପାଖକୁ



ରାଖୀ ପଠାଇଛନ୍ତି ଓ ଗତକାଲି ହାଇଟେକ୍ ଗ୍ରୁପର ଟ୍ରଷ୍ଟି ବିଶ୍ୱରାଜ ପାଣିଗ୍ରାହୀ,ପାଟରାକ୍ଷୀ ସେବା ପରିଷଦର ସଭାପତି ହିମାଂଶୁ ଶେଖର ସାହୁ, ସୌଭାଗ୍ୟ ମଞ୍ଜରୀ ସାହୁ, ଶୁଭ୍ରାଂଶୁ ସାହୁ, ଭୁବନାନନ୍ଦ ଦାସ ପୁରୀ ଗୋବର୍ଦ୍ଧନପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଠାରୁ ପାଟରାକ୍ଷୀ ଗ୍ରହଣ କରିଥିଲେ ଓ ଏକ ଶୋଭାଯାତ୍ରାରେ ମାଆ ସୁଭଦ୍ରାଙ୍କ ପାଟ ରାକ୍ଷୀ ଆଣି ହାଇଟେକ୍ ମେଡିକାଲ୍ ପରିସରରେ ଥିବା ଗଣେଶ ମନ୍ଦିରରେ ରଖାଯାଇଥିଲା ଓ ସୋମବାର ସକାଳେ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ମାଆ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ରଙ୍କ ନେତୃତ୍ୱରେ, ହାଇଟେକ୍ ଗ୍ରୁପ୍‌ର ଟ୍ରଷ୍ଟି ଡାକ୍ତର ରାକେଶ ପାଣିଗ୍ରାହୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଡାକୁଲେଇ ପୀଠରେ ପହଞ୍ଚିଥିଲେ, ସେଠାରେ ପୂଜାର୍ଚ୍ଚନା କରିବା ପରେ, କେନ୍ଦ୍ରାପଡା ତୁଳସୀକ୍ଷେତ୍ର ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଯାଇ ପାଟରାକ୍ଷୀ ସହ ମିଷ୍ଟାନ୍ନ ଓ ଫଳଭାର ପ୍ରଦାନ କରାଯାଇଥିଲା ଓ ମନ୍ଦିର ନିକଟରେ ଥିବା ଯାତ୍ରୀ ନିବାସଠୁ ଏକ ବିଶାଳ ପଟୁଆରରେ, କେନ୍ଦ୍ରାପଡା ଜିଲ୍ଲାପାଳ ରାଘୁରାମ ଆର୍ ଆୟାର, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀବଳଦେବଜୀଉ ମନ୍ଦିରର ସେବାୟତ, ସ୍ଥାନୀୟ ଶ୍ରଦ୍ଧାଳୁ ମାଆ ସୁଭଦ୍ରାଙ୍କ ରାକ୍ଷୀ ନେଇ ଆସିଥିବା ଲୋକମାନଙ୍କୁ ପାଛୋଟି ନେଇଥିଲେ ଓ ପରେ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ରାକ୍ଷୀ ଗ୍ରହଣ କରାଯିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏହି ରାକ୍ଷୀ ଶୋଭାଯାତ୍ରାରେ ଅନ୍ୟମାନଙ୍କ ସହ ଶୁଭ୍ରାଂଶୁ ଶେଖର ସାହୁ, ସତ୍ୟସୁନ୍ଦର ପାତ୍ର, ତନୁଜା ପାତ୍ର, ଆଶିଷ ସାହୁ,ରବିନାରାୟଣ ମହାପାତ୍ର, ଅତିଶ ଦାସ, ଦୂର୍ଗାଚରଣ ବେହେରା ଓ ଶିବସୁନ୍ଦର ପାତ୍ର ପ୍ରମୁଖ ଯୋଗଦେଇଥିଲେ ଓ ଦୀର୍ଘ ୨୨ ବର୍ଷ ଧରି ଆୟୋଜନ ହୋଇ ଆସୁଅଛି ଏବଂ ପୁରୀରୁ କେନ୍ଦ୍ରାପଡା ଏହି ଆଧାତ୍ମିକ ଯାତ୍ରାକୁ ଲକ୍ଷାକ ଲୋକ ଦର୍ଶନ କରି ଆନନ୍ଦଲାଭ କରିଛନ୍ତି ବୋଲି ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ଟ୍ରଷ୍ଟି ଡାକ୍ତର ରାକେଶ ପାଣିଗ୍ରାହୀ ଏବଂ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି ।

## ଏମ୍ସର ବର୍ଣ୍ଣ ଏବଂ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଦଶନ୍ଧିର ସଫଳ ଯାତ୍ରା

# ପ୍ରତିଷ୍ଠା ହେବ ସ୍କିନ ବ୍ୟାଙ୍କ ଏବଂ ଟିସୁ ପ୍ରତିରୋପଣ ୟୁନିଟ

ଭୁବନେଶ୍ୱର, (ସବ୍ୟୁ) : ଏମ୍ସ ଭୁବନେଶ୍ୱରର ବର୍ଣ୍ଣ ଏବଂ ପ୍ଲାଷ୍ଟିକ ସର୍ଜରୀ ବିଭାଗ ଏହାର ଗୌରବମୟ ଏକ ଦଶନ୍ଧି ଯାତ୍ରା ପୂରଣ କରିଛି । ଶଲ୍ୟଚିକିତ୍ସା, ନବସୃଜନ, ତାଲିମ ଏବଂ ଶୈକ୍ଷିକ ଉତ୍କର୍ଷତାର ଦଶନ୍ଧି ଧରି ଚାଲିଥିବା ଯାତ୍ରାରେ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏନେଇ ବିଭାଗ ପକ୍ଷରୁ ଚଳିତ ମାସ ୨୧ ଏବଂ ୨୨ ରେ ଅର୍ଥପୂର୍ଣ୍ଣ ଜାତୀୟ ସିଏମଇ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଯାତ୍ରାକୁ ପାଳନ କରିଛି । ଦେଶର ବିଭିନ୍ନ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁ ଖ୍ୟାତାନାମା ଶଲ୍ୟ ଚିକିତ୍ସକମାନେ ଏହି ଦୁଇଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବ୍ରାକିଆଲ ପ୍ଲେକ୍ସସ ଆଘାତରେ ମାଧ୍ୟମିକ ପ୍ରକ୍ରିୟା ଉପରେ ଲାଇଭ ସର୍ଜରୀ ମଧ୍ୟ ସ୍ଥାନ ପାଇଥିଲା । କ୍ରମାଗତ ଭାବେ ୧୦ ଟି ଲାଇଭ ସର୍ଜିକାଲ ପ୍ରଦର୍ଶନ ଦେଶରେ ରେକର୍ଡ କରିଛି । ଯାହାକି ସର୍ବଭାରତୀୟ କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରିପାରିଛି ।



ଏମ୍ସ ଭୁବନେଶ୍ୱରରେ ଥିବା ୩୬ ଶଯ୍ୟା ବିଶିଷ୍ଟ ଆଧୁନିକ ବର୍ଣ୍ଣୟୁନିଟ, ସମ୍ପୂର୍ଣ୍ଣ ପୋଡ଼ା କ୍ଷତ ପରିଚାଳନା, ପୁନଃନିର୍ମାଣ ଅସ୍ତ୍ରୋପଚାର ଏବଂ ପୁନର୍ବାସ ସେବା ପ୍ରଦାନ ନିମନ୍ତେ ଉତ୍ସର୍ଗୀକୃତ । ଗତ ଏକ ଦଶନ୍ଧି ମଧ୍ୟରେ, ଏହି କେନ୍ଦ୍ର ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରୁ ଆସିଥିବା ଗୁରୁତର ଏବଂ ହାଇ-ପ୍ରୋଫାଇଲ ମାମଲା ସମେତ ଦେଢ଼ ହଜାରରୁ ଅଧିକ ପୋଡ଼ି ଯାଇଥିବା ରୋଗୀଙ୍କୁ ସଫଳତାର ସହିତ ଚିକିତ୍ସା କରିଛି । ସେହିପରି ଏମ୍ସ ଭୁବନେଶ୍ୱରରେ ଥିବା ଏହି କେନ୍ଦ୍ର ଅନ୍ୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରୁ ରେଫର୍ ହୋଇଥିବା ପୋଡ଼ା ପୀଡିତଙ୍କ ପାଇଁ ଚର୍ମ ଆଲୋଗ୍ରାଫଟ ସହାୟତା ମଧ୍ୟ ପ୍ରଦାନ କରିଛି । ଏହି ବିଭାଗ ଗତ ଦଶ ବର୍ଷ ମଧ୍ୟରେ ୭ ହଜାରରୁ ଅଧିକ ପୁନଃନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରିଛି । ଯେଉଁଥିରେ ୫ଶହରୁ ଅଧିକ ମାଇକ୍ରୋସର୍ଜରୀ, ୩ଶହରୁ ଅଧିକ ବ୍ରାଚିଆଲ ପ୍ଲେକ୍ସସ ଆଘାତ ପୁନଃନିର୍ମାଣ, ତିନି ଶହ ଜନ୍ମଗତ ଅସଙ୍ଗତି ସଂଶୋଧନ, ଦୁଇ ଶହ ସ୍ମାଇଲ ଟ୍ରେନ କ୍ଲେଫଟ ଲିପ ଏବଂ ପାଲେଟ ଅସ୍ତ୍ରୋପଚାର, ଅଢ଼େଇ ଶହରୁ ଅଧିକ ଆର୍ବିଏସକେ ମାମଲା ଏବଂ ପ୍ରାୟ ୩ ହଜାର ଜରୁରୀକାଳୀନ ଚିକିତ୍ସା ମାମଲା ଅନ୍ତର୍ଭୁକ୍ତ ।

ଦୁଇଦିନିଆ କର୍ମଶାଳାରେ ସାରା ଭାରତରୁ ୧୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ଏବଂ ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଏମ୍ସ ଭୁବନେଶ୍ୱର ବର୍ଣ୍ଣ ଏବଂ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ କୁମାର ଗିରିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଡ. ଦିଲ୍ଲୀପ କୁମାର ପରି ଡ. ମନସ୍ୱିନୀ ମଙ୍ଗରାଜ, ଡ. ପ୍ରଭାସ ରଞ୍ଜନ ତ୍ରିପାଠି, ମେଡିକାଲ ଅଧୀକ୍ଷକ, ଲେଫଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଡିଡିଏ ଏମ୍ସ ଭୁବନେଶ୍ୱରଙ୍କ ସମତେ ଡ. ପ୍ରବୀଣ ଭରଦ୍ୱାଜ, ଡ. ଆର. ଶ୍ରୀକାନ୍ତ, ଏବଂ ଡ. ବିନାୟକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ମୁକ୍ତ ବାଣିଜ୍ୟ ରାଜିନାମା

# ୯ ଦେଶ ସହ ଆଲୋଚନା କରୁଛି ଭାରତ

ଟୋକିଓ : ବିଶ୍ୱ ବାଣିଜ୍ୟର ପ୍ରାୟ ୭୫ ପ୍ରତିଶତକୁ ମୁକ୍ତ ବାଣିଜ୍ୟ ଚୁକ୍ତି ଅଧୀନରେ ଆଣିବା ଲକ୍ଷ୍ୟ ରଖିଛି ଭାରତ। ଏଥିପାଇଁ ଆଉ ୮-୯ଟି ଦେଶ ଗୋଷ୍ଠୀ ଓ ବିଭିନ୍ନ ଦେଶ ସହ ଭାରତ ଆଲୋଚନା କରୁଛି ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ସୋମବାର ଜାପାନରେ ଭାରତ ଓ ଜାପାନର ବ୍ୟବସାୟିକ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଗୋୟଲ କହିଛନ୍ତି ଯେ ଭାରତ ଅନ୍ୟ ୮-୯ଟି ଦେଶ ଗୋଷ୍ଠୀ କିମ୍ବା ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରୁଛି। ଏହି ଦେଶଗୁଡ଼ିକର ମିଳିତ ଅର୍ଥନୀତିର ଆକାର ପ୍ରାୟ ୧୫ ଟ୍ରିଲିୟନ ଡଲାର। ଗୋୟଲଙ୍କ କହିବା ଅନୁସାରେ, ଗତ ଚାରି ବର୍ଷରେ ଭାରତ ୯ଟି ମୁକ୍ତ ବାଣିଜ୍ୟ ଚୁକ୍ତି



ସ୍ୱାକ୍ଷର କରିଛି। ଏହି ଚୁକ୍ତିଗୁଡ଼ିକ ୩୮ଟି ବିକଶିତ ଦେଶ ସମେତ ପ୍ରାୟ ୭୦ ଟ୍ରିଲିୟନ ଡଲାରର ଅର୍ଥନୀତିକୁ ଆବୃତ କରୁଛି। ଏହା ବ୍ୟତୀତ ଜାପାନ, ଦକ୍ଷିଣ କୋରିଆ ଏବଂ ଆସିଆନ୍ ଅଞ୍ଚଳ ସହ ପୂର୍ବରୁ ରହିଥିବା ବାଣିଜ୍ୟ ଚୁକ୍ତି ଆଉ ପ୍ରାୟ ୧୦ ଟ୍ରିଲିୟନ ଡଲାରର ଅର୍ଥନୀତିକୁ ଭାରତ ପାଇଁ ବଜାର ପ୍ରବେଶ ସୁଯୋଗ ଦେଇଛି। ଏହାକୁ ମିଶାଇ ଭାରତ ପାଇଁ ବର୍ତ୍ତମାନ ପ୍ରାୟ ୭୦ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପ୍ରାଥମିକତାମୂଳକ ବଜାର ପ୍ରବେଶର ସୁଯୋଗ ଖୋଲିଛି। ଆଉ ୧୫ ଟ୍ରିଲିୟନ ଡଲାର ଅର୍ଥନୀତିକୁ ଯୋଡ଼ିବା ପରେ ଭାରତର ଏଫ୍‌ଟିଏ ନେଟୱର୍କ ବିଶ୍ୱ ବାଣିଜ୍ୟର ପ୍ରାୟ ୭୫ ପ୍ରତିଶତକୁ ଆବୃତ କରିବ ବୋଲି ଗୋୟଲ କହିଛନ୍ତି।ମନ୍ତ୍ରୀ କହିଛନ୍ତି ଯେ, ଏହି ଚୁକ୍ତିଗୁଡ଼ିକ ଭାରତକୁ ବିଶ୍ୱର ଗ୍ଲୋବାଲ୍ ଭାଲ୍ୟୁ ଚେନ୍‌ରେ ଅଧିକ ଗଭୀର ଭାବେ ସାମିଲ ହେବାର ସୁଯୋଗ ଦେବ। ଏହା ଭାରତକୁ ଏକ ବିଶ୍ୱସନୀୟ ବାଣିଜ୍ୟିକ ଭାଗୀଦାର ଭାବେ ସ୍ଥାପିତ କରିବାରେ ସହାୟକ ହେବ। ଜାପାନ ଗସ୍ତ ସମୟରେ ଗୋୟଲଙ୍କ ସହ ୨୦୦ରୁ ଅଧିକ ବ୍ୟବସାୟିକ ପ୍ରତିନିଧି ଅଛନ୍ତି। ଭାରତ-ଜାପାନ ବାଣିଜ୍ୟ ଓ ନିବେଶ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଭାରତରେ ଡାଟା ସେଣ୍ଟର, ଉତ୍ପାଦନ କ୍ଷେତ୍ର ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରରେ ବିପୁଳ ନିବେଶ ସୁଯୋଗ ରହିଛି ବୋଲି ଗୋୟଲ କହିଛନ୍ତି। ଭାରତ-ଜାପାନ ବଢ଼ୁଥିବା ଅର୍ଥନୈତିକ ସମ୍ପର୍କ ଦୁଇ ଦେଶ ମଧ୍ୟରେ ଅଧିକ ସନ୍ତୁଳିତ ବାଣିଜ୍ୟକୁ ଆଗକୁ ନେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ୨୭ରେ ଦେଶବ୍ୟାପୀ 'ଖେଲୋ ଇଣ୍ଡିଆ ଡାଏଲଗ୍'

ନୂଆଦିଲ୍ଲୀ : ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଅବସରରେ ଆସନ୍ତା ୨୭ ଅଗଷ୍ଟରେ ଦେଶବ୍ୟାପୀ 'ଖେଲୋ ଇଣ୍ଡିଆ ଡାଏଲଗ୍– ଖେଲ କି ବାତ୍, ପ୍ରଧାନମନ୍ତ୍ରୀ ମୋଦୀ କେ ସାଥ୍' କାର୍ଯ୍ୟକ୍ରମ ଆୟୋଜିତ ହେବ। ଦେଶର ୧,୫୦୦ରୁ ଅଧିକ ଶିକ୍ଷାନୁଷ୍ଠାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଯୁବବର୍ଗ, କ୍ରୀଡ଼ାବିତ୍ ଓ ନୀତି ନିର୍ଦ୍ଧାରକମାନଙ୍କୁ ଏକ ସାଧାରଣ ମଞ୍ଚରେ ଏକାଠି କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଯୁବ ଓ ଉଦୀୟମାନ କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା, ଯୁବ ନେତୃତ୍ୱ ଏବଂ ବିକଶିତ ଭାରତ ସମ୍ପର୍କରେ ଭର୍ଚୁଆଲ୍ ମାଧ୍ୟମରେ ସମ୍ବୋଧିତ କରିବେ। ତାଙ୍କ ସମ୍ବୋଧନ ପରେ ଦେଶର ବିଭିନ୍ନ ସ୍ଥାନରେ ଏକକାଳୀନ ଭାବେ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ପଦକ୍ଷେପ ଜରିଆରେ ଯୁବ ତଥା ଉଦୀୟମାନ କ୍ରୀଡ଼ାବିମାନେ ଭାରତର କ୍ରୀଡ଼ା ଓ ଯୁବ ପରିବେଶର ଭବିଷ୍ୟତ ନେଇ ନିଜର ଚିନ୍ତାଧାରା, ପରାମର୍ଶ ଓ ନୂତନ ଭାବନା ଉପସ୍ଥାପନ କରିପାରିବେ। ଆଇଆଇଟି, ଆଇଆଇଏମ୍, ଏନ୍ଆଇଟି, ଏମ୍ସ ସମେତ ପ୍ରମୁଖ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଏଥିରେ ସାମିଲ ହେବେ। କ୍ରୀଡ଼ା ପରିବେଶ ଓ ତୃଣମୂଳସ୍ତରୀୟ ଭିତ୍ତିଭୂମିକୁ ସୁଦୃଢ଼ କରିବା, ପ୍ରଶିକ୍ଷଣ ଓ ସୁଯୋଗର ସମ୍ପ୍ରସାରଣ, ୨୦୩୬ ଅଲିମ୍ପିକ୍ସ ପାଇଁ ବୈଜ୍ଞାନିକ ଉପାୟରେ ପ୍ରତିଭା ଚିହ୍ନଟ ଓ କ୍ରୀଡ଼ାବିତ୍ ବିକାଶ, ଯୁବ ନେତୃତ୍ୱ ଏବଂ ଶାସନ ବ୍ୟବସ୍ଥାରେ ଯୁବବର୍ଗଙ୍କ ଅଂଶଗ୍ରହଣ ଭଳି ୪ଟି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହେବ। ଏହାସହ ଯୁବମାନଙ୍କୁ ଭବିଷ୍ୟତ ପାଇଁ ଆବଶ୍ୟକ ଦକ୍ଷତା, ସ୍ୱେଚ୍ଛାସେବା ଓ ରାଷ୍ଟ୍ର ଗଠନର ସୁଯୋଗ ସହ ସଶକ୍ତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମରେ ଦୀପା କର୍ମାକର, ସାଇନା ନେହୱାଲ, ଗଗନ ନାରଙ୍ଗ, ପି.ଆର୍. ଶ୍ରୀଜେଶ, ମେରୀ କମ୍, ବାଇଚୁଙ୍ଗ ଭୁଟିଆ, ପୁଲେଲା ଗୋପୀଚାନ୍ଦ, ଅଞ୍ଜୁ ବବି ଜର୍ଜ, କର୍ଣ୍ଣମ ମଲ୍ଲେଶ୍ୱରୀ, ମୀରାବାଇ ଚାନୁ ଓ ପି.ଟି. ଉଷାଙ୍କ ସମେତ ବହୁ ପ୍ରମୁଖ କ୍ରୀଡ଼ାବିତ୍ ଓ ପଦକ ବିଜେତା ଯୁବବର୍ଗଙ୍କ ସହ ମତବିନିମୟ କରିବେ। ସେମାନେ ନିଜର କ୍ରୀଡ଼ା ଯାତ୍ରା, ସଂଘର୍ଷ ଓ ଅଭିଜ୍ଞତା ବାଣ୍ଟିବେ।ଏଥିସହ ସାଂସଦ, ବିଧାୟକ, କେନ୍ଦ୍ରମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ରାଜ୍ୟ କ୍ରୀଡ଼ାମନ୍ତ୍ରୀମାନେ ମଧ୍ୟ ଯୁବବର୍ଗଙ୍କ ସହ ଆଲୋଚନା କରିବେ।

## ୩୦ରେ ନିଟ୍-ପିଜି ପରୀକ୍ଷା

ନୂଆଦିଲ୍ଲୀ: ନ୍ୟାସନାଲ ବୋର୍ଡ ଅଫ୍ ଏଗ୍‌ଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ନିଟ୍-ପିଜି ୨୦୨୬ର ଆଡ୍‌ମିଟ୍ କାର୍ଡ ପ୍ରକାଶ ତାରିଖରେ ପରିବର୍ତ୍ତନ କରିଛି। ନୂଆ ସୂଚନା ଅନୁସାରେ, ଆଡ୍‌ମିଟ୍ କାର୍ଡ ଆସନ୍ତାକାଲି ଜାରି ହେବ। ଏହା ପୂର୍ବରୁ ଅଗଷ୍ଟ ୨୪ରେ ଆଡ୍‌ମିଟ୍ କାର୍ଡ ଜାରି ହେବାକୁ ଥିଲା। ଆସାମ ଓ ମେଘାଳୟ ସମ୍ପର୍କିତ କିଛି ଅନିବାର୍ଯ୍ୟ ପରିସ୍ଥିତି ଏବଂ ଅନୁରୋଧକୁ ଦୃଷ୍ଟିରେ ରଖି ତାରିଖରେ ଏହି ପରିବର୍ତ୍ତନ କରାଯାଇଥିବା ଏନ୍‌ବିଇଏମ୍‌ଏସ୍ କହିଛି। ଆଡ୍‌ମିଟ୍ କାର୍ଡ ଜାରି ହେବା ପରେ ପରୀକ୍ଷାର୍ଥୀମାନେ ଏନ୍‌ବିଇଏମ୍‌ଏସ୍‌ର ଅଧିକୃତ ୱେବସାଇଟ୍‌ରେ ନିଜ ଲଗଇନ୍ ଆଇଡି ବ୍ୟବହାର କରି ଏହା ଡାଉନଲୋଡ୍ କରିପାରିବେ।

## ୱାନ୍ଧାମା ନରସଂହାରର ପୁଣି ଯାଞ୍ଚ

### ୨୩ କାଶ୍ମିରୀ ପଣ୍ଡିତଙ୍କୁ କରାଯାଇଥିଲା ହତ୍ୟା

ନୂଆଦିଲ୍ଲୀ : ଜମ୍ମୁ-କଶ୍ମୀର ରାଜ୍ୟ ତଦନ୍ତକାରୀ ସଂସ୍ଥା(ଏସ୍‌ଆଇଏ) ବହୁ ଚର୍ଚ୍ଚିତ ୧୯୯୮ ମସିହା ୱାନ୍ଧାମା ନରସଂହାରଯାଞ୍ଚ ପୁଣି ଆରମ୍ଭ କରିଛି। ଏହି ଘଟଣାରେ ୨୩ ଜଣ କଶ୍ମିରୀ ପଣ୍ଡିତଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଥିଲା। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ସର୍ବୋଚ୍ଚ ସ୍ତରରେ ଥିବା ବେଳେ ଏହି ଘଟଣା ଘଟିଥିଲା। ତେଣୁ ୨୮ ବର୍ଷ ପରେ ପୁଣି ଏସ୍‌ଆଇଏ ଏହାର ଫାଇଲ ଖୋଲିଛି। ପ୍ରମୁଖ କଶ୍ମିରୀ ପଣ୍ଡିତ ନେତା ଟିକା ଲାଲ ଟାପ୍ଲୁଙ୍କ ହତ୍ୟା ଓ ବିଚାରପତି ନୀଳକଣ୍ଠ ଗଞ୍ଜୁଙ୍କ ହତ୍ୟା ଘଟଣାର ତଦନ୍ତକୁ ମଧ୍ୟ ଏଜେନ୍ସି ଜୋରଦାର କରିଛି। ନିକଟରେ କଶ୍ମିରୀ ପଣ୍ଡିତ ନର୍ସ ଶାରଳା ଭଟ୍ଟ, ଲେଖକ ସର୍ବାନନ୍ଦ କୌଲ ପ୍ରେମୀ ଓ ତାଙ୍କ ପୁଅ ବୀରେନ୍ଦ୍ର କୌଲଙ୍କ ହତ୍ୟା ମାମଲାର ଫାଇଲକୁ ଏସ୍‌ଆଇଏ ଖୋଲିଥିଲା। ଏବେ ତଦନ୍ତକାରୀ ସଂସ୍ଥା ୱାନ୍ଧାମା ନରସଂହାର ଘଟଣାର ଯାଞ୍ଚ ଆରମ୍ଭ କରିଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ୱାନ୍ଧାମା ନରସଂହାର ଓ ଟାପ୍ଲୁଙ୍କ ହତ୍ୟା ମାମଲାରେ ଏସ୍‌ଆଇଏ କଶ୍ମୀର ବିଭିନ୍ନ ସ୍ଥାନରେ ରେଡ୍ କରିଥିଲା। ଏବେ ଅଧିକାରୀମାନେ ଏହି ଘଟଣାରେ ଜଡ଼ିତ ଆତଙ୍କବାଦୀ ଓ ସେମାନଙ୍କୁ ସହଯୋଗ କରିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପ୍ରକ୍ରିୟାର ଆରମ୍ଭ କରିଛନ୍ତି। ୧୯୯୮ ମସିହା ଜାନୁଆରୀ ୨୫ ତାରିଖ। ଗାନ୍ଦେରବଲ ଜିଲ୍ଲାର ୱାନ୍ଧାମା ଗାଁରେ ସେନା ପୋଷାକରେ ପ୍ରବେଶ କରିଥିଲେ ଆତଙ୍କବାଦୀ। ସେମାନେ କଶ୍ମିରୀ ପଣ୍ଡିତମାନଙ୍କୁ ଘରଘର ବୁଲି ଚିହ୍ନଟ କରିଥିଲେ। ଏହାପରେ ଏକାସାଙ୍ଗରେ ୨୩ ଜଣଙ୍କୁ ହତ୍ୟା କରିଥିଲେ।ଏମାନଙ୍କ ମଧ୍ୟରେ ୯ ଜଣ ମହିଳା ଓ ୪ ଜଣ ଶିଶୁ ମଧ୍ୟ ରହିଥିଲେ। ଗଣତନ୍ତ୍ର ଦିବସର ପୂର୍ବଦିନ ଓ ରମଜାନର ଅତ୍ୟନ୍ତ ପବିତ୍ର ରାତି 'ଶବ୍-ଏ-କଦର'ରେ ଏହି ନରସଂହାର କରାଯାଇଥିଲା। ଏଥିପାଇଁ ପାକିସ୍ତାନରେ ସକ୍ରିୟ ଲସ୍କର-ଇ-ତାଏବା ନିଜକୁ ଦାୟୀ ମଧ୍ୟ କରିଥିଲା।

## ଜଳବନ୍ଦୀ ଦିଲ୍ଲୀ : ଟ୍ରାଫିକ୍ ଜାମ୍, ୧୫ ବିମାନର ଗତିପଥ ବଦଳିଲା

ନୂଆଦିଲ୍ଲୀ : ଦେଶର ରାଜଧାନୀ ଦିଲ୍ଲୀରେ ହଠାତ୍ ଭୟଙ୍କର ରୂପ ନେଇଛି ଦକ୍ଷିଣ ପଶ୍ଚିମ ମୌସୁମୀ। ଆଜି ମଧ୍ୟାହ୍ନରେ ମୌସୁମୀ ଯୋଗୁ ରାଜଧାନୀରେ ହୋଇଛି ଭୀଷଣ ବର୍ଷା। ଦିଲ୍ଲୀ ସମେତ ନୋଏଡା, ଗାଜିଆବାଦ, ଗୁରୁଗ୍ରାମ ଓ ଫରିଦାବାଦରେ ପ୍ରବଳ ବର୍ଷା ଯୋଗୁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି।ପାଗରେ ହଠାତ ପରିବର୍ତ୍ତନ ଓ ଲଗାଣ ବର୍ଷା ଯୋଗୁ ଦିଲ୍ଲୀ ଏୟାରପୋର୍ଟରେ ଲ୍ୟାଣ୍ଡ କରିବାକୁ ଥିବା ୧୫ଟି ବିମାନର ଗତିପଥ ବଦଳିଛି। ସେହିପରି ଶତାଧିକ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବାରୁ ଦିଲ୍ଲୀ ଓ ଏନସିଆରରେ ସାଂଘାତିକ ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ଆଜି ସକାଳୁ ହିଁ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଆରମ୍ଭ ହୋଇଥିଲା ବର୍ଷା। କିନ୍ତୁ ମଧ୍ୟାହ୍ନ ବେଳକୁ ଏହାର ପ୍ରକୋପ ବଢ଼ିଥିଲା। ସ୍ଥିତି ଏପରି



ହୋଇଥିଲା ଯେ ରାସ୍ତାଘାଟର ଦୃଶ୍ୟମାନ ପୂରା କମି ଯାଇଥିଲା। ଏହାର ପ୍ରଭାବ ସିଧାସଳଖ ବିମାନ ସେବା ଉପରେ ପଡ଼ିଛି।ଦିଲ୍ଲୀର ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ଏୟାରପୋର୍ଟକୁ ଆସୁଥିବା ୩ଟି ଅନ୍ତର୍ଜାତୀୟ ବିମାନ ସହ ୧୫ଟି ଗତିପଥ ବଦଳା ଯାଇଛି। ଏହା ମଧ୍ୟରୁ ୧୨ଟି ଜୟପୁରକୁ ପଠା ଯାଇଥିବା ବେଳେ ୨ଟି ଚଣ୍ଡିଗଡ଼ ଓ ଗୋଟିଏ ଲକ୍ଷ୍ନୌରେ ଅବତରଣ କରିଛି। ଏହାବାଦ ଲଗାଣ ବର୍ଷା ଓ ଖରାପ ପାଗ ଯୋଗୁ ୨୬୨ଟି ବିମାନ ବିଳମ୍ବିତ ହୋଇଛି। ପାଗ ପରିବର୍ତ୍ତନର ପ୍ରଭାବ ରାଜଧାନୀର ଟ୍ରାଫିକକୁ ମଧ୍ୟ ପ୍ରଭାବିତ କରିଛି। ବିଶେଷ କରି ସଙ୍ଗମ ବିହାରର ଏମବି ରୋଡ ସ୍ଥିତି ବେହାଲ ହୋଇଛି। ବାୟୁସେନାବାଦ ଓ ସଙ୍ଗମ ବିହାର ମଧ୍ୟରେ ଗାଡ଼ି ଚଳାଚଳ ପୂରା ଧିମା ହୋଇଯାଇଛି।ଏହି ରାସ୍ତାରେ ଲୋକଙ୍କୁ ୧ ଘଣ୍ଟାରୁ ଅଧିକ ସମୟ ରାସ୍ତାରେ ଅପେକ୍ଷା କରିବାକୁ ପଡୁଛି। ଦିଲ୍ଲୀ ଏୟାରପୋର୍ଟ, ଅଫିସ ଓ ସାକେତ କୋର୍ଟକୁ ଯାଉଥିବା ଲୋକମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। କେବଳ ଦିଲ୍ଲୀ ନୁହେଁ, ପଡ଼ୋଶୀ ଗାଜିଆବାଦରେ ମଧ୍ୟ ଜଳବନ୍ଦୀ ସମସ୍ୟା ଦେଖିବାକୁ ମିଳିଛି।

### ଆମେରିକା ଯିବାକୁ ମିଳିଲାନି ଅନୁମତି

## କେନ୍ଦ୍ର ଉପରେ ବର୍ଷିଲେ ରେଭନ୍ତ

ନୂଆଦିଲ୍ଲୀ : ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଆମେରିକା ଗସ୍ତକୁ କେନ୍ଦ୍ର ସରକାର ଅନୁମତି ଦେଇନାହାଁନ୍ତି। ଏହାକୁ ନେଇ ଶ୍ରୀ ରେଡ୍ଡୀ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ଏହା ସଂଘୀୟ ବ୍ୟବସ୍ଥାର



ପରିପନ୍ଥି ବୋଲି ମତ ଦେଇଛନ୍ତି।

ଶ୍ରୀ ରେଡ୍ଡୀ କହିଛନ୍ତି ଯେ, ଏହା ହେଉଛି ତେଲେଙ୍ଗାନା ଲୋକଙ୍କୁ ଅସମ୍ମାନ। ଆମେରିକା ଗସ୍ତକୁ ଅନୁମତି ନଦିଆଯିବାରୁ ସେ ବାଧ ହୋଇ ଫେରିଆସିଛନ୍ତି। ଏହା ହେଉଛି ତେଲେଙ୍ଗାନାବାସୀଙ୍କୁ ଅସମ୍ମାନ। ଏହାର କାରଣ ହେଉଛି ଗୁଜୁରାଟ ଲବିର ଦବଦବା। ତେଲେଙ୍ଗାନାର ବିକାଶ ଅଭିବୃଦ୍ଧିକୁ ବାଧା ଦିଆଯାଉଛି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମୁଖ୍ୟମନ୍ତ୍ରୀ ଏପରିକି ଗୁଜୁରାଟ ମୁଖ୍ୟମନ୍ତ୍ରୀ ମଧ୍ୟ ଆମେରିକା ଗସ୍ତରେ ଯାଉଛନ୍ତି। ତାଙ୍କୁ ଅନୁମତି ନମିଳିବା କେଉଁ ରାଜନୈତିକ ଦୃଷ୍ଟିକୋଣ। ଏହା ସଂଘୀୟ ସହଭାଗିତାର ବିରୋଧ ଆଚରଣ କରୁଛି।

### ସଭ୍ୟପଦ ରଦ୍ଦ ମାମଲା

## ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଟିଏମ୍‌ସି ସାଂସଦ

ନୂଆଦିଲ୍ଲୀ : ତୃଣମୂଳ କଂଗ୍ରେସ( ଟିଏମସି)ର ସାଧାରଣ ସମ୍ପାଦକ ତଥା ଲୋକସଭା ସଂସଦୀୟ ଦଳର ନେତା ଅଭିଶେକ ବାନାର୍ଜୀ ୨୦ ବିଦ୍ରୋହୀ ସାଂସଦଙ୍କ ସଭ୍ୟପଦ ରଦ୍ଦ ନେଇ ସୁପ୍ରିମକୋର୍ଟ ଯାଇଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ଟିଏମସିର ୨୦ ବିଦ୍ରୋହୀ ସାଂସଦଙ୍କୁ ସ୍ୱିକୃତି ଦେଇଛନ୍ତି। ତେବେ ଶ୍ରୀ ବାନାର୍ଜୀ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଛନ୍ତି। କାଲି ଏହି ମାମଲାର ଶୁଣାଣି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲା ବାଗଚି ଓ ଜଷ୍ଟିସ୍ ଭି ମହନାଙ୍କ ଖଣ୍ଡପୀଠ ହେବ।

ଆବେଦନରେ ଉଲ୍ଲେଖ କରାଯାଇଛି ଯେ, ବିଦ୍ରୋହୀ



ସାଂସଦଙ୍କ ସଭ୍ୟପଦ ରଦ୍ଦ ନେଇ ବିଳମ୍ବ କରାଯାଉଛି। ଟିଏମସିର ୨୦ ସାଂସଦ ଦଳ ଭାଙ୍ଗି ଅଲଗା ହୋଇ ଏନସିପିଆଇରେ ଯୋଗ ଦେଇଛନ୍ତି। ବିଦ୍ରୋହୀ ଗୋଷ୍ଠୀମାନେ ଲୋକସଭାରେ ଏକ ପୃଥକ ଗୋଷ୍ଠୀ ଦାବି କରୁଛନ୍ତି। ତେବେ ଟିଏମସି ପକ୍ଷରୁ କୁହାଯାଇଛି ଯେ, ଏହି ସାଂସଦମାନେ ଦଳୀୟ ଚିହ୍ନରେ ନିର୍ବାଚନ ଜିତିଥିଲେ। ଦଳ ବିରୋଧୀ ଆଇନର ବ୍ୟବସ୍ଥା ଏମାନେ ଅନ୍ୟ କୌଣସି ରାଜନୈତିକ ଦଳରେ ଯୋଗ ଦେଇ ପାରିବେ ନାହିଁ। ମାତ୍ର ବାଚସ୍ପତି ଏହି ୨୦ ସାଂସଦଙ୍କ ଲାଗି ମୌସୁମୀ ଅଧିବେଶନରେ ସ୍ୱତନ୍ତ୍ର ଆସନର ବ୍ୟବସ୍ଥା କରିଥିଲେ। ତେବେ ଏହି ସାଂସଦମାନେ ଅଯୋଗ୍ୟ ଘୋଷଣା କରିବାକୁ ଟିଏମସି ଦାବି କରିଛି। ଏମାନଙ୍କ ମଧ୍ୟରେ ଅଛନ୍ତି। ସାଂସଦ କାକୁଲି ଘୋଷ ଦସ୍ତଦାର ସୁଦିବନ୍ଦୋପାଧ୍ୟାୟ ଶତାବ୍ଦୀ ରାୟ, ପର୍ଶୁନ ବାନାର୍ଜୀ, ରଚନା ବାନାର୍ଜୀ, ୟୁସୁବ ପଠାନ ସାଇନ ଘୋଷ ପ୍ରମୁଖ। ପୂର୍ବରୁ ଶିବସେନା (ଉଦ୍ଧବ) ମଧ୍ୟ ସୁପ୍ରିମକୋର୍ଟରେ ତାଙ୍କଦଳର ସାଂସଦମାନେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗଦେବା ନେଇ ଆବେଦନ କରିଛନ୍ତି।

## ନିର୍ମାଣ ଶ୍ରମିକଙ୍କ ପାଇଁ ପେନସନ ଯୋଜନା ଆଣିବ ଇପିଏଫଓ

ନୂଆଦିଲ୍ଲୀ : ଦେଶର ନିର୍ମାଣ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ବଳୟ ମଧ୍ୟରେ ଆଣିବା ଲାଗି ବଡ଼ ପଦକ୍ଷେପ ନେବାକୁ ଯାଉଛି କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ)। ପ୍ରସ୍ତାବିତ ଇପିଏଫଓ ୩.୦ ଅଧୀନରେ ନିର୍ମାଣ ଶ୍ରମିକଙ୍କ ପାଇଁ ପେନସନ ଯୋଜନା ଆଣିବା ନେଇ ବିଚାର ଚାଲିଛି। ଏହି ଯୋଜନାରେ କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ବିଓସିଡବ୍ଲ୍ୟୁ) ସେସ୍ରୁ ଜମା ହୋଇଥିବା ଅବ୍ୟବହୃତ ଅର୍ଥ ବ୍ୟବହାର କରାଯିବାପ୍ରସ୍ତାବ ଅନୁଯାୟୀ, ଅତିକମ୍‌ରେ ୧୦ ବର୍ଷ କାମ କରିଥିବା ନିର୍ମାଣ ଶ୍ରମିକଙ୍କୁ ପେନସନ ପ୍ରଦାନ କରିବାର ବିକଳ୍ପ ଉପରେ ବିଚାର କରାଯାଉଛି। ଇପିଏଫଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଏହି ବିଷୟରେ ଆଲୋଚନା ହୋଇଥିବା ବେଳେ ଯୋଜନାର ରୂପରେଖା ପ୍ରସ୍ତୁତ ହେବା ପରେ ଏହାକୁ ବୋର୍ଡ ସମ୍ମୁଖରେ ଔପଚାରିକ ଭାବେ ରଖାଯିବ।ନିର୍ମାଣ କାର୍ଯ୍ୟରୁ ସଂଗ୍ରହ ହେଉଥିବା ସେସ୍ର ବ୍ୟବହାର ଦୀର୍ଘଦିନ ଧରି ଚର୍ଚ୍ଚାରେ ରହିଛି। ଏହି ଅର୍ଥ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଶ୍ରମିକ କଲ୍ୟାଣ ବୋର୍ଡଗୁଡ଼ିକ ପରିଚାଳନା କରନ୍ତି। ଶ୍ରମ ମନ୍ତ୍ରଣାଳୟର ୨୦୨୪ର ରାଜ୍ୟସଭା ତଥ୍ୟ ଅନୁଯାୟୀ ୨୦୨୪ ମାର୍ଚ୍ଚ ସୁଦ୍ଧା ବିଓସିଡବ୍ଲ୍ୟୁ କଲ୍ୟାଣ ବୋର୍ଡଗୁଡ଼ିକ ପ୍ରାୟ ୧.୧୨ ଲକ୍ଷ କୋଟି ଟଙ୍କାର ସେସ୍ ସଂଗ୍ରହ କରିଥିଲେ। ଏହି ସମୟ ପର୍ଯ୍ୟନ୍ତ ପ୍ରାୟ ୬୪,୧୯୦ କୋଟି ଖର୍ଚ୍ଚ ଟଙ୍କା ହୋଇଥିବାବେଳେ ପ୍ରାୟ ୬୫,୯୭୦ କୋଟି ଟଙ୍କା ଅର୍ଥ ବ୍ୟାଙ୍କ ସୁଧ ସମେତ ଉପଲବ୍ଧ ଥିଲା।

## ମଣିପୁରରେ ପୁଣି ହିଂସା : ଘର ପୋଡ଼ି

ଇମ୍ଫାଲ: ମଣିପୁରର ସେନାପତି ଜିଲ୍ଲାର ତାପୋଏ ଏବଂ ଆଖପାଖ ଅଞ୍ଚଳରେ ହିଂସା ଘଟିଛି। ଏକ ଘରେ ନିଆଁ ଲଗାଇ ଦିଆଯାଇଥିବାବେଳେ ଗୁଳି ବିନିମୟରେ ଜଣେ ସିଆରପିଏଫ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ଅଞ୍ଚଳରେ ପୁଣି ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ସେନାପତି ଜିଲ୍ଲାରେ ଭୋର୍ ୩ଟାରେ ଏହି ଅଭାବନୀୟ ଘଟଣା ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ହିଂସା ଏବଂ ଗୁଳିଚାଳନା ହୋଇଥିଲା। ସଂଘର୍ଷ ସମୟରେ ଅନିୟନ୍ତ୍ରିତ ଭିଡ଼ ଘର ପୋଡ଼ି ଦେଇଥିଲେ। ଘଟଣାର କିଛି ପ୍ରତ୍ୟକ୍ଷଦର୍ଶୀ ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେଇ ଦମକଳ ବାହିନୀକୁ ଡାକିଥିଲେ। ସେମାନେ ଆହତ ସିଆରପିଏଫ ଯବାନଙ୍କୁ ଡାକ୍ତରଖାନାକୁ ନେଇଥିଲେ।ଘଟଣା ପରେ, ଅଞ୍ଚଳରେ ଏକ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି।

## ମନ୍ଦିରରେ ଦଳାଚକଟା, ୬ ଶ୍ରଦ୍ଧାଳୁ ଆହତ

ମାଧେପୁରା :ବିହାରର ମାଧେପୁରାର ପ୍ରସିଦ୍ଧ ସିଂହେଶ୍ୱର ଧାମ ମନ୍ଦିରରେ ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଭୋଲେ ବାବାଙ୍କ ଜଳାଭିଷେକ କରିବା ପାଇଁ ସକାଳ ଠାରୁ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। ସକାଳ ଠାରୁ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାରରେ ଭିଡ଼ ବଢ଼ିବାକୁ ଲାଗିଥିଲେ। ଶ୍ରଦ୍ଧାଳୁମାନେ ପରସ୍ପରର ଆଗକୁଯିବା ପାଇଁ ଚାହୁଁଥିଲେ। ଫଳରେ ଭିଡ଼ ଅନିୟନ୍ତ୍ରିତ ହେବା ଦ୍ୱାରା ମନ୍ଦିର ପରିସରରେ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, କିଛି ମୁହୂର୍ତ୍ତ ମଧ୍ୟରେ ଭୟ ଏବଂ ଚିତ୍କାରର ପରିବେଶ ସୃଷ୍ଟି ହୋଇଥିଲା। ଲୋକମାନେ ନିଜ ନିଜ ପ୍ରିୟଜନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାକୁ ଲାଗିଥିଲେ।ଏହି ଘଟଣାରେ ୬ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଚାରି ଜଣ ମହିଳା ଏବଂ ଦୁଇଜଣ ପୁରୁଷ ଅଛନ୍ତି। ସୁରକ୍ଷା ବାହିନୀ ଭିଡ଼ରେ ଫସି ରହିଥିବା ମହିଳାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଛନ୍ତି। ସମସ୍ତ ଆହତ ମାଧେପୁରା ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି, ଏବଂ ସେମାନଙ୍କ ଅବସ୍ଥା ଉପରେ ନଜର ରଖାଯାଇଛି। ଦୁର୍ଘଟଣା ପରେ, ମାଧେପୁରା ପୁଲିସ ଏକ ପରାମର୍ଶ ଜାରି କରି ଲୋକଙ୍କୁ ଗୁଜବ ପ୍ରତି ଧ୍ୟାନ ନଦେବାକୁ ପରାମର୍ଶ ଦେଇଛି। ଘଟଣା ସକାଳ ୬ଟା ୨୫ ରୁ ୭ଟା ମଧ୍ୟରେ ସିଂହେଶ୍ୱର ମନ୍ଦିରର ମୁଖ୍ୟ ଦ୍ୱାରରେ ଘଟିଥିଲା।ଶ୍ରାବଣ ମାସର ଶେଷ ସୋମବାର ଯୋଗୁଁ ମନ୍ଦିରରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନ ପୂର୍ବରୁ ସତର୍କ ଥିଲା। ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍) ଏବଂ ପୁଲିସ ଅଧୀକ୍ଷକ (ଏସ୍ପି) ବ୍ୟକ୍ତିଗତ ଭାବରେ ବ୍ୟବସ୍ଥା ତଦାରଖ କରିଥିଲେ।

## ସୁପ୍ରିମକୋର୍ଟରେ ପହଞ୍ଚିଲା ଜେପିଏସ୍‌ସି ପରୀକ୍ଷା ଦୁର୍ନୀତି ମାମଲା

ନୂଆଦିଲ୍ଲୀ :ଝାଡ଼ଖଣ୍ଡକମ୍ବାଇନ୍ ସିଭିଲ୍ ସର୍ଭିସେସ୍ ପ୍ରିଲିମିନାରୀ ପରୀକ୍ଷା ୨୦୨୫ ରେ ହୋଇଥିବା ଅନିୟମିତତାର ଏକ ନିରପେକ୍ଷ, ସମୟ-ସୀମାବଦ୍ଧ ସିବିଆଇ ତଦନ୍ତ ଦାବି କରୁଥିବା ଏକ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର, ଝାଡ଼ଖଣ୍ଡ ସରକାର ଓ ଝାଡ଼ଖଣ୍ଡ ଲୋକସେବା ଆୟୋଗକୁ ନୋଟିସ୍ ଜାରି କରିଛନ୍ତି। ଏହି ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଆବେଦନକାରୀ ହରିଶରଣ ଦେବଗନଙ୍କ ଦ୍ୱାରା ଦାୟର କରାଯାଇଛି। ଆବେଦନରେ ୧୪ତମ ଜେପିଏସ୍ସି ପ୍ରିଲିମିନାରୀ ପରୀକ୍ଷା ସହିତ ଜଡିତ ମାମଲାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଦାବି କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କୁ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ରାଜ୍ୟ ସରକାର, ଜେପିଏସସି ଓ ଅନ୍ୟାନ୍ୟ ପ୍ରତିପକ୍ଷଙ୍କଠାରୁ ଜବାବ ମାଗିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମନନ କୁମାର ମିଶ୍ର କହିଛନ୍ତି ଯେ, ଆବେଦନରେ ସିବିଆଇ ତଦନ୍ତ କିମ୍ବା ପୂର୍ବତନ ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଦାବି କରାଯାଇଛି। ଓକିଲ ସତ୍ୟମ ସିଂହ ରାଜପୁତଙ୍କ ମାଧ୍ୟମରେ ହରିଶରଣ ଦେବଗନ ଏହି ଆବେଦନ ଦାଖଲ କରିଥିଲେ। ଏହା ଜେପିଏସ୍ସି ବିଜ୍ଞାପନ ନମ୍ବର ୧/୨୦୨୬ ଅନୁଯାୟୀ, ଏପ୍ରିଲ ୧୯, ୨୦୨୬ ଏପ୍ରିଲରେ ଅନୁଷ୍ଠିତ ପ୍ରାରମ୍ଭିକ ପରୀକ୍ଷାର କାର୍ଯ୍ୟକାରିତା ଓ ବିଶ୍ୱସନୀୟତା ଉପରେ ଚିନ୍ତା ପ୍ରକାଶ କରାଯାଇଛି।

## ସଂରକ୍ଷଣକୁ ବିରୋଧ କଲେ ଦେଶଦ୍ରୋହ ମାମଲା


ନୂଆଦିଲ୍ଲୀ : କେନ୍ଦ୍ର ମନ୍ତ୍ରୀ ରାମଦାସ ଅଠାୱଲେ ସଂରକ୍ଷଣକୁ ଏକ ସାମ୍ବିଧାନିକ ଅଧିକାର ବୋଲି ଦାବି କରି ଏହାକୁ ବିରୋଧ କରୁଥିବା କିମ୍ବା ଉଚ୍ଛେଦ କରିବାକୁ ଚାହୁଁଥିବା ଲୋକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି।ରବିବାର ଜାରି ଏକ ବିବୃତିରେ ଅଠାୱଲେ କହିଛନ୍ତି ଯେ, ଦିଲ୍ଲୀର ଯନ୍ତର ମନ୍ତର ସମେତ ଆରକ୍ଷଣ ବିରୋଧରେ ହୋଇଥିବା ପ୍ରତିବାଦ ଏହି ପ୍ରସଙ୍ଗ ପ୍ରତି ଦୃଷ୍ଟି ଆକର୍ଷଣ କରିଛି। ସେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, କୋଟା ବ୍ୟବସ୍ଥାକୁ ହଟାଇବା କିମ୍ବା ପରିବର୍ତ୍ତନ କରିବା ପାଇଁ ସୋସିଆଲ ମିଡିଆରେ ଅଭିଯାନ ଚାଲିଛି। କିଛି ଲୋକ ସଂରକ୍ଷଣ ଉଚ୍ଛେଦ ପାଇଁ ଦାବି କରୁଛନ୍ତି, କିନ୍ତୁ କୋଟା ବ୍ୟବସ୍ଥା ଏକ ସାମ୍ବିଧାନିକ ଅଧିକାର ହୋଇଥିବାରୁ ଏହାକୁ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ଅଠାୱଲେ କହିଛନ୍ତି। ଦିଲ୍ଲୀ ପୁଲିସ ରବିବାର କହିଛି ଯେ, ସଂରକ୍ଷଣ ସଂସ୍କାର ଉପରେ ଯନ୍ତରମନ୍ତରଠାରେ ପ୍ରତିବାଦ କିମ୍ବା ସମାବେଶ କରିବା ପାଇଁ କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ଅନୁମତି ଦିଆଯାଇ ନାହିଁ। 'ବିଭ୍ରାନ୍ତିକର' ସୋସିଆଲ ମିଡିଆ ପୋଷ୍ଟ ଆଧାରରେ ସେଠାରେ ଏକାଠି ହେବା ବିରୋଧରେ ଲୋକମାନଙ୍କୁ ପୁଲିସ ଚେତାବନୀ ଦେଇଛି। ଚେତାବନୀ ସତ୍ତ୍ୱେ ବହୁସଂଖ୍ୟକ ପ୍ରତିବାଦକାରୀ ଯନ୍ତର ମନ୍ତରଠାରେ ଏକାଠି ହୋଇ ସଂରକ୍ଷଣ ବିରୋଧରେ ସ୍ଲୋଗାନ ଦେବା ସହିତ ପୋଷ୍ଟର ଓ ବ୍ୟାନର ପ୍ରଦର୍ଶନ କରିଥିଲେ।

### କଂଗ୍ରେସ-ବିଜେପି ମୁହାଁମୁହିଁ

ନୂଆଦିଲ୍ଲୀ : କଂଗ୍ରେସ ନେତା ଅଜୟ ରାୟଙ୍କୁ ସ୍ୱାଗତ କରିବା ପାଇଁ ଅଯୋଧ୍ୟାରେ ମାଛ-ଭାତ ଭୋଜିକୁ ନେଇ ରାଜନୈତିକ ହଙ୍ଗାମା ଆରମ୍ଭ ହୋଇଛି । ଶ୍ରାବଣ ମାସରେ ମାଛ-ଭାତ ଭୋଜି ଉପରେ ବିଜେପି ପ୍ରଶ୍ନ ଉଠାଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଂଗ୍ରେସ ଉପରେ ଆକ୍ରମଣ କରି କହିଛନ୍ତି ଯେ, ଲୋକମାନେ ଦର୍ଶନ ପାଇଁ ହନୁମାନ ଗଡ଼ି ଯାଆନ୍ତି ଏବଂ ମାଛ ଖାଆନ୍ତି। ଯଦି ସେମାନେ ମାଛ ଖାଇବାକୁ ଚାହୁଁଥିଲେ, ତେବେ ସେମାନଙ୍କୁ ଅଯୋଧ୍ୟା ବାହାରେ ଖାଇବା ଉଚିତ୍ ଥିଲା। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛି। କଂଗ୍ରେସ ନେତା ଏବଂ ରାଜ୍ୟସଭା ସାଂସଦ ପବନ ଖେରା ପଚାରିଛନ୍ତି, ମାଛ-ଭାତ ପ୍ରସଙ୍ଗ କ'ଣ ଲୋକଙ୍କୁ ଅଯୋଧ୍ୟାରେ ହୋଇଥିବା ଦାନ ଚୋରି ମାମଲାକୁ ଭୁଲାଇ ପାରିବ? ସେ କହିଛନ୍ତି, ଅଜୟ ରାୟ ଜଣେ ନିରାମିଷାଶୀ।

## ଭିକ ମାଗି ଚଳୁଥିଲେ ବୃଦ୍ଧା, ଘରୁ ମିଳିଲା ୩୦ ବସ୍ତା ଟଙ୍କା

ବେଙ୍ଗାଲୁରୁ : ଲୋକେ ଦେଖିବା ଦିନ ଠାରୁ ମହିଳା ଜଣଙ୍କ ଭିକ୍ଷାବୃତ୍ତି କରି ଚଳୁଥିଲେ। ଗୋଟିଏ ଛୋଟ ଘରେ ରହୁଥିଲେ। ଦୀର୍ଘ ବର୍ଷ ଧରି ପର ହାତ ଟେକାରେ ବଞ୍ଚୁଥିବା ମହିଳା ଜଣଙ୍କ ଶେଷରେ ଆଖି ବୁଜିଛନ୍ତି।ବୟସ ଜନିତା ଅସୁସ୍ଥତା କାରଣରୁ ୬୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ହେଲେ ତାଙ୍କ ଘରୁ ମିଳିଥିବା ଜିନିଷ ସମସ୍ତଙ୍କୁ ଚକିତ କରି ଦେଇଛି। ଭିକ ମାଗି ଚଳୁଥିବା ବୃଦ୍ଧାଙ୍କ ଘରୁ ମିଳିଛି ପୁଳାପୁଳା ଟଙ୍କା। ଗୋଟିଏ କି ଦୁଇଟି ନୁହେଁ, ୩୦ଟି ବସ୍ତାରେ ଭର୍ତ୍ତି ହୋଇ ରହିଥିବା ଟଙ୍କାକୁ ସ୍ଥାନୀୟ ଲୋକମାନେ ଘର ଭିତରୁ ପାଇବା ପରେ ପୂରା ସ୍ତବ୍ଧ ହୋଇ ଯାଇଛନ୍ତି। ସାରା ଜୀବନ ଭିକ୍ଷାବୃତ୍ତି କରି ବୃଦ୍ଧା ଜଣଙ୍କ ଆୟ କରିଥିବା ଟଙ୍କାକୁ ଏହି ବସ୍ତାରେ ଭର୍ତ୍ତି କରି



ରଖିଥିଲେ। ବୃଦ୍ଧାଙ୍କ ଘର ଭିତରୁ ୯ ଲକ୍ଷ ଟଙ୍କା ଲୋକମାନେ ଠାବ କରିଛନ୍ତି। ହେଲେ ଏହାକୁ ନେବାକୁ ବୃଦ୍ଧା ଜଣଙ୍କ ଆଉ ଏ ଦୁନିଆରେ ନାହାନ୍ତି।କର୍ଣ୍ଣାଟକାର ଗୁଟ୍ଟାଲୁ ରୋଡର ସବଦରିୟାବାଦ ମୋହାଲାରେ ରହୁଥିଲେ ନୁର ନାମକ ଜଣେ ମହିଳା। ସେ କୁଆଡ଼ିଆ ଘରେ ରହିବା ସହ ଆଖପାଖ ଅଞ୍ଚଳ ଓ ଟ୍ରାଫିକ ପୋଷ୍ଟ ନିକଟରେ ଭିକ୍ଷାବୃତ୍ତି କରନ୍ତି।ଦୁଇ ବର୍ଷ ତଳେ ତାଙ୍କ ସହ ରହୁଥିବା ଭଉଣୀଙ୍କ ଦେହାନ୍ତ ହୋଇଥିଲା। ଭଉଣୀଙ୍କ ଦେହାନ୍ତ ପରେ ନୁର ଏକାକୀ ଉକ୍ତ ଘରେ ରହିବା ଆରମ୍ଭ କରିଥିଲେ। ତାଙ୍କର ଦୁଇ ଭାଇ ଥିଲେ ହେଁ କେହି କେବେ ଆସୁ ନଥିଲେ। ସବୁବେଳେ ସେ ପର ହାତ ଟେକାକୁ ଅପେକ୍ଷା କରି ଜୀବନ ବିତାଉଥିଲେ ନୁର। କିନ୍ତୁ ନିକଟରେ ଅସୁସ୍ଥତା କାରଣରୁ ତାଙ୍କର ଦେହାନ୍ତ ହୋଇଥିଲା। ନୁରଙ୍କ ଦେହାନ୍ତ ହେବାରୁ ସ୍ଥାନୀୟ ଲୋକ ଓ ତାଙ୍କର ଦୁଇ ଭାଇ ସେଠାରେ ପହଞ୍ଚିଥିଲେ। ପ୍ରଥମେ ନୁରଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଏହାପରେ ଘର ଭିତରେ ଥିବା ବସ୍ତାକୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମିଳିଛି ହଜାର ହଜାର କଏନ ଓ ବସ୍ତାବସ୍ତା ଟଙ୍କାର ନୋଟ। ୧୦, ୨୦ ଓ ୫୦ ଟଙ୍କିଆ ନୋଟ ସହ କଏନଗୁଡ଼ିକୁ ୩୦ଟି ବସ୍ତାରେ ରଖାଯାଇଥିଲା। ନୁର ଭିକ୍ଷାବୃତ୍ତି କରି ପାଉଥିବା କଏନ ଓ ନୋଟକୁ ବସ୍ତାରେ ରଖୁଥିବା ଏବେ ଲୋକମାନେ ଜାଣିବାକୁ ପାଇଛନ୍ତି। ୩୦ ବସ୍ତା ଟଙ୍କା ଭର୍ତ୍ତି ବସ୍ତା ମିଳିବା ପରେ ଏହାକୁ ଗଣତି ଆରମ୍ଭ କରାଯାଇଥିଲା। ମୋଟ ଉପରେ ନୁରଙ୍କ ଘରୁ ୮.୪୦ ଲକ୍ଷ ଟଙ୍କା ମିଳିଥିଲା। ଗଣତି ବେଳେ ସ୍ଥାନୀୟ ଲୋକଙ୍କ ସହ ତାଙ୍କର ଦୁଇ ଭାଇ ଉପସ୍ଥିତ ରହିଥିଲେ। ଗଣତି ଶେଷ ହେବା ପରେ ଜଣେ ଭାଇ ୬ ଲକ୍ଷ ଓ ଆଉ ଜଣେ ୨ ଲକ୍ଷ ୪୦ ହଜାର ଟଙ୍କା ନେଇଛନ୍ତି। ୨ ଲକ୍ଷ ୪୦ ହଜାର ଟଙ୍କା ପାଇଥିବା ଭାଇ ଜଣଙ୍କ ଏହାକୁ ସ୍ଥାନୀୟ ମସଜିଦକୁ ଦାନ ଆକାରରେ ଭେଟି ଦେଇଥିବା ଜଣାପଡ଼ିଛି।



## ପଡିକ୍କଲଙ୍କ ପରେ ଶତକ ମାରିଲେ ଜୁରେଲ

# ୫୦୩ରେ ଭାରତର ପାଳି ଘୋଷଣା, ଶ୍ରୀଲଙ୍କା ୮/୨

କଲମ୍ବୋ, ୨୪।୮(ଏଜେନ୍ସି) : ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ୯ ୱିକେଟ ହରାଇ ୫୦୩ ରନ କରିବା ପରେ ପାଳି ଘୋଷଣା କରିଛି। ଭାରତ ପାଳି ଘୋଷଣା କରିବା ପରେ ଶ୍ରୀଲଙ୍କା। ଦ୍ୱିତୀୟ ଦିନରେ ୩ ଓଭର ବ୍ୟାଟିଂ କରିଛି। କିନ୍ତୁ ଘରୋଇ ଟିମ ୮ ରନରେ ୨ ୱିକେଟ ହରାଇ ଦେଇଛି।ଶ୍ରୀଲଙ୍କା। ଦ୍ୱିତୀୟ ୱିକେଟ ଦିବସର ଶେଷ ବଲରେ ହରାଇବା ଘରୋଇ ଦର୍ଶକଙ୍କୁ ନିରାଶ କରିଛି। ଷ୍ଟମ୍ପ ଅପସାରଣ ବେଳକୁ କେବଳ କାମିଲ ମିଶରା ୫ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଦିନରେ ଦେବଦତ୍ତ ପଡିକ୍କଲ ଓ ଦ୍ୱିତୀୟରେ ଶତକ ମାରିଛନ୍ତି ଧ୍ରୁବ ଜୁରେଲ। ପ୍ରଥମ ଦିନରେ ରିଟାୟର୍ଡ ହର୍ଟ ହୋଇଥିବା ଋଷଭ ପନ୍ତ ବି ଆଜି ଖେଳିଛନ୍ତି ୬୩ ରନର ଦମଦାର ଇନିଂସ। ଭାରତ ପାଇଁ ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୁତାର ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି। ପ୍ରଥମ ଦିନରେ ପାଡିକ୍କଲଙ୍କ ୧୧୭ ରନ ଯୋଗୁ ଭାରତ ଖେଳ ଶେଷ ସୁଦ୍ଧା ୫ ୱିକେଟ ହରାଇ ୩୦୦ ରନ କରିଥିଲା। ଆଜି ଜୁରେଲ ୭ ରନ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନରୁ ନିଜର ଇନିଂସ ଆରମ୍ଭ କରିଥିଲେ। କିନ୍ତୁ ସାରାଂଶ କେବଳ ଆଉ ୨ ରନ କରି ପ୍ୟାଭିଲିୟ ଫେରିଥିଲେ। ଆଉ ଏହାପରେ ଆସିଥିଲେ ପନ୍ତ। ସେ ଜୁରେଲଙ୍କ ସହ ମିଶି ଦଳୀୟ ସ୍କୋର ଆଗକୁ ନେଇଥିଲେ। ଉଭୟ ଦ୍ରୁତଗତିରେ ରନ ସଂଗ୍ରହ କରି ନିଜ ନିଜର ଅର୍ଦ୍ଧଶତ ହାସଲ କରିଥିଲେ। ଦଳୀୟ ସ୍କୋରକୁ ୪୦୦ ପାର କରାଇ ଦେଇଥିଲେ। ହେଲେ ଲଞ୍ଚ ପରେ ବଡ଼ ଶଟ ଖେଳିବାକୁ ଯାଇ ୬୩ ରନରେ ଆଉଟ ହୋଇଥିଲେ ପନ୍ତ। ପନ୍ତ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୪୧୯ ଥିଲା। ଏହି ଠାରୁ ସ୍ଥିତି ସମ୍ଭାଳିଥିଲେ ଜୁରେଲ। ପ୍ରଥମେ ସେ ମାନବ ସୂତାରଙ୍କ ସହ ମିଶି ନିଜର ଶତକ ଅଭିମୁଖେ ଯାଇଥିଲେ। ଭାରତ ମଧ୍ୟ ଦୃଢ଼ ସ୍ଥିତିରେ ପହଞ୍ଚି ଯାଇଥିଲା। କିନ୍ତୁ



ଜୁରେଲ ୯୫ ରନରେ ଥିବା ବେଳେ ବର୍ଷା ହୋଇଥିଲା।ମାନବ ମଧ୍ୟ ୧୮ ରନ କରି ଆଉଟ ହୋଇ ଯାଇଥିଲେ। ଗୋଟିଏ ପଟେ ବର୍ଷା ଓ ଆଉ ଗୋଟିଏ ପଟେ ମାତ୍ର ୨ଟି ୱିକେଟ ଥିବାରୁ ଜୁରେଲଙ୍କ ଶତକ ପୂରଣ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ହେଲେ ମହମ୍ମଦ ସିରାଜ ତାଙ୍କୁ ଭରପୂର ସାଥ ଦେଇଥିଲେ।କିଛି ସମୟ ପରେ ବର୍ଷା ମଧ୍ୟ ଛାଡ଼ ଯାଇଥିଲା। ବର୍ଷା ଛାଡ଼ି ଖେଳ ଆରମ୍ଭ ହେବା ମାତ୍ରେ ଜୁରେଲ ନିଜ ଟେଷ୍ଟ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରିଥିଲେ। ଶତକ ହାସଲ କରିବା ମାତ୍ରେ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ଛକା।କିନ୍ତୁ ପରବର୍ତ୍ତୀ ଓଭରର ପ୍ରଥମ ବଲରେ ୩ ରନ କରିଥିବା ମହମ୍ମଦ ସିରାଜ ଆଉଟ ହୋଇଯାଇଥିଲେ। କିନ୍ତୁ ସେ ୨୯ଟି ବଲର ସାମ୍ନା କରି ଜୁରେଲଙ୍କ ଶତକ ପୂରଣରେ ସହାୟତା କରିଥିଲେ। ସିରାଜ ଆଉଟ ହେବା ପରେ ଜୁରେଲ କିଛି ବଡ଼ ଶଟ ଖେଳି ଦଳୀୟ ସ୍କୋରକୁ ୫୦୦ ପାର କରିଥିଲେ। ଦଳୀୟ ସ୍କୋର ୪୯୯ ରନ ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବ୍ୟାଟ୍ରୁ ଦେଖିବାକୁ ମିଳିଥିଲା ଚୌକା। ଏହି ଚୌକା ସହ ଭାରତର ସ୍କୋର ୫୦୦ ପାର କରିଥିଲା। ଭାରତ ୫୦୩/୯ ସ୍ଥିତିରେ ଥିବା ବେଳେ ଅଧିନାୟକ ଶୁବମନ ଗିଲ୍ ପାଳି ଘୋଷଣା କରିଥିଲେ। ଏହି ସମୟରେ ଜୁରେଲ ୧୧୫ ରନ କରିଥିଲେ। ଭାରତ ପାଳି ଘୋଷଣା କରିବାରୁ ଶ୍ରୀଲଙ୍କାକୁ ଦ୍ୱିତୀୟ ଦିନରେ ୩ ଓଭର ବ୍ୟାଟିଂ କରିବାକୁ ପଡ଼ିଥିଲା। ହେଲେ ଦ୍ୱିତୀୟ ଓଭରର ପ୍ରଥମ ବଲରେ ପ୍ରସିଦ୍ଧ ୧ ରନ କରିଥିବା ଲାହିରୁ ଉଦାରାଙ୍କୁ ଆଉଟ କରିଥିଲେ। ଶ୍ରୀଲଙ୍କା ୧ ରନରେ ପ୍ରଥମ ୱିକେଟ ହରାଇଥିଲା।ଖେଳ ସରିବାକୁ ୧୦ଟି ବଲ ବାକି ଥିବାରୁ ଶ୍ରୀଲଙ୍କା ନାଇଟ ୱାଚମ୍ୟାନ ଭାବେ ପ୍ରଭତ ଜୟସୁରିୟାଙ୍କୁ ପଠାଇଥିଲା। ସେ ମଧ୍ୟ ୬ଟି ବଲ ସାମ୍ନା କରି ୨ ରନ କରିଥିଲେ। କିନ୍ତୁ ଦିବସର ଶେଷ ବଲରେ ମାନବ ସୂତାର ତାଙ୍କୁ ଆଉଟ କରି ସବୁ କିଛି ଓଲଟପାଲଟ କରି ଦେଇଛନ୍ତି।

## ଜୟସ୍ୱାଲ, ଫର୍ଣ୍ଣାଣ୍ଡୋ ଦଣ୍ଡିତ

କଲମ୍ବୋ, ୨୪।୮(ଏଜେନ୍ସି) :ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନ ପଡ଼ିଆରେ ଯୁକ୍ତିତର୍କ କରିଥିବା ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଏବଂ ଶ୍ରୀଲଙ୍କାର ଦ୍ରୁତ ବୋଲର ଅସିଥା ଫର୍ନାଣ୍ଡୋଙ୍କୁ ଦଣ୍ଡିତ କରିଛି ଆଇସିସି। ଉଭୟଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା ବାବଦରେ କଟାଯିବା ସହ ଗୋଟିଏ ଲେଖାଏଁ ଡିମେରିଟ୍ ପଏଣ୍ଟ ଦିଆଯାଇଛି।ଦ୍ୱିତୀୟ ଟେଷ୍ଟର ପ୍ରଥମ ପାଳିର ୧୭ତମ ଓଭରରେ ଆଉଟ୍ ହେବା ପରେ ଜୟସ୍ୱାଲଙ୍କୁ ପାଭିଲିୟନ ଫେରିବାକୁ ଇଙ୍ଗିତ କରିଥିଲେ ଫର୍ଣ୍ଣାଣ୍ଡୋ। ଏଥିରେ ଜୟସ୍ୱାଲ ଉତକ୍ଷିପ୍ତ ହୋଇ ଫର୍ଣ୍ଣାଣ୍ଡୋଙ୍କ ପାଖକୁ ମାଡ଼ି ଯାଇ ମୁହାଁମୁହିଁ ହୋଇଥିଲେ। ଏପରିକି ହେଲ୍ମେଟ୍ ଫର୍ଣ୍ଣାଣ୍ଡୋଙ୍କ ମୁହଁରେ ଲଗାଇବାକୁ ଯାଉଥିଲା ବେଳେ ଅନ୍ୟ ଖେଳାଳିମାନେ ସେମାନଙ୍କୁ ନିବୃତ କରିଥିଲେ।ଉଭୟେ ଆଇସିସି ଆଚରଣବିଧିର ଧାରା ୨.୧୨ର ଉଲ୍ଲଙ୍ଘନ କରିବା ସହ ଲେଭଲ-୧ ଅପରାଧ କରିଛନ୍ତି ବୋଲି ଆଇସିସି ସୂଚନା ଦେଇଛି। ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଏହି ଦଣ୍ଡାଦେଶ ଘୋଷଣା କରିଥିବାବେଳେ ଉଭୟ ଖେଳାଳି ତାକୁ ଗ୍ରହଣ କରିଛନ୍ତି।

## ୧୪୦ ବର୍ଷ ପୁରୁଣା କୀର୍ତ୍ତିମାନ ଭାଙ୍ଗିଲେ ଶରିଫୁଲ୍

ମାକେ, ୨୪।୮(ଏଜେନ୍ସି) : ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଶୋଚନୀୟ ପରାଜୟ ସତ୍ତ୍ୱେ ବାଂଲାଦେଶର ଦ୍ରୁତ ବୋଲର ଶରିଫୁଲ୍ ଇସଲାମ ନିଜ ନାମରେ ଏକ ବଡ଼ ରେକର୍ଡ କରିଛନ୍ତି। ରବିବାର ମାକେରେ ଖେଳାଯାଇଥିବା ମ୍ୟାଚ୍ରେ ସେ ମାତ୍ର ୧୫ ଓଭରରେ ୪୮ ରନ୍ ଦେଇ ୭ଟି ୱିକେଟ୍ ହାସଲ କରିଥିଲେ। ଏହି ଚମତ୍କାର ବୋଲିଂ ପ୍ରଦର୍ଶନ ସହ ଶରିଫୁଲ୍ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଇନିଂସରେ ୭ ୱିକେଟ୍ ନେବାରେ ୧୪୦ ବର୍ଷ ପରେ ପ୍ରଥମ ବାମହାତୀ ଦ୍ରୁତ ବୋଲର ହୋଇଛନ୍ତି।ଏହା ପୂର୍ବରୁ ୧୮୮୬ ମସିହାରେ ଇଂଲଣ୍ଡର ଡିକ୍ ବାର୍ଲୋ ଅଷ୍ଟ୍ରେଲିଆ ବିପକ୍ଷରେ ଏଭଳି ସଫଳତା ପାଇଥିଲେ। ମାଞ୍ଚେଷ୍ଟରରେ ଖେଳାଯାଇଥିବା ଟେଷ୍ଟରେ ବାର୍ଲୋ ୪୪ ରନ୍ ଦେଇ ୭ଟି ୱିକେଟ୍ ନେଇଥିଲେ। ତେବେ ଟେଷ୍ଟ କ୍ରିକେଟରେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବଶ୍ରେଷ୍ଠ ବୋଲିଂ ରେକର୍ଡ ଇଂଲଣ୍ଡର ଜିମ୍ ଲେକରଙ୍କ ନାମରେ ରହିଛି। ୧୯୫୬ ମସିହା ଜୁଲାଇରେ ମାଞ୍ଚେଷ୍ଟର ଟେଷ୍ଟର ଦ୍ୱିତୀୟ ଇନିଂସରେ ଲେକର ମାତ୍ର ୫୩ ରନ୍ ଦେଇ ଅଷ୍ଟ୍ରେଲିଆର ସମସ୍ତ ୧୦ ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ।

## ରାଜ୍ୟପାଳଙ୍କୁ ଭେଟିଲେ ମାଉଣ୍ଟ ୟୁନାମ ଆରୋହଣକାରୀ

ଭୁବନେଶ୍ୱର, ୨୪।୮(ସବ୍ୟୁ) : ହିମାଚଳ ପ୍ରଦେଶର ୬,୧୧୧ ମିଟର ଉଚ୍ଚ ମାଉଣ୍ଟ ୟୁନାମ ଗିରିଶୃଙ୍ଗ ସଫଳତାର ସହ ଆରୋହଣ କରିଥିବା ଓଡ଼ିଶାର ମହିଳା ପର୍ବତାରୋହୀ ଦଳ ଆଜି (ସୋମବାର) ଲୋକ ଭବନରେ ଓଡ଼ିଶା ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।ଏହି ଅବସରରେ ଦଳର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କୁ ରାଜ୍ୟପାଳ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଅଭିଯାନ ସମୟରେ ସେମାନେ ସାମ୍ନା କରିଥିବା ଆହ୍ୱାନ ଓ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ।ଦଳର ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ମାଉଣ୍ଟ ୟୁନାମ ଶୃଙ୍ଗରେ ପହଞ୍ଚିବାରେ ସଫଳ ହୋଇଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ୬ ଜଣଙ୍କୁ ମଝିରୁ ଫେରିବାକୁ ପଡ଼ିଥିଲା।ଏହି ସଫଳତା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟପାଳ କହିବା ସହ ଏହା ଅଧିକ ମହିଳାଙ୍କୁ ପର୍ବତାରୋହଣ ଓ ଅନ୍ୟାନ୍ୟ ଦୁଃସାହସିକ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଆସୋସିଏସନ ଫର ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜର ଉପସଭାପତି ହରେଶ କୁମାର ମିଶ୍ର ଏବଂ ସଂଘର ସମ୍ପାଦକ ତଥା ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା ମଧ୍ୟ ଉପସ୍ଥିତ ଥିଲେ।



## ହକି ବିଶ୍ୱକପ୍

# ସେମି ରେସ୍‌ରୁ ଭାରତ ଆଉଟ୍

ଆମଷ୍ଟେଲଭିନ୍, ୨୪।୮(ଏଜେନ୍ସି) : ବିଧିବଦ୍ଧ ଭାବେ ହକି ବିଶ୍ୱକପର ସେମି ଫାଇନାଲ ରେସରୁ ବିଦାୟ ନେଇଛି ଭାରତ। ରବିବାର ଭାରତୀୟ ମହିଳା ଦଳ ଓ ସୋମବାର ଭାରତୀୟ ପୁରୁଷ ଦଳ ହକି ବିଶ୍ୱକପର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଭାରତୀୟ ମହିଳା ଦଳ ନିଜର ଶେଷ ମ୍ୟାଚକୁ ଅଷ୍ଟ୍ରେଲିଆ ସହ ୦-୦ରେ ଶେଷ କରିଥିଲେ ହେଁ ଗୋଲ ବ୍ୟବଧାନ ଦୃଷ୍ଟିରୁ ସେମି ଫାଇନାଲ ରେସ୍ରୁ ବାଦ ପଡ଼ିଥିଲା। ଆଉ ଭାରତୀୟ ପୁରୁଷ ଦଳକୁ ସେମି ରେସରେ ରହିବା ପାଇଁ ଆର୍ଜେଣ୍ଟିନକା ୨ ଗୋଲ ବ୍ୟବଧାନରେ ହରାଇବାର ଥିଲା। କିନ୍ତୁ ଆର୍ଜେଣ୍ଟିନା ୫-୩ରେ ମ୍ୟାଚ୍ ଜିତି ନିଜର ସେମି ଫାଇନାଲ ଆଶା ବଜାୟୀ ରଖିଛି। ଆଜିର କର ବା ମର ମ୍ୟାଚରେ ଭାରତୀୟ ଖେଳାଳି ଆରମ୍ଭରୁ ହିଁ ନର୍ଭସ ହୋଇ ଯାଇଥିଲେ। ମ୍ୟାଚର ୪୦ ସେକେଣ୍ଡ



ମଧ୍ୟରେ ଆର୍ଜେଣ୍ଟିନା ଗୋଲ ସ୍କୋର କରି ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। ଜୋଆକ୍ୱିନ ତୋସକାନି ଫିଲ୍ଡ ଗୋଲ କରି ଭାରତ ଶିବିରରେ ନିରାଶା ଖେଳାଇ ଦେଇଥିଲେ। ଏହାର ୬ ମିନିଟ ପରେ ଆର୍ଜେଣ୍ଟିନାକୁ ମିଳିଥିବା ପେନାଲ୍ଟି କର୍ଣ୍ଣର। ଏହାକୁ ଡେଲା ଟୋରେ ଗୋଲରେ ପରିଣତ କରି ସ୍ଥିତି ୨-୦ କରିଥିଲେ। ୦-୨ରେ ପଛରେ ଥିଲେ ମଧ୍ୟ ଭାରତ କମବ୍ୟାକ ପାଇଁ ଚେଷ୍ଟା କରିଥିଲା। ସୁଖଜିତ ମ୍ୟାଚର ୧୦ମ ମିନିଟ୍ରେ ଗୋଲ କରି ସ୍ଥିତିକୁ ୧-୨ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ଘନଘନ ଆକ୍ରମଣ କରିଥିଲା। ଭାରତ କେବଳ ଏହାକୁ ଡିଫେଣ୍ଡ କରିବା ଛଡ଼ା ଆଉ କିଛି କରିପାରି ନଥିଲା। ଦ୍ୱିତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବାରୁ ହାଫ ଟାଇମ ସୁଦ୍ଧା ସ୍ଥିତି ୧-୨ ରହିଥିଲା। ଭାରତ ପ୍ରଥମ ୩୦ ମିନିଟରେ କୌଣସି ପିସି ହାସଲ ନ କରିବା ମଧ୍ୟ ସମସ୍ତଙ୍କୁ ଚକିତ କରିଥିଲା। ହାଫ ଟାଇମ ପରେ ରଣନୀତି ବଦଳାଇଥିଲା ଆର୍ଜେଣ୍ଟିନା। ପୂର୍ବାପେକ୍ଷା ଦଳ ଅଧିକ ଆକ୍ରମଣ କରିଥିଲା। ହେଲେ ଭାରତ ପ୍ରଥମେ ଏହାକୁ ରୋକି ଥିଲା। ଦଳକୁ ପିସି ବି ମିଳିଥିଲା। କିନ୍ତୁ ଏହାକୁ ଅଧିନାୟକ ହରମନପ୍ରୀତି ସିଂହ ୪ଥରର ପ୍ରୟାସରେ ବି ଗୋଲରେ ପରିଣତ କରିପାରି ନଥିଲେ। ଏହାପରେ ଆର୍ଜେଣ୍ଟିନା ଗୋଲ ବର୍ଷା କରିଥିଲା। ୩୩ତମ ମିନିଟରେ ଡୋମେନେ ଫିଲ୍ଡ ଗୋଲ କରିଥିବା ବେଳେ ଡି ଭିତରେ ଭାରତ ଭୁଲ କରିବାରୁ ଆର୍ଜେଣ୍ଟିନକା ୪୫ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ଏହାକୁ ଡୋମେନେ ପୁଣି ଗୋଲରେ ପରିଣତ କରି ସ୍ଥିତି ୪-୧ କରି ଦେଇଥିଲେ।ଭାରତ ୧-୪ରେ ପଛରେ ଥିବା ବେଳେ ୫୩ତମ ମିନିଟରେ ଲୁକାସ ତୋସକାନି ପୁଣି ଗୋଟିଏ ଫିଲ୍ଡ ଗୋଲ କରିଥିଲେ। ଏଥିସହ ଭାରତର ବିଜୟକୁ ସଂପୂର୍ଣ୍ଣ ଭାବେ ଧୂଳିସାତ କରି ଦେଇଥିଲେ। ଭାରତ ୫୮ତମ ମିନିଟରେ ସୁଖଜିତଙ୍କ ଷ୍ଟିକରୁ ଆଉ ଗୋଟିଏ ଗୋଲ ପାଇଥିଲା। ମ୍ୟାଚର ୫୯ତମ ମିନିଟରେ ହାର୍ଦ୍ଦିକ ସିଂହ ପେନାଲ୍ଟି ଷ୍ଟ୍ରୋକରୁ ତୃତୀୟ ଗୋଲ କରିଥିଲେ। ଶେଷ ମିନିଟରେ ଭାରତକୁ ସ୍ଥିତି ୪-୫ କରିବାର ସୁଯୋଗ ମିଳିଥିଲା।କିନ୍ତୁ ପିସିକୁ ହରମନପ୍ରୀତ ପୁଣି ଗୋଲ କରିବାରେ ବିଫଳ ହୋଇଥିଲେ।

## ଇତିହାସ ରଚିଲେ ଲାନିଏର

ନୂଆଦିଲ୍ଲୀ, ୨୪।୮(ଏଜେନ୍ସି) : ନୂଆଦିଲ୍ଲୀରେ ଖେଳାଯାଇଥିବା ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପରେ ନୂଆ ଇତିହାସ ଲେଖା ହୋଇଛି। ଫ୍ରାନ୍ସର ପ୍ରଥମ ଖେଳାଳି ଭାବେ ୨୧ବର୍ଷୀୟ ଆଲେକ୍ସ ଲାନିଏର ପୁରୁଷ ଏକକ ଟ୍ରଫି ଜିତି ନିଜ ଦେଶର କ୍ରୀଡ଼ା ଇତିହାସରେ ସଫଳତାର ନବୀନ ଫର୍ଦ୍ଦ ଯୋଡ଼ିଛନ୍ତି। ସେହିଭଳି ପ୍ରଥମ ଫରାସୀ ଯୋଡ଼ି ଭାବେ ଥମ୍ ଗିକ୍ୱେଲ ଓ ଡେଲଫିନ ଡେଲରୁ ମିଶ୍ରିତ ଯୁଗଳ ଟ୍ରଫି ଜିତିବାର ଗୌରବ ଅର୍ଜନ କରିଛନ୍ତି। ରବିବାରର ଉତ୍କଣ୍ଠାପୂର୍ଣ୍ଣ ଫାଇନାଲରେ ଗିକ୍ୱେଲ ଓ ଡେଲରୁ ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଚୀନର ଫେଙ୍ଗ ୟାନ ଝେ' ଓ ହୁଆଙ୍ଗ ଡଙ୍ଗ ପିଙ୍ଗଙ୍କୁ ୨୧-୧୯, ୨୧-୧୯ ଗେମରେ ପରାସ୍ତ କରି ବିଶ୍ୱ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତିବାରେ ଫ୍ରାନ୍ସର ପ୍ରଥମ ଯୋଡ଼ି ହୋଇଥିଲେ।

## ନାଇଟ୍ କ୍ଲବ ବିବାଦରେ ଇଂଲଣ୍ଡ କ୍ରିକେଟର

ଲଣ୍ଡନ : ଡର୍ବିର ଏକ ନାଇଟ୍ କ୍ଲବରେ ଶନିବାର ରାତିରେ ଘଟିଥିବା ଏକ ଘଟଣାକୁ ନେଇ ଇଂଲଣ୍ଡର ଦ୍ରୁତ ବୋଲର ବ୍ରାଇଡନ୍ କାର୍ସ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା କିଛି ଭିଡିଓରେ କାର୍ସଙ୍କୁ ହାତକଡ଼ି ପିନ୍ଧାଇ ପୁଲିସ ଅଧିକାରୀମାନେ ନେଇଯାଉଥିବା ଦେଖାଯାଇଛି। ଘଟଣା ସମ୍ପର୍କରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) କହିଛି ଯେ ଡର୍ବିରେ ଘଟିଥିବା ଘଟଣା ବିଷୟରେ ସେମାନେ ଅବଗତ ଅଛନ୍ତି ଏବଂ ଏହାର ତଦନ୍ତ ଚାଲିଛି। ପରବର୍ତ୍ତୀ ସମୟରେ ଏନେଇ ଅଧିକ ସୂଚନା ଦିଆଯିବ।କାର୍ସଙ୍କ ସହ ତାଙ୍କ ଡର୍ହାମ ଦଳର ସାଥୀ ମାଥ୍ୟୁ ପଟ୍ସ ମଧ୍ୟ ଉକ୍ତ ଘଟଣା ସମୟରେ ଥିବା ଜଣାପଡ଼ିଛି। ଉଭୟ ଖେଳାଳି ଡର୍ବିରେ ଡର୍ବିଶାୟର ବିପକ୍ଷରେ କାଉଣ୍ଟି ଚାମ୍ପିଅନସିପ୍ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚରେ ଡର୍ହାମ ୩୩୮ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା। ୩୧ ବର୍ଷୀୟ କାର୍ସ ଇଂଲଣ୍ଡ ପାଇଁ ୧୪ଟି ଟେଷ୍ଟ ଖେଳିଛନ୍ତି। ୨୦୨୫-୨୬ ଆଶେସ୍ ସିରିଜରେ ଇଂଲଣ୍ଡ ୪-୧ରେ ପରାସ୍ତ ହୋଇଥିଲେ ମଧ୍ୟ କାର୍ସ ଦଳର ପ୍ରମୁଖ ବୋଲର ଭାବେ ଉଭା ହୋଇଥିଲେ।

## ଗ୍ରାଣ୍ଡ ଚେସ୍ ଟୁର

## ଫାଇନାଲର ନିକଟତର ହେଲେ ପ୍ରଜ୍ଞାନନ୍ଦ

ସେଣ୍ଟ ଲୁଇସ୍ , ୨୪।୮(ଏଜେନ୍ସି) : ଜର୍ମାନୀର ଗ୍ରାଣ୍ଡମାଷ୍ଟର ଭିନସେଣ୍ଟ କେମରଙ୍କୁ ପରାସ୍ତ କରି ଭାରତୀୟ ତାରକା ଆର୍. ପ୍ରଜ୍ଞାନନ୍ଦ ଗ୍ରାଣ୍ଡ ଚେସ୍ ଟୁରର ଚୂଡ଼ାନ୍ତ ଇଭେଣ୍ଟ ଫାଇନାଲର ନିକଟତର ହୋଇଛନ୍ତି। ପ୍ରଜ୍ଞାନନ୍ଦ ସେମିଫାଇନାଲ୍ ମ୍ୟାଚରେ ୯-୩ ପଏଣ୍ଟରେ ଆଗୁଆ ରହିଛନ୍ତି। ସେଣ୍ଟ ଲୁଇସରେ ଖେଳାଯାଇଥିବା ମୁକାବିଲାଟି ଆରମ୍ଭରୁ ରୋମାଞ୍ଚକ ରହିଥିଲା। ଧଳା ଘୋଡ଼ାରେ ଖେଳୁଥିବା ପ୍ରଜ୍ଞାନନ୍ଦଙ୍କ ପ୍ରାରମ୍ଭିକ ଚାଲରେ କିଛି ତ୍ରୁଟି ଦେଖାଯାଇଥିଲା। କେମର ଏହାର ଫାଇଦା ଉଠାଇ ପ୍ରଜ୍ଞାନନ୍ଦଙ୍କ ରାଜା ଉପରେ ଚାପ ବଢ଼ାଇଥିଲେ। ତେବେ କେମର ଏକ ରଣନୈତିକ ଭୁଲ୍ କରିବା ପରେ ଖେଳର ଗତି ଭାରତୀୟ ଗ୍ରାଣ୍ଡମାଷ୍ଟରଙ୍କ ସପକ୍ଷରେ ଯାଇଥିଲା। ଦ୍ୱିତୀୟ ଟାଇମ୍ କଣ୍ଟ୍ରୋଲ୍ ପରେ ପ୍ରଜ୍ଞାନନ୍ଦ ନିଜ ଆକ୍ରମଣକୁ ଆହୁରି ତୀବ୍ର କରିଥିଲେ। ସେ କେମରଙ୍କ ରାଜାକୁ ମାତ୍ ଦେବାର ଖୁବ୍ ନିକଟରେ ପହଞ୍ଚିବା ପରେ ୫୫ତମ ଚାଲ୍ରେ ଜର୍ମାନ ଖେଳାଳି ପରାଜୟ ସ୍ୱୀକାର କରିଥିଲେ। ଏହି ବିଜୟ ପରେ ୪.୫ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ଯିବା ପାଇଁ ପ୍ରଜ୍ଞାନନ୍ଦ ଆଉ ମାତ୍ର ୬ ପଏଣ୍ଟ ଦୂରରେ ଅଛନ୍ତି। ଟୁର୍ଣ୍ଣାମେଣ୍ଟ ବିଜେତାଙ୍କ ପାଇଁ ୨ ଲକ୍ଷ ଡଲାର ପୁରସ୍କାର ରହିଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

## ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା

# ଅଷ୍ଟମ ଆଜାଦ କପ୍‌ରେ ବାଲେଶ୍ୱରର କୃତିତ୍ୱ

ବାଲେଶ୍ୱର,(ସବ୍ୟୁ): ଗତ ୧୬ ତାରିଖରେ ମୟୂରଭଞ୍ଜର କରଞ୍ଜିଆ ଠାରେ,ରାମ ବାଟିକା ହଲରେ ରାଜ୍ୟ ସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରତିଯୋଗିତାରେ ବାଲେଶ୍ୱରର ଫିଟ -୨-ଫାଇଟର କରାଟେ ସେଣ୍ଟର କୃତି ୩୨ଜଣ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୬ବର୍ଷ ବିଭାଗ ଠାରୁ ଆରମ୍ଭ କରି୨୦ ବର୍ଷ ବିଭାଗରେ ସମସ୍ତେ ଅଂଶ ଗ୍ରହଣ କରିଥିଲେ ।ସେହି କୃତି ପ୍ରତିଯୋଗୀମାନଙ୍କ ମଧ୍ୟରୁ ୧୦ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଏବଂ ୧୭ଟି ସିଲଭର ପଦକ ଜିତିଥିଲେ,ଏବଂ୨୬ଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଫିଟ-୨-ଫାଇଟର ମୂଖ୍ୟ କୋଚ ମନୋରଞ୍ଜନ ଆଚାର୍ଯ୍ୟ ପ୍ରଶିକ୍ଷଣ ଦେଇଥିଲେ । କୃତି ପ୍ରତିଯୋଗୀମାନଙ୍କ ମଧ୍ୟରୁ କାଟା ୬ବର୍ଷ ବିଭାଗରେ କାବ୍ୟା ପାଣିଗ୍ରାହୀ ସ୍ୱର୍ଣ୍ଣ ପଦକ, ଦିବ୍ୟାଂଶୀ ପାଠୀ ୯ବର୍ଷ ବିଭାଗରେ ସ୍ୱର୍ଣ୍ଣ ପଦକ,ସୌରଭ ସିଂହ ୧୩ ବର୍ଷ ବିଭାଗରେ ସ୍ୱର୍ଣ୍ଣ ପଦକ, ସାତଭିକ୍ ସିହ୍ନା ୮ବର୍ଷ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥଲେ । ସେହିଭଳି କୁମିଟେ ବିଭାଗରେ । ୯ବର୍ଷ ବିଭାଗରେ ସାଇ କ୍ରିଷ୍ଣା ନାୟକ ସ୍ୱର୍ଣ୍ଣ ପଦକ, ୧୩ ବର୍ଷ ବିଭାଗରେ ସୌରଭ ସିଂ ସ୍ୱର୍ଣ୍ଣ ପଦକ, ୮ବର୍ଷ ବିଭାଗରେ ସାତଭିକ୍ ସିହ୍ନା ସ୍ୱର୍ଣ୍ଣ ପଦକ , ୧୦ବର୍ଷ ବିଭାଗରେ ପ୍ରଭୁ କଲ୍ୟାଣ ପଣ୍ଡିତ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେହିଭଳି କାଟା ଓ କୁମିଟେରେ ସିଲବର ପଦକ, ଗୁଞ୍ଜନ ସାହା ୧୧ ବର୍ଷ ବାଳିକା ବିଭାଗରେ କୁମିଟେରେ ସିଲଭର ପଦକ, ଜେନିଫର ପୀଟର କୁ ୧୩ବର୍ଷ ବାଳିକା ବିଭାଗରେ ଉଭୟ କାଟା ଓ କୁମିଟେ ବିଭାଗରେ ସିଲଭର ପଦକ,ଦିବ୍ୟାଂଶ ପ୍ରିୟପଦ୍ମ



। ଆୟୁଷ ପାତ୍ର କାଟା ଓ କୁମିଟେ ୧୪ ବର୍ଷ ବିଭାଗରେ ସିଲଭର ପଦକ, ଗୁଞ୍ଜନ ସାହା ୧୧ ବର୍ଷ ବାଳିକା ବିଭାଗରେ କୁମିଟେରେ ସିଲଭର ପଦକ, ଲିଂ। ଜେଯାତି ବେହେରା କୁମିଟେରେ ୧୨ବର୍ଷ ବାଳିକା ବିଭାଗରେ ସିଲଭର ପଦକ,ଚିନ୍ମୟ ଭଞ୍ଜ ୧୧ ବାଳକ ବିଭାଗରେ କୁମିଟେରେ ସିଲଭର ପଦକ,ମୋନାଲିଶା ବେହେରା ୧୧ ବର୍ଷ ବଳକା ବିଭାଗରେ ଉଭୟ ଚକ୍ରକୁ ୮ବର୍ଷ ବାଳିକା ବିଭାଗରେ କାଟା ଓ କୁମିଟେ ବିଭାଗରେ ସିଲବର ପଦକ , ତନବୀର ସାହୁ କୁ ୧୧ ବର୍ଷ ବାଳକ ବିଭାଗରେ କାଟାରେ ସିଲଭର ପଦକ, ସାଇ କ୍ରିଷ୍ଣା ନାୟକ ୯ ବର୍ଷ ବାଳକ ବିଭାଗରେ କାଟାରେ ସିଲଭର ପଦକ,ଦେବଶ୍ରିତ ମିଶ୍ର ୧୮ବର୍ଷ ବିଭାଗରେ କାଟାରେ ସିଲଭର ମେଡାଲ ହାସଲ କରିଥିଲେ,ସାଇ କ୍ରୀଷ୍ଣା ନାୟକ ୯ବର୍ଷ ବାଳକ ବିଭାଗରେ କାଟାରେ ସିଲବର ମେଡାଲ ହାସଲ କରିଥିଲେ, ସେହିପରି ୧୧ବର୍ଷ ବାଳକ ବିଭାଗରେ ବିଘ୍ନେଶ ସେନାପତି ସିଲଭର ମେଡାଲ, ଆୟୁଶମାନ ସାମଲ ୯ବର୍ବିଭାଗରେ କାଟା ରେ ସିଲବର ହାସଲ କରିଥିଲେ, ମୁଗ୍ଧମୟୀ ଯଶସ୍ୱନୀ ୧୨ବର୍ଷ ବାଳିକା ବିଭାଗରେ ସିଲବର ମେଡାଲ ହାସଲ କରିଥିଲେ । ଶ୍ରୀୟମ ପ୍ରଧାନ ୯ ବର୍ଷ ବାଳକ ବିଭାଗରେ କାଟା ରେ ସିଲଭର ମେଡାଲ ହାସଲ କରିଥିଲେ । ସେହିଭଳି ୧୧ବର୍ଷ ବାଳିକା ବିଭାଗରେ ଗୁଞ୍ଜନ ସାହା କୁମିଟେରେ ବ୍ରୋଞ୍ଜ ମେଡାଲ, ପୌଲିନା ପରିଡ଼ା ୭ବର୍ଷ ବାଳିକା ବିଭାଗରେ କାଟା ଓ କୁମିଟେରେ ବ୍ରୋଞ୍ଜ ମେଡାଲ , ଦର୍ଶନ ଦାସ ମହାପାତ୍ର ୧୨ବର୍ଷ ବାଳକ ବିଭାଗରେ କାଟା ରେ ବ୍ରୋଞ୍ଜ ମେଡାଲ, ଲିଂ। ଜେଯାତି ବେହେରା ୧୨ ବର୍ଷ ବାଳିକା ବିଭାଗରେ କାଟା ରେ ବ୍ରୋଞ୍ଜ ମେଡାଲ, ଦେବସ୍ମିତା ମହାପାତ୍ର ଉଭୟ କାଟା ଓ କୁମିଟେ ରେ ବ୍ରୋଞ୍ଜ ମେଡାଲ, ଚିନ୍ମୟ ଭଞ୍ଜ କାଟା ଭିଗରେ ବ୍ରୋଞ୍ଜ ମେଡାଲ,୧୨ବର୍ଷ ବାଳିକା ବିଭାଗରେ ନାଭ୍ୟା ତ୍ରିଓ୍ୱାଲ ଉଭୟ କାଟା ଓ କୁମିଟେରେ ଓ୍ୱରେଂଜ ମେଡାଲ, ମିହିକା ନନ୍ଦ ୮ବର୍ଷ ବାଳିକା ବିଭାଗରେ ଉଭୟ କାଟା ଓ କୁମିଟେରେ ବ୍ରୋଞ୍ଜ ମେଡାଲ, ଲାରନ୍ୟା ଦତ୍ତ ୮ବର୍ଷ ବାଳିକା ବିଭାଗରେ ଉଭୟ କାଟା ଓ କୁମିଟେରେ ବ୍ରୋଞ୍ଜ ମେଡାଲ, କାଭ୍ୟା ପାଣିଗ୍ରାହୀ ୬ବର୍ଷ ବିଭାଗରେ କୁମିଟେରେ ବ୍ରୋଞ୍ଜ ମେଡାଲ, ବିଘ୍ନେଶ ସେନାପତି୧୧ବର୍ଷ ବାଳକ ବିଭାଗରେ କୁମିଟେରେ ବ୍ରୋଞ୍ଜ ମେଡାଲ, ପ୍ରଭୁ କଲ୍ୟାଣ ପଣ୍ଡିତ ୧୦ ବର୍ଷ ବାଳକ ବିଭାଗରେ କାଟାରେ ବ୍ରୋଞ୍ଜ ମେଡାଲ,ବର୍ଷିନ ପ୍ରିୟଦର୍ଶୀ ସିଂହ ଉଭୟ କାଟା କୁମିଟେରେ ବ୍ରୋଞ୍ଜ ମେଡାଲ, ଆୟୁଷ ଶେଖର ବେହେରା ୧୩ ବର୍ଷ ବାଳକ ବିଭାଗରେ ଉଭୟ କାଟା ଓ କୁମିଟେରେ ବ୍ରୋଞ୍ଜ ମେଡାଲ, ସ୍ୱାସ୍ତି ସିହ୍ନା ୧୩ବର୍ଷ ବାଳିକା ବିଭାଗରେ କାଟାରେ ବ୍ରୋଞ୍ଜ ମେଡାଲ, ଶ୍ରୀୟମ ପ୍ରଧାନ ୯ବର୍ଷ ବାଳକ ବିଭାଗରେ କୁମିଟେରେ ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ । ଏହି କୃତି ପ୍ରତିଯୋଗୀନଙ୍କୁ ମୁଖ୍ୟ ଅତିଥି ମେଡାଲ ଓ ମାନପତ୍ର ପ୍ରଦାନ କରିଥିଲେ ।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି